ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୭ /୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, February 17/ 2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

DSPL-414

ଓଡ଼ିଶା ସରକାର

ବିଜୁ ଯୁବ ବାହିନୀ
Biju Yuva Vahini

ଯୁବ ସମାବେଶ
ସ୍ୱେଚ୍ଛାସେବାର ଉତ୍ସବ

କଟକ, ୧୭ ଫେବୃଆରୀ ୨୦୧୯

'ବିଜୁ ଯୁବ ବାହିନୀ' ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ
ଜିଲ୍ଲା: କଟକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡ଼ା

ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା ସରକାର

Follow us: @odishabyv @odishabyv

29002/13/0010/1819

DSPL-415

ଓଡ଼ିଶା ସରକାର

ନବୀନ ଓଡ଼ିଶା ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି

ଓଡିଶା ସରକାର ଓ ଟାଟା ଟ୍ରଷ୍ଟଙ୍କ
ସହଭାଗିତାରେ ସ୍ଥାପିତ ହେଉଛି

ଓଡିଶା କ୍ୟାନ୍‌ସର ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର

ରତାଗଡ଼, ବାରଙ୍ଗ

ଶିଳାନ୍ୟାସ କରୁଛନ୍ତି

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ଓ

ଶ୍ରୀଯୁକ୍ତ ରତନ ଟାଟା

ଚେୟାରମ୍ୟାନ, ଟାଟା ଟ୍ରଷ୍ଟ୍ସ

୧୭ ଫେବୃୟାରୀ ୨୦୧୯
ଦିବା ୧୧ ଘଟିକା

10001/13/0068/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୭ /୨୦୧୯ | Bhubaneswar, Sunday, February 17/ 2019 | ପୃଷ୍ଠା-୧

କପିଲ ଶର୍ମା ଶୋ'ରୁ ସିଦ୍ଧୁ ବିଦା

ପୁଲୱାମା ଆକ୍ରମଣ ନେଇ ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପାକିସ୍ତାନକୁ ସୁହାଇଲା ଭଳି ମନ୍ତବ୍ୟ ଦେଇଥିବାରୁ କପିଲ ଶର୍ମା ଶୋ'ରୁ ତାଙ୍କୁ ବାଦ୍ ଦିଆଯାଇଛି।

୦୫ ୧୬

ସାଇନା ଚାମ୍ପିୟନ

ପି.ଭି. ସିନ୍ଧୁଙ୍କୁ ପରାସ୍ତ କରି ସାଇନା ନେହ୍ୱାଲ ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଟାଇଟଲ ବଜାୟ ରଖିଛନ୍ତି।



ଶହୀଦ ପ୍ରସନ୍ନ କୁମାର ସାହୁଙ୍କ ପାର୍ଥିବ ଶରୀର ଜଗତ୍‌ସିଂହପୁର ଜିଲା ନାଉଗାଁକୁ ନିଆଯାଉଛି।

■ ଭିତ୍ତିଭୂମି ନ ଥାଇ ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା

ମାଗଣାରୁ ହୀନସ୍ତା

■ ଅପେକ୍ଷାକରି ଜୀବନ ହରାଇଲେ ସୁଦାମ ପଣ୍ଡା

■ ଘରୋଇ ଡାକ୍ତରଖାନାକୁ ଲାଭ ଦେବା ଲାଗି ମେଶିନ ଖରାପ କରାଯାଉଥିବା ଅଭିଯୋଗ

ନିର୍ମଳ ପଣ୍ଡା
କଟକ ଅଫିସ, ୧୬।୨

ମାଗଣାରୁ ହୀନସ୍ତା। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ। ଏଠାରେ ରାଜ୍ୟ ସରକାର ସମସ୍ତ ପରୀକ୍ଷାନିରୀକ୍ଷା ଓ ଚିକିତ୍ସାକୁ ମାଗଣା କରିଛନ୍ତି। ହେଲେ ରୋଗୀଙ୍କ ପାଖରେ ତାହାର ସୁଫଳ ପହଞ୍ଚିବା ପାଇଁ ବ୍ୟବସ୍ଥାରେ ଉନ୍ନତି ଆଣିନାହାନ୍ତି। ମାଗଣା ଯୋଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ତଦନୁଯାୟୀ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ନାହିଁ। ଭିତ୍ତିଭୂମି କହିଲେ ମାନବ ସମ୍ବଳଠାରୁ ଆରମ୍ଭ କରି ଯନ୍ତ୍ରାଂଶ ଓ ପରିଚାଳନା ଆଦି ସମସ୍ତ କ୍ଷେତ୍ରରେ ଅଭାବ ପରିଲକ୍ଷିତ ହୋଇଛି। ଏପରି କି ମେଡିକାଲର ଯନ୍ତ୍ରାଂଶ ଦୀର୍ଘଦିନ ଧରି ଅଚଳ ରହୁଛି। ଫଳରେ ରୋଗୀ ଅପେକ୍ଷା କରି ଜୀବନ ହରାଉଛନ୍ତି। ଉଦାହରଣ ଭାବେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଥିବା ସିଆର୍ମ ମେଶିନକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ୧୫ ଦିନ ଧରି ଏହି ମେଶିନଟି ଅଚଳ ରହିବା ପରେ ସଜଡ଼ାଯାଇଥିଲା। କିନ୍ତୁ ମେଶିନ ସଜଡ଼ାଯିବା ବେଳକୁ ଜଗତ୍‌ପୁରର ସୁଦାମ ଚରଣ ପଣ୍ଡା ନାମକ ଜଣେ ରୋଗୀଙ୍କ ରୋଗ ବଢ଼ିଯାଇଥିଲା। ଫଳରେ ସୁଦାମଙ୍କୁ ମେଡିକାଲରୁ ଗତ ୧୦ ତାରିଖରେ ଡାକ୍ତରମାନେ ଡିସ୍‌ଚାର୍ଜ କରିବାକୁ ବାଧ୍ୟ ହୋଇଥିଲେ। ଶନିବାର ତାଙ୍କର ଘରେ ମୃତ୍ୟୁ ଘଟିଛି। କେବଳ ଭିତ୍ତିଭୂମି ଅଭାବ ନାହିଁ ମାଗଣା ଚିକିତ୍ସା ପ୍ରଣୟନ ପରେ ଘରୋଇ ଡାକ୍ତରଖାନାଗୁଡ଼ିକୁ ଲାଭ ଦେବା ଉଦ୍ଦେଶ୍ୟରେ ମେଡିକାଲର ଯନ୍ତ୍ରାଂଶଗୁଡ଼ିକୁ ଜାଣିଶୁଣି ଖରାପ କରାଯାଉଥିବା ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

୨୦୧୮ ଅଗଷ୍ଟ ୧୫ରୁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ଜିଲା, ସଦର ମହକୁମା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାକୁ ଲାଗୁ କରାଯାଇଥିଲା। ଫେବୃୟାରୀ ପହିଲାରୁ ଏହି ଯୋଜନାକୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ସମେତ ଶିଶୁଭବନ ଓ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ସମ୍ପ୍ରସାରଣ କରାଯାଇଛି। ଏହି ଯୋଜନାରେ ରୋଗୀଙ୍କୁ କେବଳ କ୍ୟାବିନ ଖର୍ଚ୍ଚକୁ ଛାଡ଼ିଦେଲା ପରେ ଆଉ କୌଣସି କ୍ଷେତ୍ରରେ ଗୋଟିଏ ଟଙ୍କା ମଧ୍ୟ ଦେବାକୁ ପଡ଼ିବ ନାହିଁ ବୋଲି ସରକାର ନିୟମ କରିଛନ୍ତି। ଏଥିପୂର୍ବରୁ ଅର୍ଥାତ୍ ୨୦୧୮ ଜାନୁୟାରୀ ୧ରୁ ସରକାର ରାଜ୍ୟରେ 'ନିଦାନ' ଓ 'ସହାୟ' ଯୋଜନା ଆରମ୍ଭ କରିଥିଲେ। ଫଳରେ ରୋଗ ନିରୂପଣ ପାଇଁ ପରୀକ୍ଷାନିରୀକ୍ଷା ବ୍ୟବସ୍ଥା ମାଗଣା ହୋଇଥିଲା। ହେଲେ ମେଡିକାଲ କଲେଜଗୁଡ଼ିକରେ ରୋଗୀଙ୍କୁ ଏମ୍‌ଆର୍‌ଆଇ, ସିଟିସ୍କାନ ସମେତ ଆଇସିୟୁ ବାବଦରେ ରିହାତି ଦେୟ ଦେବାକୁ ପଡୁଥିଲା। ଫେବୃୟାରୀ ପହିଲାରୁ ସମସ୍ତ ପରୀକ୍ଷାନିରୀକ୍ଷା ଓ ଚିକିତ୍ସାକୁ ଦେୟମୁକ୍ତ କରାଯାଇଛି। କିନ୍ତୁ ଏହି ମାଗଣା ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ ହେବା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରାଂଶ, ମାନବ ସମ୍ବଳ ଆଦି ଉପଲବ୍ଧ କରାଯାଇନାହିଁ।

ନିଦାନ ଓ ସହାୟ ଆରମ୍ଭ ହେବା ପରେ ଏସ୍‌ସିବି ମେଡିକାଲରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବଢିଥିବା ଦେଖାଯାଇଛି। ଗତବର୍ଷ ଏପ୍ରିଲରେ ମେଡିକାଲ ବହିର୍ବିଭାଗକୁ ୧ ଲକ୍ଷ ୪୫ହଜାର ୭୮୬ ଜଣ ରୋଗୀ ଆସିଥିବାବେଳେ ଇନ୍‌ଡୋରରେ ୧୦,୯୫୮ ରୋଗୀ ଭର୍ତ୍ତି ହୋଇଥିଲେ। ସେହିପରି ମେ ମାସରେ ବହିର୍ବିଭାଗକୁ ୧ ଲକ୍ଷ ୫୫ହଜାର ୯୪୩ ଜଣ ରୋଗୀ ଆସିଥିବାବେଳେ ଇନ୍‌ଡୋରକୁ ୧୧,୦୩୨ ରୋଗୀ ଆସିଥିବା ମେଡିକାଲ ରେକର୍ଡରୁ ଜଣାପଡୁଛି। ଏହି କ୍ରମରେ ୨୦୧୮ ଡିସେମ୍ବରରେ ମେଡିକାଲ ଆଉଟଡୋରକୁ ୧ ଲକ୍ଷ ୬୬ହଜାର ୨୫୦ ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥିବା ବେଳେ ଇନ୍‌ଡୋରକୁ ୨୦,୫୨୮ ରୋଗୀ ଆସିଛନ୍ତି। ୨୦୧୯ ଜାନୁୟାରୀରେ ମେଡିକାଲ ଆଉଟଡୋରକୁ ୧ ଲକ୍ଷ ୬୮ହଜାର ୨୯୫ ରୋଗୀ ଆସିଥିବାବେଳେ ଇନଡୋରକୁ ୨୩,୬୫୪ ରୋଗୀ ଆସିଥିବା ରେକର୍ଡରୁ ଜଣାପଡ଼ିଛି। ଅର୍ଥାତ୍ କ୍ରମାନ୍ୱୟରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିପାରି ନାହିଁ। ମେଡିକାଲରେ ☞ ପୃଷ୍ଠା–୨

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଶହୀଦଙ୍କ ପରିବାରକୁ ଦିନକର ଦରମା ଦେବ ଆଇପିଏସ୍ ଅଫିସର ସଂଘ

କଟକ ଅଫିସ, ୧୬।୨

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନମାନଙ୍କ ପରିବାରକୁ ସହଯୋଗର ହାତ ବଢାଇଛି ଓଡ଼ିଶା ଆଇପିଏସ୍ ଅଫିସର ସଂଘ। ଆତଙ୍କବାଦ କାର୍ଯ୍ୟକଳାପକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଅଫିସରମାନଙ୍କ ଗୋଟିଏ ଦିନର ଦରମା ଶହୀଦଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅର୍ଥ ସିଆର୍‌ପିଏଫ୍ ଡିଜିଙ୍କ କଲ୍ୟାଣ ପାଣ୍ଠିକୁ ଦିଆଯିବ ବୋଲି ସଂଘର ସମ୍ପାଦକ ଏସ୍.କେ. ଶର୍ମା ଶନିବାର ସୂଚନା ଦେଇଛନ୍ତି।

ଓଡ଼ିଶା ମାଟିରେ ଦୁଇ ଶହୀଦଙ୍କୁ ସମ୍ମାନ

■ ପ୍ରସନ୍ନ, ମନୋଜ ଅମର ରହେ ଧ୍ୱନିରେ ପ୍ରକମ୍ପିତ ବିମାନବନ୍ଦର

■ ପରିବାର ସଦସ୍ୟଙ୍କ କୋହରେ ଫାଟିପଡ଼ିଲା ପରିବେଶ

■ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ, ବିଭିନ୍ନ ଦଳର ନେତା ଓ ଅଧିକାରୀ

ଭୁବନେଶ୍ୱର,୧୬।୨ (ବ୍ୟୁରୋ)

ଜମ୍ମୁ ଓ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଜଗତସିଂହପୁର ଜିଲା ନାଉଗାଁର ପ୍ରସନ୍ନ କୁମାର ସାହୁ (୪୬) ଓ କଟକ ଜିଲା ନିଆଳି ବ୍ଲକ ରତନପୁର ପଞ୍ଚାୟତ ଗଜାବର ଗାଁର ମନୋଜ ବେହେରା(୩୬)ଙ୍କୁ ଶେଷ ସମ୍ମାନ ଜଣାଇଛି ଓଡ଼ିଶା ମାଟି। ଶନିବାର ଅପରାହ୍ନ ପ୍ରାୟ ୩ଟାରେ ସେମାନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲା। ଶେଷ ଦର୍ଶନ କରିବାକୁ ହଜାର ହଜାର ଛାତ୍ରୀଛାତ୍ର, ସାଧାରଣ ଲୋକ, ନେତା ଓ ଅଫିସର ବହୁ ପୂର୍ବରୁ ପହଞ୍ଚିଥିଲେ। ଦୁଇ ଯବାନଙ୍କ ପାର୍ଥିବ ଶରୀର ବାହାରକୁ ଅଣାଯିବାକ୍ଷଣି 'ପ୍ରସନ୍ନ. ମନୋଜ ଅମର ରହେ' ଧ୍ୱନିରେ ପୂରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପାର୍ଥିବ ଶରୀରକୁ ଦେଖି ପରିବାର ଲୋକେ କୋହ ସମ୍ଭାଳି ପାରି ନ ଥିଲେ। ଏହି ଦୃଶ୍ୟ ଅନ୍ୟମାନଙ୍କ ଆଖିରେ ଲୁହ ଭରିଦେଇଥିଲା। ଏହି ସମୟରେ ଦୁଇ ଶହୀଦ ଯବାନଙ୍କୁ ବିମାନବନ୍ଦରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଆଇନମନ୍ତ୍ରୀ ପ୍ରତାପ ଜେନା, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଯୋଜନା ବୋର୍ଡ ଉପାଧ୍ୟକ୍ଷ ☞ ପୃଷ୍ଠା–୨

ସହାୟତା ରାଶି ୨୫ ଲକ୍ଷକୁ ବୃଦ୍ଧି

■ ଶହୀଦଙ୍କ ପିଲାଙ୍କ ପଢ଼ାଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶହୀଦ ପରିବାରଙ୍କ ପ୍ରତି ସମବେଦନା ଜଣାଇବା ସହ ୨୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଶୁକ୍ରବାର ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏଥି ସହିତ ଦୁଇ ଶହୀଦଙ୍କ ପିଲାମାନଙ୍କ ପାଠପଢ଼ାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଉଭୟ ଶହୀଦଙ୍କ ଗ୍ରାମପଞ୍ଚାୟତକୁ ମଡେଲ ପଞ୍ଚାୟତ କରାଯିବ। ଶହୀଦ ଗାଁରେ ଥିବା ବିଦ୍ୟାଳୟକୁ ସେମାନଙ୍କ ନାମରେ ନାମିତ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ☞ ପୃଷ୍ଠା–୨

ବାଟରେ ଅଟକିଗଲା ବନ୍ଦେ ଭାରତ ଏକ୍ସପ୍ରେସ୍

ନୂଆଦିଲ୍ଲୀ,୧୬।୨(ପି.ଟି.)

ଭାରତର ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଦ୍ରୁତତମ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳର ଦିନକ ପରେ ଅଧାବାଟରେ ଅଟକିଯିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଶନିବାର ଏହା ବାରାଣସୀରୁ ଦିଲ୍ଲୀ ଫେରିବା ବେଳେ ବାଟରେ ଖରାପ ହୋଇଯାଇଥିଲା। ଇଞ୍ଜିନ ନ ଥିବା ଏହି ଟ୍ରେନ୍ ଧାର୍ଯ୍ୟ ସମୟର ବହୁ ବିଳମ୍ବରେ ଦିଲ୍ଲୀରେ ପହଞ୍ଚିଛି। ଚକାରେ ସମସ୍ୟା ଯୋଗୁ ବିଳମ୍ବ ହେଲା ବୋଲି ରେଳପଥ ☞ ପୃଷ୍ଠା–୨

ଶୁକ୍ରବାର ଶୁଭାରମ୍ଭ କରିଥିଲେ ମୋଦି

ଆଜିର ସମ୍ପାଦକୀୟ

ପୁଲୱାମା ଆକ୍ରମଣ

ଆଜିର ମନ୍ତବ୍ୟ

ଭାରତରେ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଉପଯୁକ୍ତ ଧ୍ୟାନ ଦିଆଯାଇ ନାହିଁ। ଏହା ସତ୍ତ୍ୱେ ଆଗାମୀ ଲୋକ ସଭା ନିର୍ବାଚନରେ ଭଲ ଫଳ ମିଳିବା ଆଶା କରାଯାଉଛି।

– ଅମର୍ତ୍ୟ ସେନ୍, ନୋବେଲ ବିଜୟୀ ଅର୍ଥନୀତିଜ୍ଞ

କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଦେଶରୁ ୨୬ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି ହୋଇଥିବା ବେଳେ ଏହା ଗତ ବର୍ଷ ୨୫.୪ ବିଲିୟନ ଡଲାର ଥିଲା।

–ବାଣିଜ୍ୟ ମନ୍ତ୍ରଣାଳୟ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE — Venkobb CHICKEN — 16.02.2019

Dist	Farm Gate/Kg	With Skin/Kg	Skinless /Kg
BBSR	71	120	130
CTC	72	122	132
DKL	72	122	132
BDK	73	123	133
BLS	75	126	136
ANG	72	122	132

Eggs Retail Price- 53/-Dozen
Issued in the Interest of Consumers
*Conditions Apply

ଆତଙ୍କବାଦ ବିରୋଧରେ ଏକାଠି

ସର୍ବଦଳୀୟ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ ନେତା ଓ ଅଧିକାରୀମାନେ।

ପୁଲୱାମା ଆକ୍ରମଣ

■ ସର୍ବଦଳୀୟ ବୈଠକରେ ଲଢ଼େଇ ପାଇଁ ସଂକଳ୍ପ ଗୃହୀତ

■ ସୁରକ୍ଷା ସ୍ଥିତି ସମୀକ୍ଷା କଲେ ରାଜନାଥ

■ ଜମ୍ମୁ-କଶ୍ମୀର ଛାତ୍ରୀଛାତ୍ରଙ୍କ ନିରାପତ୍ତା ଲାଗି ରାଜ୍ୟଗୁଡିକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୬।୨(ପି.ଟି.)

ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ଶନିବାର ସର୍ବଦଳୀୟ ବୈଠକରେ ନିନ୍ଦା କରାଯାଇଛି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ବୈଠକ ଶେଷରେ ସଂକଳ୍ପ ଗୃହୀତ ହୋଇଛି। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଜ୍ଞାବଦ୍ଧ ବୋଲି ସରକାରୀ ଓ ବିରୋଧୀ ଦଳଗୁଡିକ ଏକସ୍ୱରରେ କହିଛନ୍ତି।

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୯ ଯବାନ ଶହୀଦ ହେବା ଘଟଣାକୁ ସାରା ବିଶ୍ୱ ନିନ୍ଦା କରିଛି। ସରକାର ଡାକିଥିବା ସର୍ବଦଳୀୟ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଦେଶର ସଂହତି ଓ ଅଖଣ୍ଡତା ବଜାୟ ରଖିବା ଲାଗି ସେନାବାହିନୀ ସହ ସମସ୍ତେ ରହିଥିବା ଭାଜପା, କଂଗ୍ରେସ ସମେତ ସବୁ ଦଳ କହିଛନ୍ତି। ଆତଙ୍କବାଦୀ ଆକ୍ରମଣ ଏବଂ ଏହାକୁ ସୀମାପାର ସହାୟତା ପ୍ରଦାନକୁ ନିନ୍ଦା କରାଯାଇଛି। ସଂକଳ୍ପରେ ପାକିସ୍ତାନର ନାଁ ନିଆଯାଇ ନ ଥିଲେ ମଧ୍ୟ ଦୀର୍ଘଦିନ ହେଲା ଭାରତ ସୀମାପାର ଆତଙ୍କବାଦର ସମ୍ମୁଖୀନ ହୋଇଆସୁଥିବା କୁହାଯାଇଛି। ପଡୋଶୀ ଦେଶ ଆତଙ୍କବାଦୀଙ୍କୁ ସକ୍ରିୟ ଭାବେ ପ୍ରୋତ୍ସାହନ ଦେଇଆସୁଛି। ଉକ୍ତ ଚ୍ୟାଲେଞ୍ଜଗୁଡିକର ମୁକାବିଲା ପାଇଁ ଭାରତ ଦୃଢ଼ତା ପ୍ରଦର୍ଶନ କରିବା ସହ ପାଲଟା ଜବାବ ଦେଇଆସିଛି।

ବୈଠକରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ, ଆନନ୍ଦ ଶର୍ମା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ, ଡେରେକ୍ ଓ' ବ୍ରାଏନ୍, ଶିବସେନାର ସଞ୍ଜୟ ରାଉତ, ବିଜେଡିର ପିନାକି ମିଶ୍ର, ବାମଦଳର ଡି. ରାଜା, ନ୍ୟାଶନାଲ୍ କନ୍‌ଫରେନ୍ସର ଫାରୁକ୍ ଅବଦୁଲ୍ଲା, ଲୋକ ଜନଶକ୍ତି ପାର୍ଟିର ରାମବିଳାସ ପାଶ୍ୱାନଙ୍କ ସମେତ ବିଭିନ୍ନ ଦଳର ନେତା ଯୋଗଦେଇଥିଲେ। ପୁଲୱାମା ଆକ୍ରମଣ ଏବଂ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ନେତାମାନଙ୍କୁ ଅବଗତ କରାଯାଇଥିଲା। ଆକ୍ରମଣକୁ ବରଦାସ୍ତ କରାଯିବନି ବୋଲି ରାଜନାଥ କହିଥିଲେ। ଯବାନମାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଆତଙ୍କବାଦ ବିରୋଧରେ ଲଢ଼େଇକୁ ତାର୍କିକ ନିଷ୍କର୍ଷରେ ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସୈନ୍ୟବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅବଗତ କରାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପାକିସ୍ତାନକୁ ସିଧାସଳଖ ଆକ୍ରମଣ କରିବା ଲାଗି ଶିବସେନା ସଦସ୍ୟ ସଞ୍ଜୟ ରାଉତ୍ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍‌ର ପ୍ରଭାବ ପଡିଥିଲେ ପୁଲୱାମା ଭଳି ଆକ୍ରମଣ ହୋଇ ନ ଥାନ୍ତା ବୋଲି ସେ କହିଥିଲେ। ପୁଲୱାମା ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଉତ୍ତେଜନା ଓ ହିଂସା ଦେଖାଦେଇଥିବାବେଳେ ସଂକଳ୍ପରେ ଶାନ୍ତିରକ୍ଷା ପାଇଁ ଆହ୍ୱାନକୁ ସାମିଲ କରାଯାଇ ନ ଥିବାରୁ ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସର୍ବଦଳୀୟ ବୈଠକରେ ବିଜେଡି ☞ ପୃଷ୍ଠା–୨

ଆମେରିକାର ଚିକାଗୋସ୍ଥିତ ଅରୋରା ୱାର୍‌ହାଉସ୍ ଫ୍ୟାକ୍ଟ୍ରିରେ ଗୁଳିକାଣ୍ଡ ଘଟିଛି। ଚାକିରି ହରାଇଥିବା ଜଣେ ବ୍ୟକ୍ତି ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ପ୍ଲାଣ୍ଟର ମ୍ୟାନେଜରଙ୍କ ସମେତ ୫ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏଥିରେ ୬ଜଣ ଆହତ ହୋଇଛନ୍ତି। ପୋଲିସ ସହ ଗୁଳି ବିନିମୟରେ ଆକ୍ରମଣକାରୀ ନିହତ ହୋଇଛନ୍ତି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ବବୁଲ୍
ପରିବାରବର୍ଗ

ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

(ପୀୟୁଷ)
ଆହାନ୍ ଅର୍‌ଜିତ୍
Unit-6, Bhimpur
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କି ସେ ତୋତେ ଭଲ ମଣିଷ ହେବାରେ ସହାୟକ ହୁଅନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡ଼ବାପା, ବଡ଼ମା, ବାପା, ମା, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୧୯୭

4th Birthday Wish

(ପୁଟୁ)
ଆରାଧ୍ୟା ସାହୁ
VIM-519, Sailashree Vihar, Bhubaneswar
୪ର୍ଥ ବାର୍ଷିକ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ କେବଳ ଏତିକି ହିଁ ପ୍ରାର୍ଥନା। ଏକ ଉଜ୍ଜ୍ୱଳ ଭବିଷ୍ୟତ ସହିତ ଦୀର୍ଘ ନିରାମୟ ଜୀବନ କାମନା କରୁଅଛୁ। ଶୁଭେଚ୍ଛା ସହ: ପାପା, ମାମା, ଜେଜେ, ଜେଜେମା, ବାବା, ଖୁଡୀ, ଅଜା, ଆଈ ଓ ମାମୁମାନେ। ଧ-୬୫୪୭୮

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

(ଗୋଲୁ)
ପ୍ରିୟାଂଶ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ଜନ୍ମଦିନରେ ଅନେକ ଅନେକ ଶୁଭ କାମନା ସହ: ଜେଜେବାପା, ଜେଜେମା, ପାପା, ମାମା, ନାନୀ, କକା, ସୋନୁ ଓ ପରିବାରବର୍ଗ। ଧ-୬୫୮୩୨

ଜନ୍ମଦିନ ଶୁଭେଚ୍ଛା

ତୃତୀୟ ଜନ୍ମଦିବସ
ଜନ୍ମ ତାରିଖ ୧୭.୦୨.୨୦୧୬
ବେଦାଂଶ ମିଶ୍ର
ନୋଏଡ଼ା, ନୂଆଦିଲ୍ଲୀ
-: ଶୁଭେଚ୍ଛା ସହ :-
ବାପା-ମନୀଷ ମିଶ୍ର, ମା'-ମନୀସା ମହାପାତ୍ର, ଅଜା, ଆଈମା, ଜେଜେବାପା, ଜେଜେମା'
ଧ-୧୧୧୯୫

୧୮ତମ ଜନ୍ମଦିନ ଶୁଭେଚ୍ଛା

(ବବୁଲ୍)
ସୂର୍ଯ୍ୟକାନ୍ତ ସାହୁ
ସିଥୁପୁଟ, ଭୁବନେଶ୍ୱର
ଶୁଭେଚ୍ଛା ସହ: ବାପା- ବିଚିତ୍ର କୁମାର ସାହୁ, ମାଆ- ଜେମାମଣି ସାହୁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୧୯୭

କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ଥଇଥାନ କାର୍ଯ୍ୟ ତଦାରଖ ପାଇଁ ବୈଷୟିକ କମିଟି

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ରାଜ୍ୟରେ କୁଷ୍ଠ ରୋଗମୁକ୍ତ ବ୍ୟକ୍ତିଙ୍କ ଥଇଥାନ କାର୍ଯ୍ୟର ତଦାରଖ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ରାଜ୍ୟରେ କୁଷ୍ଠରୋଗ ନିରାକରଣ ଓ କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ଥଇଥାନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକର ପ୍ରତ୍ୟକ୍ଷ ତଦାରଖ ତଥା ମୂଲ୍ୟାଙ୍କନ କରିବା ସହ ଠିକ୍ ପରିଚାଳନା ଉପରେ କାର୍ଯ୍ୟ କରିବ। ପ୍ରତି ମାସରେ ଅନ୍ତତଃ ଗୋଟିଏଥର ଏହି କମିଟିର ବୈଠକ ବସିବ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମିଶନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ, ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଅବୈତନିକ ସମ୍ପାଦକ ତଥା କୁଷ୍ଠରୋଗ ନିରାକରଣ ଦାୟିତ୍ୱରେ ଥିବା ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ରାଜ୍ୟ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ସରକାରଙ୍କ ପକ୍ଷରୁ ଏହି କମିଟିରେ ପ୍ରତିନିଧିତ୍ୱ କରିବେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜାତୀୟ କୁଷ୍ଠ ନିରାକରଣ ପ୍ରକଳ୍ପର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶଦାତା ଡା. ଉମ୍ବରୁଧର ଭୂୟାଁ, ଜାତୀୟ କୁଷ୍ଠ ନିରାକରଣ ପ୍ରକଳ୍ପର ପରାମର୍ଶଦାତା ଡ. ସଚିଦାନନ୍ଦ ପତି, ଇଣ୍ଡିଆନ ହାନ୍‌ସେନିଆନ୍ସ ଆସୋସିଏଶନର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁଙ୍କୁ ଏହି କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା କମିଟି ଆବାହକ ଭାବେ କାର୍ଯ୍ୟ କରିବେ। ଏହି ବୈଷୟିକ ତଦାରଖ କମିଟି ଗଠନ ସମ୍ପର୍କରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଜେଲ ଗଲେ କୋଟିପତି ଅଧ୍ୟାପକ

ବିପୁଳ ଟଙ୍କା, ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ

କଟକ ଅଫିସ, ୧୬।୨

ବାଲେଶ୍ୱର ଜିଲା ସୋରସ୍ଥିତ ତଳନଗର କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ (ଲ୍ଲକଗ୍ରାଣ୍ଟ) ରାମଚନ୍ଦ୍ର ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଟିମ୍ ଶନିବାର ଗିରଫ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୪/୨୦୧୯) ରୁଜୁ କରାଯାଇଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଉପାଧ୍ୟାୟଙ୍କ ଘର, କଲେଜ କାର୍ଯ୍ୟାଳୟ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୨ କୋଟି ୮୨ ଲକ୍ଷ ୮୭ହଜାର ୨୭୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସମ୍ପତ୍ତିଗୁଡ଼ିକ ମଧ୍ୟରେ ସୋରଠାରେ ତାଙ୍କର ଏକ ୪ମହଲା କୋଠା, ଆଉ ଏକ ୩ ମହଲା କୋଠା, ଦୁଇଟି ପ୍ଲଟ ଭିଜିଲାନ୍ସ ଠାବ କରିଥିଲା। ସେହିପରି ବିଭିନ୍ନ ବ୍ୟାଙ୍କରେ ଉପାଧ୍ୟାୟ ୧୯ ଲକ୍ଷ ୭୨ହଜାର ୧୨୯ ଟଙ୍କା ଜମା ରଖିଥିବାବେଳେ ବିଭିନ୍ନ ବୀମା କମ୍ପାନୀରେ ୨୧ ଲକ୍ଷ ୨୮ହଜାର ୮୯୯ ଟଙ୍କା ଜମାକୁ ଭିଜିଲାନ୍ସ ଠାବ କରିଥିଲା। ଉପାଧ୍ୟାୟଙ୍କ ଘରୁ ଅଧକେଜିରୁ ଅଧିକ ସୁନା, ରୂପା ସହିତ ନଗଦ ୩ ଲକ୍ଷ ୨୯ହଜାର ୬୦୦ ଟଙ୍କା ମିଳିଥିଲା। ଠାବ ସମ୍ପତ୍ତି ମଧ୍ୟରୁ ଉପାଧ୍ୟାୟ ଅଢେଇ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ।

ସହାୟତା ରାଶି...

ପ୍ରଥମ ପୃଷ୍ଠାରୁ...

ଘୋଷଣା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶବାଧାର ସହ ଜଗତ୍‌ସିଂହପୁର ନାଉଗାଁ ଗସ୍ତ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଟକ ଜିଲା ନିଆଳି ବ୍ଲକ ଗଜାବର ଯାଇଥିଲେ। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପୂର୍ବାହ୍ନ ୧୧ଟାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଆତଙ୍କବାଦ...

ପୁଲୱାମା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦ ବିରୋଧୀ ଲଢ଼େଇରେ କେନ୍ଦ୍ର ସରକାରଙ୍କୁ ସମର୍ଥନ ଜଣାଇଛି। ସୁରକ୍ଷା ବାହିନୀ ସହିତ ଆମେ ରହିଛୁ ବୋଲି ବୈଠକ ଶେଷରେ ପିନାକି ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟ ଏକ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଶର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଶେଷକରି ଜମ୍ମୁ-କଶ୍ମୀରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରାଥମିକତା ଦିଆଯାଇଥିଲା। ଏହି ବୈଠକରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ରାଜୀବ ଜୈନଙ୍କ ସମେତ ସୁରକ୍ଷା ବାହିନୀର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭାରତ-ପାକ୍ ସୀମା ସମେତ ଦେଶର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟି ଲାଗି ପାକିସ୍ତାନୀ ଆତଙ୍କବାଦୀଙ୍କ ଉଦ୍ୟମକୁ ପଣ୍ଡ କରିବା ପାଇଁ କ'ଣସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆତଙ୍କବାଦ ଦମନ ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଅନ୍ୟ ପ୍ରାନ୍ତରେ ରହୁଥିବା ଜମ୍ମୁ-କଶ୍ମୀରର ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବଦଳୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା।

ବାଟରେ...

ଅଧିକାରୀ ସଫେଇ ଦେଉଥିବାବେଳେ ଏହାର ବ୍ରେକ୍ କାମ ଦେଲାନି ବୋଲି ଯାତ୍ରୀମାନେ କହିଛନ୍ତି। ରବିବାର ଟ୍ରେନ ବ୍ୟବସାୟିକ ଚଳାଚଳ ଆରମ୍ଭ କରିଥାନ୍ତା। ଏଥିପାଇଁ ସମସ୍ତ ଟିକେଟ ବିକ୍ରି ସରିଛି। ଡୁଣ୍ଡଲା ଷ୍ଟେଶନ ଅତିକ୍ରମ କରିବା ପରେ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ଚମ୍ପାଉଲା ଷ୍ଟେଶନରେ ରହିବାର ଥିଲା। ଶୁକ୍ରବାର ରାତି ୧୦ଟା ୩୦ରେ ଏହା ବାରାଣସୀ ଛାଡିଥିଲା। ଉତ୍ତରପ୍ରଦେଶର ଡୁଣ୍ଡଲାଠାରୁ ୧୫ କି.ମି. ଯିବା ପରେ ସମସ୍ୟା ଦେଖାଦେବାରୁ ସେଠାରେ ଘଣ୍ଟାଏ କାଳ ଅଟକିଥିଲା। ଅଟକିବା ପୂର୍ବରୁ ପଛ ବଗିରେ ଏକପ୍ରକାର ଶବ୍ଦ ହୋଇଥିଲା ବୋଲି ଯାତ୍ରୀମାନେ କହିଛନ୍ତି। ପଛ ଚାରୋଟି ବଗିରୁ ଧୂଆଁ ବାହାରିବା ସହ ଏକପ୍ରକାର ଗନ୍ଧ ହୋଇଥିଲା। କିଛି ସମୟ ପାଇଁ ଟ୍ରେନ୍‌ର ବେଗକୁ କମାଇ ଦିଆଯାଇଥିଲା। ଇଞ୍ଜିନିୟରମାନେ ସଜାଡିବା ପରେ ଏହା ପ୍ରଥମେ ଘଣ୍ଟାପ୍ରତି ୧୦ କି.ମି. ଓ ପରେ ୪୦ କି.ମି. ବେଗରେ ଗତି କରିଥିଲା। ପରେ ଆବଶ୍ୟକ ମରାମତି କରାଯିବାରୁ ଶେଷ ମୁହୂର୍ତ୍ତରେ ଏହା ୧୦୦ କିମିରୁ ଅଧିକ ବେଗରେ ଯାତ୍ରା କରିଥିଲା। ସମ୍ଭବତଃ ଟ୍ରେନ ଗୋରୁ ଉପରେ ମାଡିଯିବାରୁ ଏଭଳି ସମସ୍ୟା ସୃଷ୍ଟି ହେଲା ବୋଲି ରେଳପଥ ମୁଖପାତ୍ର ସ୍ମିତା ଭାଟ୍‌ସ ଶର୍ମା କହିଛନ୍ତି। ଟ୍ରେନ୍‌ର ସମସ୍ତ ସିଷ୍ଟମକୁ ଯାଞ୍ଚ କରାଯାଇଛି ଏବଂ ଏହା ରବିବାର ବ୍ୟବସାୟିକ ଚଳାଚଳ ଆରମ୍ଭ କରିବ ବୋଲି ମୁଖପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଟ୍ରେନ ସମସ୍ୟାକୁ ନେଇ ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଟୁଇଟରେ ସରକାରଙ୍କୁ କଟାକ୍ଷ କରି କହିଛନ୍ତି, ଏହା ମୋଦି ସରକାରଙ୍କ ପ୍ରଦର୍ଶନର ଶ୍ରେଷ୍ଠ ଉଦାହରଣ।

■ ପରକୀୟା ପ୍ରୀତିକୁ ବିରୋଧ

ସ୍ତ୍ରୀଙ୍କୁ ହତ୍ୟାକଲେ ଶିକ୍ଷକ

ତିହିଡ଼ି, ୧୬।୨ (ଡି.ଏନ.ଏ.)

ବିବାହ ବର୍ଷେ ନ ପୂରୁଣୁ ବିନିଲତା ଦାସ(୨୪) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ ତାଙ୍କ ପାଇଁ କାଳ ହେଲା। ବିନିଲତାଙ୍କ ସ୍ୱାମୀ ଶୁକ୍ରବାର ତାଙ୍କୁ ହତ୍ୟା କରିଥିବା ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ହତ୍ୟା ମାମଲା (ନଂ.୭୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କାଁପଡ଼ା ପଞ୍ଚାୟତ କାଁପଡବିନ୍ଧା ଗ୍ରାମରେ ଏଭଳି ଘଟଣା ଘଟିଛି। ଭଦ୍ରକ କାଉପୁର ପଞ୍ଚାୟତ ମୁଲ୍ଲାଳି ଗ୍ରାମର କୁଳମଣି ଦାସଙ୍କ ଝିଅ ବିନିଲତା ଗତବର୍ଷ ମାର୍ଚ୍ଚରେ କାଁପଡବିନ୍ଧା ଗ୍ରାମର ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସଙ୍କୁ ବିବାହ କରିଥିଲେ। ପରେ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ବିନିଲତା ଜାଣିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ସ୍ୱାମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବିନିଲତା ଏ ସମ୍ପର୍କରେ ବାପଘର ଲୋକଙ୍କୁ ଜଣାଇବାରୁ ସେମାନେ ସମାଧାନ କରିବା ସହ ନିର୍ମଳଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ପରେ ରାଗ ଶୁଖାଇବାକୁ ଯାଇ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ବିନିଲତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ତାଙ୍କୁ ହତ୍ୟା କରାଯାଇ ଶାଢ଼ିରେ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ନିର୍ମଳଙ୍କ ପରକୀୟା ପ୍ରୀତିକୁ ବିରୋଧ ଏବଂ ଅଧିକ ଯୌତୁକ ପାଇଁ ବିନିଲତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

■ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ବାର୍ଷିକ ସମ୍ମିଳନୀ

ଅଧ୍ୟାପକଙ୍କ ପାଇଁ ଆରମ୍ଭ ହେବ ରିଫ୍ରେଶର କୋର୍ସ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

- ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଚିନ୍ତା କରୁଛି ୟୁଜିସି
- ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ପାଇଁ ରୋଲ୍ ମଡେଲ୍ ହୁଅନ୍ତୁ

ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବା ପାଇଁ ୟୁନିଭର୍ସିଟି ଗ୍ରାଣ୍ଟ୍ କମିଶନ (ୟୁଜିସି) ପକ୍ଷରୁ ପଦକ୍ଷେପ ନିଆଯାଉଛି। ପାଠ୍ୟ ଖସଡ଼ାରେ ସଂଶୋଧନ, ଅଧ୍ୟାପକମାନଙ୍କୁ ରେଗୁଲାର ରିଫ୍ରେଶର କୋର୍ସ, ଶିକ୍ଷା ଭିତ୍ତିଭୂମିର ବିକାଶ ଲାଗି ଅଧିକ ପାଣ୍ଠି ପ୍ରଦାନ ନିମନ୍ତେ ୟୁଜିସି ନିଷ୍ପତ୍ତି ନେଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ୯୩ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ୟୁଜିସି ସଚିବ ରଜନୀଶ ଜୈନ ଏହା କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଏହି ସମ୍ମିଳନୀରେ ରଜନୀଶ କହିଲେ, ବର୍ତ୍ତମାନ ଆମ ଅଧୀନରେ ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟ ହୋଇଗଲାଣି। ଶିକ୍ଷାକୁ ଅନେକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ପଦକ୍ଷେପ ନେଇସାରିଛୁ। କିନ୍ତୁ ବର୍ତ୍ତମାନ ଶିକ୍ଷାର ଗୁଣବତ୍ତା ଓ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଆମେ ଚେଷ୍ଟା କରୁଛୁ। ଏହାକୁ ନଜରରେ ରଖି ଆମେ ଅନେକ ପଦକ୍ଷେପ ଗ୍ରହଣ କରିଛୁ। ଛାତ୍ରୀଛାତ୍ରଙ୍କ ଜୀବନରେ ଶିକ୍ଷକଙ୍କ ଅବଦାନ ବୃଦ୍ଧି ପାଇଁ ଟିଚର ଇଣ୍ଟର୍ନ୍ସ ପ୍ରୋଗ୍ରାମ ଓ ଆନୁଆଲ ରିଫ୍ରେସର ପ୍ରୋଗ୍ରାମ ସଂକ୍ରାନ୍ତରେ ୟୁଜିସି ଚିନ୍ତା କରିଛି। ଏହାଦ୍ୱାରା ସେମାନେ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗରେ ନେବା ସହ ରୋଲ୍ ମଡେଲ ହୋଇପାରିବେ। ଅନ୍ୟପକ୍ଷରେ ଗ୍ଲୋବାଲ୍ ରାଙ୍କିଙ୍ଗ୍‌ରେ କିପରି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ଥାନ ପାଇବ ସେଥିପ୍ରତି ଆମେ ବର୍ତ୍ତମାନ ଗୁରୁତ୍ୱ ଦେଉଛୁ। ଯଦିଓ ଭାରତର ଅନେକ ଆଇଆଇଟି ଓ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ର୍ୟାଙ୍କରେ ସ୍ଥାନ ପାଇଛନ୍ତି, କିନ୍ତୁ ଏହି ସଂଖ୍ୟା ବହୁତ କମ୍। ବିଶ୍ୱର ଶ୍ରେଷ୍ଠ ୧୦୦ ଭିତରେ ଆମେ ରହିବାକୁ ଚେଷ୍ଟା କରୁଛୁ। ଗବେଷଣାକୁ ଗୁରୁତ୍ୱ ଦେବା ପାଇଁ ଅଧିକ ଛାତ୍ରବୃତ୍ତି ଦିଆଯିବ। ଖାଲି ସେତିକି ନୁହେଁ, ଅନେକ ଫେକ୍ ବା ବେଆଇନ ଭାବେ ଚାଲୁଥିବା ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ ନ କରିବା ଲାଗି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସଚେତନ କରାଯାଉଛି। ପିଲାମାନେ କେବଳ ବହି ଭିତରେ ସୀମିତ ନ ରହି ଦେଶ, ପରିବେଶ, ସମାଜ ଓ ସଂସ୍କୃତି ଦିଗରେ ସଚେତନ ହେବା ଜରୁରୀ। ଛାତ୍ରୀଛାତ୍ରମାନେ ଜଣେ ଭଲ ମଣିଷ ହେବା ସହିତ ଜଣେ ଭଲ ନାଗରିକ ହେବା ଉଚିତ ବୋଲି ରଜନୀଶ କହିଛନ୍ତି।

ମାଗଣାରୁ...

ପ୍ରଥମ ପୃଷ୍ଠାରୁ...

ସୁଦାମ ପଣ୍ଡା

୨

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ ରାମପୁର ରେଞ୍ଜ ଅଧୀନ ଲୁହାପଙ୍କ ସେକ୍ସନ ଶ୍ୟାମପୁର ଗାଁର ଜଣେ ବ୍ୟକ୍ତିଙ୍କୁ ଶନିବାର ରାତି ୮ଟାରେ ଝରଣାପଦା ଗାଁ ନିକଟରେ ହାତୀପଲ ଦଳି ଦେଇଛନ୍ତି। ମୃତକ ହେଲେ ଛୟାନନ ସାହୁ (୩୮)। ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମୃତଦେହକୁ ଉଦ୍ଧାର କରାଯାଇ ରେଢାଖୋଲ ଡାକ୍ତରଖାନା ପଠା ଯାଇଛି।

ସଂକ୍ଷେପରେ

ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ନିମନ୍ତେ କାଠ ଅନୁକୂଳ

ଖଣ୍ଡପଡା,୧୬।୨(ସ୍ୱ.ପ୍ର.): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ନୟାଗଡ ଜିଲା ଖଣ୍ଡପଡାଠାରେ ଶୁକ୍ରବାର କାଠ ଅନୁକୂଳ ହୋଇଛି। ରୁକୁଣା ରଥ ନିମନ୍ତେ କାଠ ପାଇଁ ଖଣ୍ଡପଡା ଏନ୍‌ଏସି ଅନ୍ତର୍ଗତ ୧୨ ନଂ ୱାର୍ଡ ବାଇପାସ ରାସ୍ତା ପାର୍ଶ୍ୱ ଆଞ୍ଚଳିକ ସାମ୍ବାଦିକ ଭବନ ପରିସରରେ ଥିବା ଆମ୍ବଗଛ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ଉକ୍ତ ଆମ୍ବଗଛକୁ ପୂର୍ବରୁ ଲିଙ୍ଗରାଜଦେବଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା। ନୟାଗଡ ବନଖଣ୍ଡର ନିର୍ଦ୍ଦେଶକ୍ରମେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ସହଯୋଗରେ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମହାପାତ୍ର, ରାଜସ୍ୱ ନିରୀକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ରୁକୁଣା ରଥର ମୁଖ୍ୟ ବିଶ୍ୱକର୍ମା ସୋମନାଥ ମହାରଣା, ମନ୍ଦିର କାର୍ଯ୍ୟାଳୟର ହେମନ୍ତ କୁମାର ମହାପାତ୍ର ପ୍ରମୁଖ ମନୋନୀତ କରାଯାଇଥିବା ଆମ୍ବଗଛ ମୂଳରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଆବଶ୍ୟକତା ଅନୁଯାୟୀ ୩ଟି ଆମ୍ବଗଛ କଟାଯିବ। ବନପାଳ ଶ୍ରୀନିବାସ ମହାପାତ୍ର, ବସନ୍ତ କୁମାର ରାଉତ ଓ ଶ୍ରୀନିବାସ ଦାଶଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ସୋର, ୧୬।୨(ଡି.ଏନ.ଏ.): ବେଙ୍ଗାଲୁରୁରେ ଚାକିରି କରୁଥିବା ବାଲେଶ୍ୱର ଜିଲା ସୋର ଥାନା ଟେଣ୍ଟେଇ ପଞ୍ଚାୟତ ବିରିପଡ଼ା ଗ୍ରାମର ଉମାକାନ୍ତ ବେହେରା (୨୪) ନାମକ ଯୁବକ ରହୁଥିବା ଭଡ଼ା ଘରେ ଆତ୍ମହତ୍ୟା କରିଛନ୍ତି। ନାରୀ ବେଶରେ ସଜ୍ଜିତ ହୋଇଥିବା ତାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ସ୍ଥାନୀୟ କେଙ୍ଗେରିର ଏକ କମ୍ପାନୀରେ ୮ବର୍ଷ ଧରି କାମ କରିଆସୁଥିଲେ। ଶନିବାର ସକାଳେ ତାଙ୍କ ଶୋଇବା ଘରେ ସେ ନୂଆ ହଳଦିଆ ରଙ୍ଗର ଶାଢ଼ି, ହାତରେ ଶଙ୍ଖା, ମଥାରେ ସିନ୍ଦୂର ପିନ୍ଧି ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ସମ୍ପର୍କୀୟମାନେ ଦେଖିବା ପରେ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ଯୁବକ ଜଣକ କାହିଁକି ମହିଳା ବେଶରେ ଆତ୍ମହତ୍ୟା କଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ସମଗ୍ର ରାଜ୍ୟରେ ନିଷେଧ ହେବ ପଲିଥିନ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପଲିଥିନ ଓ ପ୍ଲାଷ୍ଟିକ ତିଆରି ସାମଗ୍ରୀ ପରିବେଶ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରୁ ଏହି ପଦକ୍ଷେପ ନିଆଯାଇଛି। ଏବେ ରାଜ୍ୟକୁ ପଲିଥିନରୁ ମୁକ୍ତ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏ ନେଇ ଏକ ନୂତନ ରୁଲ୍ ପ୍ରସ୍ତୁତ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ନିୟମ ପ୍ରସ୍ତୁତ କରିବା ପରେ ରାଜ୍ୟ ସରକାରଙ୍କ ଅନୁମତି ପାଇଁ ପଠାଯିବ। ଚଳିତ ବର୍ଷ ଅକ୍ଟୋବରରୁ ରାଜ୍ୟରେ ପଲିଥିନ ନିଷେଧ କରିବାକୁ ଯୋଜନା ରଖାଯାଇଛି ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଗୋଟିଏ ପଟେ ରାଜ୍ୟ ସରକାର ସମଗ୍ର ଓଡ଼ିଶାକୁ ପଲିଥିନ ମୁକ୍ତ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ମହାନଗର ନିଗମଗୁଡିକର ଖାମଖିଆଲି ମନୋଭାବ ପଲିଥିନ କଟକଣାକୁ ପାଣିଚିଆ କରିଦେଉଛି। କଟକଣା ଲାଗୁ ହେବାର ୫ ମାସ ବିତିଯିବାକୁ ବସିଥିଲେ ମଧ୍ୟ ମହାନଗର ନିଗମଗୁଡିକ ପଲିଥିନ ମୁକ୍ତ ହୋଇ ନାହିଁ । ଚାରିଆଡେ କୁଢ କୁଢ ପଲିଥିନ ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ପଲିଥିନ କାରବାରକୁ ପୁଣି ଜୋରଦାର ଆରମ୍ଭ କରିଦେଇଛନ୍ତି। ସରକାରୀ ଷ୍ଟାମ୍ପମାରି ଖୋଲାଖୋଲି ପଲିଥିନ ବିକ୍ରି କରାଯାଉଥିଲେ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସେଥିପ୍ରତି ଆଦୌ ନଜର ନାହିଁ। ସେହି ପଲିଥିନଗୁଡିକ ନଷ୍ଟଯୋଗ୍ୟ ବୋଲି କୁହାଯାଉଛି। ବଜାରରେ ଉପଲବ୍ଧ ହେଉଥିବା ପଲିଥିନକୁ ପରୀକ୍ଷା କରିବା ପାଇଁ ପରିବେଶ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ସେହି ନମୁନାଗୁଡିକୁ କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଆଇପିଇଟି)କୁ ପଠାଇ ପରୀକ୍ଷା କରିବା ପରେ ପଦକ୍ଷେପ ନିଆଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି।

- ପ୍ରହସନ ପାଲଟିଛି କଟକଣା
- ସହରାଞ୍ଚଳରେ କୁଢ କୁଢ ପଲିଥିନ
- ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି ସହରାଞ୍ଚଳ କର୍ତ୍ତୃପକ୍ଷ
- ଅଡୁଆରେ ପରିବେଶ ବିଭାଗ
- ପୁଣି ୫ ମହାନଗର ନିଗମ, ପୁରୀ ପୌରସଂସ୍ଥାକୁ ଚିଠି ଲେଖିଲା ବିଭାଗ
- ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ସୋମବାରଠାରୁ ସହରାଞ୍ଚଳରୁ ସଂଗ୍ରହ ହେବ ନମୁନା

ଅନ୍ୟପକ୍ଷରେ ପଲିଥିନ ନିଷେଧ ନେଇ ଗତ ୪ ମାସ ମଧ୍ୟରେ କି ପଦକ୍ଷେପ ନିଆଯାଇଛି ସେ ନେଇ ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ବିଭାଗ ପକ୍ଷରୁ ୫ ମହାନଗର ନିଗମ ଓ ପୁରୀ ପୌର ପରିଷଦକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ପଲିଥିନ/ପ୍ଲାଷ୍ଟିକ ଏବଂ ଥର୍ମୋକୁଲ ବ୍ୟବହାରକୁ ନିଷେଧ କରାଯାଇଛି। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ।

୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦିସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିପାରିବେ। ପଲିଥିନ ବିକ୍ରି ବା ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡ ବିଧାନ କରିବା ବ୍ୟବସ୍ଥା ରହିଛି। ଜିଲାପାଳ ପଲିଥିନ କଟକଣାକୁ କଡାକଡି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ, ଏସ୍‌ପି, ବନଖଣ୍ଡ ଅଧିକାରୀ, ତସହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥାର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରି ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ୨୩୪ କେ.ଜି. ପଲିଥିନ, ୮୭ ପ୍ୟାକେଟ ଥର୍ମୋକୁଲ, ୪୫ ପ୍ୟାକଟେ ପ୍ଲାଷ୍ଟିକ କପ ଓ ପ୍ଲେଟ ଜବତ କରିଛି।

ଗୋବର୍ଦ୍ଧନ ମଠରେ ଶ୍ରୀମନ୍ଦିର ସୁଧାର ବୈଠକ ଆଜି

ଯୋଗଦେବେ ବହୁ ବିଶିଷ୍ଟ ବ୍ୟକ୍ତି

ପୁରୀ ଅଫିସ,୧୬।୨: ଶ୍ରୀମନ୍ଦିର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି ବିଶୃଙ୍ଖଳା। ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତିକୁ ନେଇ ବିତର୍କକୁ ଆସୁଛି ଶ୍ରୀମନ୍ଦିର। ସେବକ ହୁଅନ୍ତୁ ଅବା ଭକ୍ତ କିମ୍ବା ପ୍ରଶାସନିକ ଅଧିକାରୀ ଏମାନଙ୍କ ପାଇଁ ବେଳେ ବେଳେ ବଦ୍‌ନାମ ହେଉଛି ବଡ଼ ଦେଉଳ। ବିଶୃଙ୍ଖଳା, ବିଭ୍ରାଟ ପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ମଧ୍ୟ ପ୍ରଭାବିତ ହେଉଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଏବଂ ଓଡ଼ିଶା ପ୍ରତି ନକାରାତ୍ମକ ଧାରଣା ନେଇ ବାହାରୁ ଆସୁଥିବା ଅନେକ ଭକ୍ତ ଫେରୁଛନ୍ତି। କେବଳ ଏତିକି ନୁହେଁ, ଏହି ମହାନ ଆଧ୍ୟାତ୍ମିକ ସ୍ଥଳକୁ ନେଇ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ମାମଲା ପହଞ୍ଚିଲାଣି। ତେଣୁ ଶ୍ରୀମନ୍ଦିରରେ ଉପୁଜିଥିବା ଏହିସବୁ ଅବ୍ୟବସ୍ଥାକୁ ସୁଧାରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏଥିପାଇଁ ଡାକିଛନ୍ତି ଏକ ଉଚ୍ଚସ୍ତରୀୟ ବୈଠକ। ରବିବାର ମଠ ପରିସରରେ ଶ୍ରୀମନ୍ଦିରରେ ଦେଖାଦେଇଥିବା ଅବ୍ୟବସ୍ଥା ସୁଧାରିବା ଲାଗି ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗବେଷକ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ତାଲିକାରେ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ମୁଖ୍ୟ ଶାସନ ସଚିବ, ଆଇନ ମନ୍ତ୍ରୀ, ଆଇନ ସଚିବ, ଦେବୋତ୍ତର କମିଶନର, ହାଇକୋର୍ଟ ଓକିଲ ସଂଘ ସଭାପତି ଓ ସମ୍ପାଦକ, ପୁରୀ ଓକିଲ ସଂଘ ସଭାପତି ଓ ସମ୍ପାଦକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଜିଲାପାଳ ଏବଂ ସମସ୍ତ ସେବାୟତ ନିଯୋଗ କର୍ମକର୍ତ୍ତା ରହିଛନ୍ତି। ରବିବାର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହେବ। ତେବେ କେଉଁମାନେ ଏହି ବୈଠକରେ ଯୋଗ ଦେଉଛନ୍ତି, କି ପ୍ରକାର ନିର୍ଯାସ ବାହାରୁଛି ଏବଂ ଶ୍ରୀମନ୍ଦିରରେ କିପରି ଶୃଙ୍ଖଳା ଫେରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ବାଲୁକା କଳାରେ ଭୋଟ ସଚେତନତା

ଉଦ୍‌ଘାଟନ କଲେ ଇସି

ପୁରୀ ଅଫିସ,୧୬।୨

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ କରିବା ଲାଗି ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ନିର୍ବାଚନ କମିଶନ। ନୂଆ ଭୋଟର ଯେପରି ମତଦାନରୁ ଦୂରେଇ ନ ଯିବେ ତାହା ଉପରେ ଅଧିକ ଫୋକସ ଦିଆଯାଉଛି। ବ୍ୟକ୍ତିଗତ ଉଦ୍ୟମରେ ମଧ୍ୟ ଭୋଟଦାନ ଲାଗି ସଚେତନ କରାଯାଉଛି। ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା କଳାରେ ଭୋଟଦାନ ଲାଗି ସଚେତନତା ସୃଷ୍ଟି କରିଛନ୍ତି। ମାନସଙ୍କ ଏହି ବାଲୁକା କଳାକୁ ଶନିବାର ସନ୍ଧ୍ୟାରେ ନିର୍ବାଚନ କମିଶନର (ଇସି) ଅଶୋକ ଲାଭାସା ଉଦ୍‌ଘାଟନ କରିଛନ୍ତି। ଏଥିସହ ସେ ମାନସ ସାହୁ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ବଳିଆପଣ୍ଡା ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିରେ ଏହି ବାଲୁକା କଳା ତିଆରି କରିଛନ୍ତି ମାନସ। ଏଥିରେ ଇଭିଏମ୍ ଏବଂ ଭିଭିପ୍ୟାଟ୍ ମେଶିନ ରହିଛି। ଏହା କିପରି ସ୍ୱଚ୍ଛ ଭୋଟଦାନ ପାଇଁ ଉପଯୁକ୍ତ ତାହା ସେ ଦର୍ଶାଇଛନ୍ତି। 'ଜଣେ ଲୋକ, ଖଣ୍ଡିଏ ଭୋଟ' ବାର୍ତ୍ତା ରହିଥିବା ଏହି ବାଲୁକା କଳାର ଉଚ୍ଚତା ପ୍ରାୟ ୧୦ ଫୁଟ ରହିଥିବାବେଳେ ଏଥିରେ ୨୦ ଟନ୍ ବାଲି ବ୍ୟବହାର କରାଯାଇଥିବା କହିଛନ୍ତି ଶିଳ୍ପୀ ମାନସ।

ନିର୍ବାଚନ କମିଶନର ଅଶୋକ ଲାଭାସା ଓ ଅନ୍ୟମାନେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା ଦେଖୁଛନ୍ତି।

ଭବାନୀପାଟଣା ସ୍ୱୟଂଶାସିତ କଲେଜକୁ ମିଳିବ ବିଶ୍ୱବିଦ୍ୟାଳୟ ମାନ୍ୟତା

- ମହିଳା ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ସରକାରୀ ମହିଳା କଲେଜରେ ଖୋଲିବ ବିଜ୍ଞାନ ବିଭାଗ
- ୯୦୬.୮୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୪୭୬.୮୬ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

ଭବାନୀପାଟଣା, ୧୬।୨ (ଡି.ଏନ୍.ଏ.)

ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତରେ ଆସି ୯୦୬.୮୪ କୋଟି ଟଙ୍କାର ୨୨ଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥିସହିତ ୪୭୬.୮୬ କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ଭବାନୀପାଟଣା ଶ୍ରୀକୃଷ୍ଣନଗରରେ ଆୟୋଜିତ ବିଶାଳ ମହିଳା ମିଶନ୍ ଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟରେ ଖୁବ୍‌ଶୀଘ୍ର ବିଜ୍ଞାନ ବିଭାଗ ଖୋଲିବ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧,୧୨୨ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା, ୧୪ ବ୍ଲକସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଡିଜିଟାଲ ସଶକ୍ତୀକରଣ ନିମନ୍ତେ ୯୮୩୬ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା, କଳାହାଣ୍ଡି ଜିଲାର ୧୪ ଟି ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀ ଓ ମହାସଂଘକୁ ସମୁଦାୟ ୨୩ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ମହିଳା ଶକ୍ତି ମିଶନର କମିଶନର ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ କିଭଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ସମାବେଶ ମଞ୍ଚକୁ ରାଜ୍ୟ କିମ୍ବା ଜିଲାର କୌଣସି ବିଜେଡି ନେତା ଓ ମନ୍ତ୍ରୀଙ୍କୁ ମଞ୍ଚ ଉପରକୁ ଯିବାକୁ ଦିଆଯାଇ ନ ଥିଲା। କେବଳ ଜିଲାର ୧୪ଟି ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା, କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷ, ମହିଳା ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ରାଜ୍ୟ ମହିଳା ଶକ୍ତି ମିଶନର କମିଶନର ସୁଜାତା କାର୍ତ୍ତିକେୟନ ପ୍ରମୁଖ ମଞ୍ଚାସୀନ ଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ଏମ୍‌ପି ଅର୍କକେଶରୀ ଦେଓ, ଜିଲା ବିଜେଡି ସଭାପତି ତଥା ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ବିଧାୟକ ଅନାମ ନାଏକ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି, ନର୍ଲା ବିଧାୟକ ଧନେଶ୍ୱର ମାଝି, ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂ, ବିଜେଡି ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ଭବାନୀପାଟଣା ଶ୍ରୀକୃଷ୍ଣନଗରଠାରେ ଆୟୋ

ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଭର୍ତ୍ତୃତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ। –ଶ୍ରୀଅରବିନ୍ଦ

ପୁଲ୍‌ୱାମା ଆକ୍ରମଣ

ଆକାର ପଟେଲ

ଜୈଶ୍-ଇ-ମହମ୍ମଦ ମାନେ ମହମ୍ମଦଙ୍କ ସେନା। କିନ୍ତୁ ରସୁଲ ମହମ୍ମଦଙ୍କର ଦେଶ ଜୟ କରିବାର କୌଣସି ଉଚ୍ଚାକାଂକ୍ଷା ନ ଥିଲା। ମହମ୍ମଦଙ୍କ ମୃତ୍ୟୁ ପରେ ଖଲିଫାମାନଙ୍କ, ବିଶେଷତଃ ଉମରଙ୍କ ନେତୃତ୍ୱରେ ଆରବର ସମ୍ପ୍ରସାରଣ ଘଟିଥିଲା। ଜୈଶ୍ ହେଉଛି ଏକ ପାକିସ୍ତାନୀ ସଂଗଠନ ଏବଂ ଏଥିରେ ମୁଖ୍ୟତଃ ଗାଉଁଲି ପଞ୍ଜାବୀମାନେ ନିଯୁକ୍ତି ପାଇଛନ୍ତି। ଲଶ୍କର-ଇ-ତୋଇବାଠାରୁ ଏହା ବହୁତ ଛୋଟ ସଂଗଠନ ଏବଂ ଏହାର ଆଦର୍ଶରେ ମଧ୍ୟ ପାର୍ଥକ୍ୟ ଅଛି। ଆତ୍ମହତ୍ୟାକୁ ସଲାଫି ବା ମହାପାପ ବୋଲି ଇସଲାମରେ ବିଚାର କରାଯାଉଥିବାରୁ ଲଶ୍କରମାନେ ଆତ୍ମଘାତୀ ବିସ୍ଫୋରଣକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ସେମାନେ ଆତଙ୍କବାଦୀମାନଙ୍କୁ ଫିଦାୟିଁ ଆକ୍ରମଣ ପାଇଁ ବା ମୃତ୍ୟୁ ପର୍ଯ୍ୟନ୍ତ ଲଢ଼ିବା ଲାଗି ଆହ୍ୱାନ ଦେଇଥାନ୍ତି। ଉରି ସେନା ଶିବିର ଆକ୍ରମଣ ଏବଂ ୨୦୦୮ର ମୁମ୍ବାଇ ଆକ୍ରମଣ ଲଶ୍କର ଦ୍ୱାରା ପରିଚାଳିତ ହୋଇଥିଲା, ଯଦିଚ ସେମାନେ ତାହାକୁ ସ୍ୱୀକାର କରିନାହାନ୍ତି। ଜୈଶ୍ ହେଉଛି ଏକ ଦେଓବନ୍ଦୀ ମୁସଲମାନଙ୍କ ଆତଙ୍କବାଦୀ ସଂଗଠନ। ସେମାନେ ଅଷ୍ଟମ ଶତାବ୍ଦୀର ମୁସଲମାନ ପଣ୍ଡିତ ଆବୁ ହନିଫାଙ୍କ ନ୍ୟାୟଶାସ୍ତ୍ରକୁ ଗ୍ରହଣ କରୁଥିବାବେଳେ ସୁଫିବାଦ ଓ ଦରଗା ପୂଜାକୁ ଭୁଲ୍ ବୋଲି ମାନନ୍ତି। ସିପାହ୍-ଇ-ସହାବା ପାକିସ୍ତାନ ଓ ଲଶ୍କର-ଇ-ଝାଙ୍ଗିଓ୍ୱି ଉଭୟ ହେଉଛନ୍ତି ପଞ୍ଜାବୀ ସଂଗଠନ, ଯେଉଁମାନେ ପାକିସ୍ତାନୀ ଶିଆଙ୍କୁ ହତ୍ୟା କରିଥିଲେ। ଜୈଶ୍ ଚାହୁଁଛି ପାକିସ୍ତାନରେ ସମ୍ପୂର୍ଣ୍ଣଭାବେ ଶାରିଆ ଆଇନ ଲାଗୁ ହେଉ ଏବଂ ଆଫଗାନିସ୍ତାନରୁ ଆମେରିକା ହଟିଯାଉ।

ଜୈଶ୍-ଇ-ମହମ୍ମଦ ୨୦୦୦ ମସିହାରେ ପ୍ରତିଷ୍ଠା ହୋଇଥିଲା ଏବଂ ହରକତ୍-ଉଲ୍-ମୁଜାହିଦ୍ଦିନର ଅଧିକାଂଶ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଏହାର ନେତା ମାସୁଦ ଆଖ୍ତାରଙ୍କ ସମେତ ତିନିଜଣ ଆତଙ୍କବାଦୀଙ୍କୁ ଭାରତ ଗିରଫ କରିଥିଲା। କିନ୍ତୁ ସେମାନଙ୍କ ସହଯୋଗୀମାନେ କାନ୍ଦାହାରଠାରେ ଏକ ଭାରତୀୟ ବିମାନକୁ ଅପହରଣ କରି ସେମାନଙ୍କୁ ମୁକ୍ତି ଦେବାକୁ ତତ୍କାଳୀନ ବାଜପେୟୀ ସରକାରଙ୍କୁ ବାଧ୍ୟ କରିଥିଲେ। ଆଖ୍ତାରଙ୍କ ସହ ମୁକ୍ତି ପାଇଥିବା ବ୍ରିଟିଶ୍ ନାଗରିକ ତଥା ଜୈଶ୍‌ର ସଦସ୍ୟ ଓମର ସଇଦ ଶେଖ୍ ୨୦୦୨ ମସିହାରେ କରାଚୀଠାରେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ସାମ୍ବାଦିକ ଡାନିଏଲ ପର୍ଲଙ୍କୁ ଅପହରଣ କରି ନିର୍ମମଭାବେ ହତ୍ୟା କରିଥିଲେ।

୨୦୦୧ ଡିସେମ୍ବରରେ ଭାରତର ସଂସଦ ଭବନ ଆକ୍ରମଣ ଘଟଣାରେ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ପରଭେଜ ମୁଶରଫ ୨୦୦୨ ମସିହାରେ ଲଶ୍କର-ଇ-ତୋଇବା ସମେତ ଜୈଶ୍‌କୁ ମଧ୍ୟ ନିଷିଦ୍ଧ ଘୋଷଣା କରିଥିଲେ। ପଞ୍ଜାବର ମୁରିଦକେ ସହରରେ ଲଶ୍କରର ଏକ ବିରାଟ ମୁଖ୍ୟାଳୟ ଅଛି ଏବଂ ଏହାର ଅନେକ ସହଯୋଗୀ ସଂଗଠନ ତଥା ପାଣ୍ଠି ଯୋଗାଣକାରୀ ଅଛନ୍ତି। ସେମାନେ ନାମ ପରିବର୍ତ୍ତନ କରି ନିଜର କାରବାର ଜାରି ରଖିଛନ୍ତି। କେତେକ ପାକିସ୍ତାନୀ ବିଶ୍ଳେଷକଙ୍କ ବିଶ୍ୱାସ ଅନୁସାରେ ଜୈଶ୍ ଉପରେ ଲଶ୍କର ଅପେକ୍ଷା ପାକିସ୍ତାନୀ ସେନା ଓ ଆଇଏସ୍‌ଆଇର ଅଧିକ ନିୟନ୍ତ୍ରଣ ରହିଛି। ନିଷିଦ୍ଧ ଘୋଷଣା ହେବା ଓ ନିଜର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଅଚଳ ହେବା ପୂର୍ବରୁ ସେଗୁଡ଼ିକୁ ଖାଲି କରିଦେଇ ଜୈଶ୍ ସେହି ଟଙ୍କାକୁ ସେମାନଙ୍କ ତଳିଆ କ୍ୟାଡରମାନଙ୍କ ଭିତରେ ବାଣ୍ଟିଦେଇ ରକ୍ଷାପାଇ ଯାଇଥିଲା। ୨୦୦୩ ମସିହାରେ ଜୈଶ୍ ମୁଶରଫଙ୍କ ଉପରେ ଦୁଇଥର ଆତ୍ମଘାତୀ ଆକ୍ରମଣ କରିଥିଲେ ମଧ୍ୟ ମୁଶରଫ ସେଥିରୁ ରକ୍ଷା ପାଇଯାଇଥିଲେ। ଜୈଶ୍‌ର ପ୍ରଥମ ଆତ୍ମଘାତୀ ଆକ୍ରମଣ ଘଟିଥିଲା ୨୦୦୦ ଏପ୍ରିଲ ୧୯ରେ, ଯେଉଁଥିରେ ସେମାନେ ବାଦାମୀ ବାଗଠାରେ ଥିବା ଭାରତୀୟ ସେନା ଶିବିର ଉପରେ ଆକ୍ରମଣ କରିଥିଲେ। ଏହାପରେ ୨୦୦୧ ଅକ୍ଟୋବରରେ ସେମାନେ ଜମ୍ମୁ-କଶ୍ମୀର ବିଧାନସଭା ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ୩୮ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୧୩ ମସିହାରୁ ସଂଗଠନ କମ୍ ସକ୍ରିୟ ଥିଲା। ତେବେ ପାକିସ୍ତାନ ଭାବୁଛି ମାସୁଦ ଆଖ୍ତାର ଖୁବ୍ ଦାମୀ ଲୋକ। ଚାଇନାର ଭିଟୋ ଯୋଗୁ ଜାତିସଂଘର ସୁରକ୍ଷା ପରିଷଦ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିପାରି ନ ଥିଲା।

ସିଆର୍‌ପିଏଫ୍ ଉପରେ ଯେଉଁ ଆକ୍ରମଣ ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ। ଏକ ଆତ୍ମଘାତୀ ଆକ୍ରମଣ ପାଇଁ ଯୋଜନା କରିବାକୁ ହେଲେ ଉପର ସ୍ତରରୁ ବ୍ୟାପକ ସମର୍ଥନ ଓ ସହଯୋଗ ଦରକାର। ବିସ୍ଫୋରକ ଚୋରାରେ ଆଣିବା, କେମିତି ବୋମା ପ୍ରସ୍ତୁତ ହେବ ତାହା ଶିଖିବା ବା ସେ ବିଷୟରେ ବିଶେଷଜ୍ଞଙ୍କଠାରୁ ତାଲିମ ନେବା ସହ କେତେବେଳେ ଯବାନଙ୍କ ଗାଡ଼ି କେଉଁ ବାଟରେ ଯାଉଛି ତା'ର ଖବର ସଂଗ୍ରହ କରିବା ଓ କାର୍ ଆଦି ଯୋଗାଡ଼ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଦରକାର। ଜୈଶ୍ ଏ କାମରେ ସଫଳ ହେବା ଅର୍ଥ ଆତ୍ମଘାତୀ ଆକ୍ରମଣକାରୀଙ୍କ ଛଡ଼ା ଏହା ପଛରେ ଅନେକ ଲୋକଙ୍କ ହାତ ଅଛି, ଯେଉଁମାନେ ଆଖପାଖରେ ଏବେ ବି ଅଛନ୍ତି ଏବଂ ଆମର କ୍ଷତି କରିବାକୁ ଚାହୁଁଛନ୍ତି। ନିଜକୁ ଓ ଅନ୍ୟମାନଙ୍କୁ ମାରିବା ପାଇଁ ଯଦି ଜଣେ କଶ୍ମୀରୀ ବାଳକକୁ ବୁଝାଇ (ବ୍ରେନ୍‌ୱାଶ୍) ଦିଆଯାଇପାରୁଛି, ତେବେ ସେଥିରୁ ବୁଝିବାକୁ ହେବ ଯେ, ଏଥିପାଇଁ ଏକ ସକ୍ରିୟ କାର୍ଯ୍ୟକ୍ରମ ଚାଲୁ ରହିଛି। ଆହୁରି ଅନେକ ପିଲାଙ୍କୁ ସେମାନେ ନିଯୁକ୍ତି ଦେଇ ଏପରି କାମ ପାଇଁ ମନେଇବା ଅସମ୍ଭବ ନୁହେଁ। ଦୁଃଖର ବିଷୟ ଏହାକୁ ନେଇ ଦୁଇ ସମ୍ପ୍ରଦାୟ ଭିତରେ ରହିଥିବା ସମ୍ପର୍କ ଖରାପ ହେଉଛି। ମାତ୍ର କେଉଁମାନେ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିଲେ ଓ ଗୁପ୍ତ ଖବର ଦେଇଥିଲେ ତାହା ଜାଣିବା ଏତେ ସହଜ ନୁହେଁ। ଆମ ଗୁପ୍ତଚର ସଂସ୍ଥା 'ର' ମୁସଲମାନଙ୍କୁ ନିଯୁକ୍ତି ଦେଉନାହିଁ ଏବଂ ହିନ୍ଦୁମାନେ କଶ୍ମୀରୀ ମୁସଲମାନଙ୍କ ସାମାଜିକ ଇଲାକାରେ ପଶି ଗୁପ୍ତ ଖବର ସଂଗ୍ରହ କରିବା ମଧ୍ୟ ସମ୍ଭବ ନୁହେଁ। ଗୋଇନ୍ଦା ବ୍ୟୁରୋରେ ଅଳ୍ପ ସଂଖ୍ୟକ ମୁସଲମାନ ଅଛନ୍ତି। ଭାରତର ଅଧିକାଂଶ ବରିଷ୍ଠ ଗୋଇନ୍ଦା ଅଫିସର ଉର୍ଦ୍ଦୁ ପଢ଼ିଜାଣନ୍ତି ନାହିଁ। ଅହମଦାବାଦର ଅକ୍ଷରଧାମ ମନ୍ଦିରରେ ୨୦୦୨ରେ ଯେଉଁ ଫିଦାୟିନ୍ ଆକ୍ରମଣ ହେଲା, ତା'ର ନୋଟ୍ ଜଣେ ଗୁଜରାଟୀ ଇମାମଙ୍କୁ ପଢ଼ି ପୋଲିସକୁ ଶୁଣାଇବାକୁ ପଡ଼ିଥିଲା। ୧୯୯୩ ଦଙ୍ଗା ପରେ ମୁମ୍ବାଇ ପୋଲିସକୁ ମଧ୍ୟ ଅନୁରୂପ ସମସ୍ୟାର ସାମନା କରିବାକୁ ପଡ଼ିଥିଲା। ବାଜପେୟୀଙ୍କ ଚାପରେ ପଡ଼ି ମୁଶରଫ ଜୈଶ୍‌କୁ ନିଷିଦ୍ଧ ଘୋଷଣା କରିଥିଲେ। ଏବେ ମୋଦି ସରକାର ସେହିପରି କିଛି କରିବାକୁ ଯାଉଛନ୍ତି ବୋଲି ତାଙ୍କ ବିବୃତିରୁ ଜଣାପଡୁଛି।

Email: aakar.patel@gmail.com

ଲୋକେ କ'ଣ କହିବେ

ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

କେଇଦିନ ତଳେ ଏକ ଦୂରଗାମୀ ଟ୍ରେନ୍‌ର ଶୀତତାପ ନିୟନ୍ତ୍ରିତ ଡବାରେ ବସି ପଶ୍ଚିମବଙ୍ଗର ମାଲ୍‌ଦାରୁ ଭୁବନେଶ୍ୱର ଫେରୁଥିଲା ବେଳେ ପାଖ ବର୍ଥରେ ବସି ଯାତ୍ରା କରୁଥିବା ଦୁଇ ଅଣଓଡ଼ିଆ ଦମ୍ପତିଙ୍କ ହିନ୍ଦୀ ବାର୍ତ୍ତାଳାପ ଲେଖକକୁ ବେଶ୍ କିଛି ସମୟ ପାଇଁ ଆତ୍ମମନସ୍କ କରିଦେଇଥିଲା। ପତି ପତ୍ନୀ ଦୁହେଁ ଯେଉଁ ପ୍ରସଙ୍ଗ ସମ୍ପର୍କରେ କମ୍ ଆଲୋଚନା, ବେଶି ଯୁକ୍ତି କରୁଥିଲେ ସେ ପ୍ରସଙ୍ଗଟି ଥିଲା ସେଇ ବୃଦ୍ଧା ବିଧବା ନାରୀଙ୍କୁ ନେଇ, ଯାହାଙ୍କ ପରିଚୟ ଥିଲା ପତିଙ୍କ ମା' ଓରଫ ପତ୍ନୀଙ୍କର ଶାଶୁ। ପତ୍ନୀଙ୍କର ଜିଦ୍ ଥିଲା, ସେ ଆଉ ବାରମ୍ବାର ଅସୁସ୍ଥ ଶାଶୁଙ୍କୁ ଦେଖିବା ପାଇଁ ଆସିପାରିବେ ନାହିଁ। ସୁତରାଂ, ତାଙ୍କୁ ବୃଦ୍ଧାଶ୍ରମରେ ଛାଡିବା ନିହାତି ଜରୁରୀ। ବୃଦ୍ଧାଙ୍କ ପୁଅ କହୁଥିଲେ, ମୁଁ ବି ତାହା ଚାହୁଁଛି ଯେ ହେଲେ ଡର ଲାଗୁଛି, 'ଲୋକେ କ'ଣ କହିବେ' ?

କାଳେ କାଳେ ଲୋକମତକୁ ଭୟ କରିଆସିଛି ମଣିଷ। ସେ ପ୍ରବଳ ପରାକ୍ରମଶାଳୀ ହେଉ କି ସାଧାରଣ ମଣିଷ, ଲୋକମତର ଭୟ ସବୁବେଳେ ତାକୁ ଦୁର୍ବଳ କରିଆସିଛି। ଅତୀତରେ ଭଗବାନ୍ ରାମଚନ୍ଦ୍ର ଏହି ଲୋକମତକୁ ଡରି ସନ୍ତାନସମ୍ଭବା ପତ୍ନୀକୁ ନିର୍ବାସିତ କରିଥିଲେ। ବଡ ବିଚିତ୍ର ଓ ବ୍ୟାପକ ଏହି ଲୋକମତର ସ୍ୱରୂପ। ନିର୍ଦ୍ଦିଷ୍ଟ ରୂପ ନ ଥାଇ ବି ଏହା ଯେକୌଣସି ସ୍ଥାନରେ, ଯେ କୌଣସି ସମୟରେ ପ୍ରକଟିତ ହୋଇପାରେ। ବେଗ ନ ଥାଇ ବି କେବଳ ଆବେଗକୁ ଆଧାର କରି ବାତ୍ୟାଠୁଁ ବଳି ଆହୁରି ତୀବ୍ରତର ବେଗରେ ଗତି କରିପାରେ। ତେବେ କେମିତି ଓ କେଉଁଠି ସୃଷ୍ଟି ହୋଇଥାଏ ଏହି ଲୋକମତ ? କେମିତି ଏହା ବ୍ୟାପିଯାଏ ଅରଣ୍ୟର ନିଆଁ ପରି ଜଗତର ଏ ପ୍ରାନ୍ତରୁ ସେ ପ୍ରାନ୍ତ ?

ଏସବୁ ପ୍ରଶ୍ନର ଉତ୍ତରରେ କେବଳ ଏତିକି କୁହାଗଲେ ଯଥେଷ୍ଟ ହେବ ଯେ ଲୋକାଚାର ହିଁ ଲୋକମତର ଉତ୍ପତ୍ତିସ୍ଥଳ। ସମାଜରେ ବସବାସ କରୁଥିବା ଲୋକମାନଙ୍କ ଆଚାର ଆଚରଣ, ବିଚାର ବିଶ୍ଳେଷଣ ଅନୁରୂପ କାର୍ଯ୍ୟ ଜନସମର୍ଥନ ଲାଭ କରିଥାଏ ଓ ପରବର୍ତ୍ତୀ କାଳରେ ଏଥିରୁ ହିଁ ଜନ୍ମ ନେଇଥାଏ ବଳିଷ୍ଠ ଲୋକମତ। ଅନ୍ୟପକ୍ଷରେ, କାହାର ଆଚାର ବିଚାର ଯଦି ଲୋକାଚାରର ପରିପନ୍ଥୀ ହୁଏ, ତେବେ ଲୋକମତ ଏହା ବିରୋଧରେ ଯାଏ। ଏ ପ୍ରକାର କାର୍ଯ୍ୟକୁ ବିଚାର ବିଭ୍ରାଟ କୁହାଯାଇ ଅପ୍ରୀତି ଓ ଅସନ୍ତୋଷ ପ୍ରକଟ କରାଯାଏ ତ ନିଶ୍ଚୟ, ମାତ୍ର ବେଳେବେଳେ ଏମିତି କିଛି କରୁଥିବା ଲୋକଙ୍କ ମୁଣ୍ଡ ଉପରେ ଅଜାଡିପଡ଼େ ଅସାମାଜିକର ଅପନିନ୍ଦା !

ପତିପୁର ଛାଡି ପିତୃପୁରରେ ରାତି ବିତାଇଥିବା ବିବଶ ରଜକିନୀ ତା' ସ୍ୱାମୀର ଭର୍ତ୍ସନାକୁ ପ୍ରତିହତ କରିବାକୁଯାଇ ଯେତେବେଳେ ଲଙ୍କାପୁରରେ ରାତିରାତି କାଟିଥିବା ସୀତାଙ୍କର ଦୃଷ୍ଟାନ୍ତ ଦେଲା, ସେତେବେଳେ ତା'ର ସେ ଆକ୍ଷେପକୁ ସମ୍ମାନ ଜଣାଇ ରାଜା ରାମଚନ୍ଦ୍ର ନିଜ ସ୍ତ୍ରୀଙ୍କ ସତୀତ୍ୱ ପ୍ରତି ସାମାନ୍ୟ ସନ୍ଦେହ ନ ଥାଇ ମଧ୍ୟ ତାଙ୍କୁ ପରିତ୍ୟାଗ କରିଥିଲେ। ବିବାହିତା ନାରୀଟିଏ ପାଇଁ ଅନ୍ୟପୁରରେ ରାତି ବିତାଇବା ଥିଲା ତତ୍କାଳୀନ ଲୋକାଚାରର ପରିପନ୍ଥୀ। ସୁତରାଂ, ରାମରାଜ୍ୟର ପ୍ରତିଷ୍ଠାତା ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପାଇଁ ପ୍ରିୟତମା ପତ୍ନୀଙ୍କୁ ପରିତ୍ୟାଗ କଲା ଭଳି ଏକ ନିଷ୍ଠୁର ନିଷ୍ପତ୍ତି ହିଁ ଥିଲା ଲୋକାଚାରଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ।

ସେତେବେଳେ ଲୋକାଚାରକୁ ଡରି ଶ୍ରୀରାମଙ୍କ ପରି ଜଣେ ରାଜା ନିଜ ପତ୍ନୀଙ୍କୁ ପରିତ୍ୟାଗ କରିଥିଲେ। ଏବେ ସେହି ଲୋକାଚାର ପାଇଁ ପତ୍ନୀଙ୍କ ତାଡ଼ନା ସତ୍ତ୍ୱେ ପୁଅଟିଏ ତା' ମା'ଙ୍କୁ ପରିତ୍ୟାଗ କରିପାରୁନି। ଆଧୁନିକ ଜୀବନର ଜୟଯାତ୍ରା ମଧ୍ୟରେ ଆମ ସଂସ୍କାର ସଂସ୍କୃତିରେ ସମୃଦ୍ଧ ଲୋକାଚାର ତଥାପି ତିଷ୍ଠି ରହିଛି, କେଉଁଠି କେବଳ ଲୋକମତକୁ ଭୟ କରି ତ ଅନ୍ୟ କେଉଁଠି ହୃଦୟର ଆହ୍ୱାନ ହୋଇ। ପ୍ରାୟ ବର୍ଷକ ପୂର୍ବରୁ କଟକର ବଡ଼ ମେଡିକାଲରେ ଜଣେ ନବେବର୍ଷର ବାପାଙ୍କୁ ରୋଗଶଯ୍ୟାରେ ଖାଇବାକୁ ଦେଉଥିବା ତାଙ୍କ ସତୁରି ବର୍ଷ ବୟସ୍କ ବୁଢା ପୁଅର ଚେହେରା ଏ ଯାଏ ବି ଏ ଲେଖକର ସ୍ମୃତି-ସିନ୍ଧୁକରେ ସତେଜ ହୋଇରହିଛି। ନିଜ ନାତିଟି ଯେଉଁଠି କଲେଜରେ ପଢୁଥାଏ, ସେଇ ବୟସରେ ଉପନୀତ ହୋଇ ବି ନିଜ ବୁଢାବାପାଙ୍କ ଚିକିତ୍ସା ପାଇଁ ସତୁରି ବର୍ଷର ବୁଢାପୁଅ ସୁଦୂର ଭୋଗରାଇରୁ ଆସିଥା'ନ୍ତି କଟକ। ତାଙ୍କ ପାଖେ ପାଖେ ଉପସ୍ଥିତ ରହି ଅନ୍ୟାନ୍ୟ ସେବା ସହିତ ତାଙ୍କ ପାଟିର ଲାଳକୁ ସେ ନିଜ ରୁମାଲରେ ପୋଛି ପକାଉଥାନ୍ତି। ତାକୁ ଦେଖି କିଏ ବା କହନ୍ତା ଯେ ତାହା ହୃଦୟର ଉଦ୍ରେକ ନୁହେଁ, କେବଳ ଲୋକମତର ଡର !

'ଲୋକେ କ'ଣ କହିବେ ?'-ଲୋକମତ ପ୍ରତି ଏହି ମିଥ୍ୟା ଭୟ ଯେତେବେଳେ ଅନ୍ତରର ଆହ୍ୱାନକୁ ଅବଦମିତ କରି ରଖେ, ସେତେବେଳେ ପରିସ୍ଥିତି ଭୟାବହ ହୋଇଉଠେ। ଜାତିର ପିତା ଭାବେ ଏକ ମହାର୍ଘ ପରିଚିତି ଅର୍ଜନ କରିଥିବା ମହାତ୍ମା ଗାନ୍ଧୀ ନିଜ ସନ୍ତାନମାନଙ୍କର ଉପଯୁକ୍ତ ପିତା ହୋଇପାରି ନ ଥିଲେ ବୋଲି କୁହାଯାଏ। ନିଜସ୍ୱ ମୌଳିକ ମେଧା ପାଇଁ ତାଙ୍କ ପୁଅଟି ଶ୍ରେଣୀ ପରୀକ୍ଷାରେ ପ୍ରଥମ ହେଲେ ବି ତାକୁ ତା'ର ସମୁଚିତ ସ୍ଥାନରୁ ବଞ୍ଚିତ କରି ଆଉଜଣକୁ ପ୍ରଥମ ଘୋଷିତ କରାଯାଉଥିଲା। ଯେଉଁ ବିଚାର ଆଧାରରେ ଏ ପ୍ରକାର ଅନୁଚିତ କାର୍ଯ୍ୟକୁ ଗାନ୍ଧୀ ମହାତ୍ମା ପ୍ରୋତ୍ସାହିତ କରୁଥିଲେ, ତାହା ଥିଲା ମିଥ୍ୟା ଲୋକମତ ପ୍ରତି ଅହେତୁକ ଭୟ- 'ଲୋକେ କ'ଣ କହିବେ' !

ଲୋକାଚାର ଉପରେ ନିଜର ଆସ୍ଥାନ ଜମାଇ ବସିଥିବା ଲୋକମତ ଆମ ପରମ୍ପରା, ସଂସ୍କାର ଓ ସଂସ୍କୃତିକୁ ପରିପୁଷ୍ଟ କରୁ, ମନା ନାହିଁ। ମାତ୍ର ସବୁରି ଉର୍ଦ୍ଧ୍ୱରେ ତ ଜୀବନ ! ସଂସ୍କାର ହେଉ କି ଲୋକାଚାର, ଜୀବନର ଜୟଗାନ ହିଁ ସାର୍ଥକତାର ପରମ ଲକ୍ଷ୍ୟ। ଅଥଚ ବେଳେବେଳେ କିଛି ଘଟଣା କାନରେ ପଡେ, ଯାହା ଜୀବନକୁ ପଛକୁ ଠେଲିଦେଇ ଲୋକାଚାରର ଜୟଗାନ କରେ। ଆଦିବାସୀ ସମାଜରେ କୁନି ଶୁଶୁମାନଙ୍କୁ ରୋଗମୁକ୍ତ କରିବାର ଲକ୍ଷ୍ୟ ନେଇ ତାଙ୍କ କୋମଳ ଚର୍ମରେ ଚେଙ୍କ ଦେବା ଭଳି ଏକ ଅମାନବିକ ପରମ୍ପରା ଏହି ପର୍ଯ୍ୟାୟର। ବିଷୁବର ତାତିଲା ସୂର୍ଯ୍ୟଙ୍କ ପ୍ରଖରତା ମଧ୍ୟରେ ବି ଉତ୍ତପ୍ତ ଅଗ୍ନିପଥ ଉପରେ ଚାଲିବା, ବୈଦିକ ଯାଗଯଜ୍ଞ ନାମରେ ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ଅଭୁକ୍ତ ରହିବା ଆଦି ଲୋକାଚାର ଜୀବନ ପାଇଁ କଷ୍ଟଦାୟକ ହେଲେ ବି ଲୋକମତକୁ ଡରି ଏହାକୁ ଗ୍ରହଣ କରି ନିଆଯାଇଛି। ଲୋକାଚାରଠୁଁ ଜୀବନକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଚାରୁଥିବା କେହି ଯଦି ନିଜର ଭିନ୍ନ ମତପ୍ରକାଶ କରିବାର ଉପକ୍ରମ କରେ, ତେବେ ତାକୁ ଚୁପ୍ କରି ଦିଆଯାଏ ଏ କଥା କହି-'ଲୋକେ କ'ଣ କହିବେ ?'

ଏ ପ୍ରସଙ୍ଗରେ ଜଣେ ବନ୍ଧୁଙ୍କଠାରୁ ଶୁଣିଥିବା ତାଙ୍କ ଅଙ୍ଗେନିଭା କାହାଣୀ ବେଶ୍ ପ୍ରଣିଧାନଯୋଗ୍ୟ। ବନ୍ଧୁ ସସ୍ତ୍ରୀକ ଯାଇଥିଲେ ମୁମ୍ବାଇରେ ରହୁଥିବା ତାଙ୍କ ସାନଭାଇ ପାଖକୁ ଛୁଟି ବିତାଇବା ପାଇଁ। ସପ୍ତାହକ ରହଣି ମଧ୍ୟରେ ଦୁଇଭାଇଙ୍କ ପରିବାର ଦିନେ ନିକଟସ୍ଥ ଲୋନାଭିଲ୍ଲା ବୁଲିବାକୁ ବାହାରିଲାବେଳେ ଅଚାନକ ସାନଭାଇଙ୍କୁ ଡାକରା ଆସିଲା ନିଜ ଉପରିସ୍ଥଙ୍କ ନିକଟରୁ। ଅଗତ୍ୟା ତାଙ୍କ ସ୍ତ୍ରୀଙ୍କ ନେତୃତ୍ୱରେ ବଡଭାଇ ଓ ତାଙ୍କ ପତ୍ନୀ ରମଣୀୟ ସ୍ଥାନ ପରିଦର୍ଶନରେ ବାହାରିଗଲେ। ବୁଲାବୁଲି କରୁଥିଲା ବେଳେ ହଠାତ୍ ନିଜର ଅସାବଧାନତା ଯୋଗୁ ଏକ ଅଗଭୀର ଜଳାଶୟରେ ପଡିଗଲେ ସାନଭାଇଙ୍କ ସ୍ତ୍ରୀ । ଭ୍ରମଣକାରୀ ଦଳଟିରେ ବଡଭାଇ ଜଣକ ଏକମାତ୍ର ପୁରୁଷ ହୋଇଥିବାରୁ ନିଜ ସାନଭାଇର ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସେ ନିଜ ହାତ ବଢାଇ ଦେଲେ। ହଠାତ୍ ତାଙ୍କ ବିସ୍ତାରିତ ଦକ୍ଷିଣ ହସ୍ତଟିକୁ ଭିଡି ଆଣିଲେ ତାଙ୍କ ପତ୍ନୀ ଓ ଗର୍ଜି ଉଠି କହିଲେ, ''ସେ ପରା ତୁମ ଭାଇବୋହୂ। ତାଙ୍କୁ ଛୁଇଁଲେ ଲୋକେ କ'ଣ କହିବେ ?''

ଘଟଣାଟି ବର୍ଣ୍ଣନା କରି ବନ୍ଧୁ କହୁଥିଲେ, ''ସେଦିନ ପତ୍ନୀଙ୍କ ଆକଟକୁ ଏକ ରୋଷକଷାୟିତ ଚାହାଣିରେ ପ୍ରତିହତ କରି ମୁଁ ମୋ ଭ୍ରାତୃବଧୂଙ୍କୁ ଉଦ୍ଧାର କଲି ସିନା, ମାତ୍ର ଭାବୁଥିଲି ମୋ ପତ୍ନୀଙ୍କ ଭଳି ଏ ସଂସାରର ଅସଂଖ୍ୟ ରୂଢିବାଦୀଙ୍କ ମୂର୍ଖତା ସମ୍ପର୍କରେ। ଖାଲରେ ପଡି କେହି ଭାଇବୋହୂ ମରିଗଲେ ଏମାନେ କିଛି କହିବେନି, ମାତ୍ର ପ୍ରାଇଭେଟ କୋଚିଂ ବଦଳରେ ନିୟମିତ ଶ୍ରେଣୀ କକ୍ଷର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିବା ଶିକ୍ଷକଙ୍କୁ କହିବେ 'ଅକର୍ମା'। ଲାଞ୍ଚ ନେଇ କାମ କରିବାକୁ ଅମଙ୍ଗ ହେଉଥିବା ଲୋକକୁ କହିବେ 'ବାଜେ ଲୋକ', ଅଥଚ ଲାଞ୍ଚ ନେଇ ଅସମ୍ଭବକୁ ସମ୍ଭବ କରିପାରୁଥିବା ଲୋକକୁ କହିବେ 'କରିତ୍‌କର୍ମା'। ଲୋକେ କହନ୍ତୁ। ଲୋକଙ୍କ କଥାରେ କିନ୍ତୁ ସତ୍ୟ, ସଦାଚାର, ନୀତି ଓ ନୈତିକତାର ଭାଷା ରହୁ। କହିବାର ସ୍ୱାଧୀନତା ଅଛି ବୋଲି ଲୋକେ ଯଦି ଆମ୍ଭକୁ ଆମ୍ଭତା ବୋଲି କହିବେ, ତେବେ ଆମ୍ଭର ସ୍ୱାଦ ସିନା ବଦଳିଯିବନି, ହେଲେ ତା'ର ରସାଳ ଅମୃତପଣ ପ୍ରତି ଯେ ଅପମାନ ହେବ, ଏ କଥା ଲୋକେ କେବେ ବୁଝିବେ ?

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇ ସିହାଣୀ,
ଭୁବନେଶ୍ୱର, ମୋ-

ଫିଲ୍ମ ବ୍ୟବସାୟର ସାପ୍ତାହିକ ଆୟ ଉପରେ ଗୁରୁତ୍ୱ ବୃଦ୍ଧି ପାଉଥିବାରୁ ଏହା ସିନେମା କଳାକୁ କ୍ଷତିଗ୍ରସ୍ତ କରୁଛି।

-ସ୍ୱରା ଭାସ୍କର, ବଲିଉଡ ଅଭିନେତ୍ରୀ

ମୋଦିଙ୍କ ମା' ଭୂମିକାରେ ଜରିନା ୱାହବ

ମୁମ୍ବାଇ: ଆଗାମୀ ବାୟୋପିକ୍ 'ପିଏମ୍ ନରେନ୍ଦ୍ର ମୋଦି'ରେ ବିଶିଷ୍ଟ ଅଭିନେତ୍ରୀ ଜରିନା ୱାହବ ମୋଦିଙ୍କ ମା' ହୀରାବେନ୍ ଭୂମିକାରେ ଅବତୀର୍ଣ୍ଣ ହେବେ। ଏହା ତାଙ୍କ ପାଇଁ ସମ୍ମାନର ବିଷୟ ହେବ ଏବଂ ଦର୍ଶକମାନେ ଏହାକୁ ପସନ୍ଦ କରିବେ ବୋଲି ଜରିନା କହିଛନ୍ତି। ଟେଲିଭିଜନ୍ ଅଭିନେତ୍ରୀ ବର୍ଷା ବିଶ୍ ସେନଗୁପ୍ତ ମୋଦିଙ୍କ ପତ୍ନୀ ଯଶୋଦାବେନ୍ ଭୂମିକା ନେବେ। ଏ ସମ୍ପର୍କରେ ସେ କହନ୍ତି, ଫିଲ୍ମ ଶୁଟିଂସେଟ୍‌ରେ ତାଙ୍କର ବେଶ୍ ଅଭିଜ୍ଞତା ରହିଛି। ପ୍ରଯୋଜକ ସନ୍ଦୀପ ସିଂ ଏଭଳି ଏକ ଫିଲ୍ମରେ ତାଙ୍କୁ ସୁଯୋଗ ଦେଇଥିବାରୁ ସେ କୃତଜ୍ଞତା ପ୍ରକାଶ କରିଛନ୍ତି। ପୂର୍ବରୁ 'ଗଲିୟୋଁ କୀ ରାସଲୀଲା ରାମ-ଲୀଲା'ରେ ତାଙ୍କ ସହିତ କାମ କରିବାର ଅଭିଜ୍ଞତା ରହିଛି ବୋଲି ସେ ପ୍ରକାଶ କରିଥିଲେ। ଯଶୋଦାବେନ୍‌ଙ୍କ ଭୂମିକା ତାଙ୍କ ପାଇଁ ମଜାଦାର ହେବ ବୋଲି ବର୍ଷା କହିଛନ୍ତି।

ଉକ୍ତ ଫିଲ୍ମରେ ମନୋଜ ଜୋଷୀ (ଭାଜପା ମୁଖ୍ୟ ଅମିତ୍ ଶାହ) ପ୍ରଶାନ୍ତ ନାରାୟଣନ୍, ବୋମାନ ଇରାନୀ, ଦର୍ଶନ କୁମାର, ଅକ୍ଷତ ଆର. ସାଲୁଜା, ଅଞ୍ଜନ ଶ୍ରୀବାସ୍ତବ, ରାଜେନ୍ଦ୍ର ଗୁପ୍ତା ଏବଂ ଯତୀନ କୋରେଇକର ପ୍ରମୁଖ ଭୂମିକା ନିର୍ବାହ କରିବେ। ନରେନ୍ଦ୍ର ମୋଦି ଭୂମିକାରେ ଅବତୀର୍ଣ୍ଣ ହେବେ ଅଭିନେତା ବିବେକ ଆନନ୍ଦ ଓବେରୟ। ନରେନ୍ଦ୍ର ଦାମୋଦର ଦାସ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ଏବଂ ପରେ ୨୦୧୪ରେ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ସେ ଦେଶର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ ହୋଇଥିଲେ। ମୋଦିଙ୍କ ଏହି ରାଜନୈତିକ ଜୀବନର ଦୀର୍ଘଯାତ୍ରା ଉକ୍ତ ଫିଲ୍ମରେ ସ୍ଥାନ ପାଇବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ନ୍ୟାଶନାଲ ଆୱାର୍ଡ ୱିନର ଓମୁଙ୍ଗ କୁମାର।

ଭାରତୀୟ ପତାକା ପ୍ରଦର୍ଶନ କରି ପାକ୍ ସ୍କୁଲ୍ ଦଣ୍ଡିତ

କରାଚୀ: ପାକିସ୍ତାନର ଏକ ସ୍କୁଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ କେତେକ ଛାତ୍ର ଭାରତୀୟ ସଂଗୀତ ଗାଇବା ସହ ଜାତୀୟ ପତାକା ପ୍ରଦର୍ଶନ କରିବାରୁ ଉକ୍ତ ସ୍କୁଲ୍‌କୁ ପାକିସ୍ତାନୀ କର୍ତ୍ତୃପକ୍ଷ ଦଣ୍ଡିତ କରିଛନ୍ତି। ଭାରତୀୟ ସଂସ୍କୃତିର ପ୍ରସାରକୁ ବିରୋଧ କରି 'ମାମା ବେବି କେୟାର କେମ୍ବ୍ରିଜ ସ୍କୁଲ୍'ର ପଞ୍ଜୀକରଣ ପ୍ରତ୍ୟାହାର କରିନିଆଯାଇଛି। ସ୍କୁଲ୍‌ରେ ଚାଲିଥିବା କାର୍ଯ୍ୟକ୍ରମର ତଦନ୍ତ ପାଇଁ ଘରୋଇ ସ୍କୁଲ ନିର୍ଦ୍ଦେଶାଳୟ ଏକ ୩ ଜଣିଆ କମିଟି ଗଠନ କରିଛି। ଏ ସଂକ୍ରାନ୍ତରେ ଇନ୍ସପେକ୍ସନ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପ୍ରାଇଭେଟ୍ ଇନ୍‌ଷ୍ଟିଚ୍ୟୁଶନ୍‌ସ ସିନ୍ଧ୍ ନିର୍ଦ୍ଦେଶାଳୟରେ ହାଜର ହୋଇ ଏହାର କାରଣ ଦର୍ଶାଇବାକୁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ଗତ ସପ୍ତାହରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପାକିସ୍ତାନୀଙ୍କ ପକ୍ଷରୁ କଟୁ ସମାଲୋଚନା କରାଯାଇଥିଲା। ଅପରପକ୍ଷରେ ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ୍ ଫତିମା କହିଛନ୍ତି, ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍କୁଲ୍ ପରିଚାଳନା କମିଟି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବିଭିନ୍ନ ଦେଶର ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଏହାର ଉଦ୍ଦେଶ୍ୟ ଥିଲା। ଛାତ୍ରୀଛାତ୍ରମାନେ ସୌଦି ଆରବ, ଆମେରିକା, ଇଜିପ୍ଟ, ପାକିସ୍ତାନ, ଭାରତ ଏବଂ ଅନ୍ୟ କେତେକ ଦେଶର କଳା ସଂସ୍କୃତି ପରିବେଷଣ କରିଥିଲେ। କିନ୍ତୁ କେତେକ ଖବରଦାତା ଉକ୍ତ ସ୍କୁଲ୍‌କୁ ବଦନାମ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଅଂଶକୁ ନେଇ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲେ, ଯାହା ବିବାଦୀୟ ପ୍ରସଙ୍ଗ ହୋଇଥିଲା ବୋଲି ଫତିମା କହିଛନ୍ତି।

କପିଲ ଶର୍ମା ଶୋ'ରୁ ସିଦ୍ଧୁ ବିଦା

ମୁମ୍ବାଇ: ଜୈଶ୍-ଇ-ମହମ୍ମଦ୍ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ପୁଲ୍‌ୱାମା ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ୍ ଶହୀଦ ହେବା ପରେ ପଞ୍ଜାବ କ୍ୟାବିନେଟ୍ ମନ୍ତ୍ରୀ ନବ୍‌ଜୋତ ସିଂ ସିଦ୍ଧୁ ପାକିସ୍ତାନକୁ ସୁହାଇଲା ଭଳି ଦେଇଥିବା ଏକ ମନ୍ତବ୍ୟ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏଥିପାଇଁ ବିଭିନ୍ନ ଆଡୁ ବିରୋଧର ସ୍ୱର ଉଠିବା ପରେ କପିଲ ଶର୍ମା ଶୋ'ରୁ ସିଧୁଙ୍କୁ ବାଦ୍ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋନି ଏଣ୍ଟର୍‌ଟେନମେଣ୍ଟ ଟେଲିଭିଜନ୍‌ର କମେଡି ଶୋ'ରେ ପୂର୍ବତନ କ୍ରିକେଟର ସିଦ୍ଧୁ ଆଉ ଭାଗ ନେଇପାରିବେ ନାହିଁ। କ୍ରିକେଟରରୁ ରାଜନେତା ବନିଥିବା ପଞ୍ଜାବର ଏହି ମନ୍ତ୍ରୀ କପିଲଙ୍କ ଶୋ'ରେ ଦୀର୍ଘ ବର୍ଷ ହେବ ସଂଶ୍ଳିଷ୍ଟ ହୋଇ ରହିଆସିଛନ୍ତି। ସେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଆତଙ୍କବାଦୀଙ୍କ ଏହି ଜଘନ୍ୟ କାଣ୍ଡ ପାଇଁ ସମଗ୍ର ଦେଶ (ପାକିସ୍ତାନ)କୁ ଦାୟୀ କରାଯାଇ ପାରିବ ନାହିଁ। ଆତଙ୍କବାଦୀଙ୍କର ଜାତି ଓ ଧର୍ମ ନାହିଁ। ପ୍ରତ୍ୟେକ ରାଷ୍ଟ୍ରରେ ଆତଙ୍କବାଦୀ ଅଛନ୍ତି। ତେଣୁ ଆତଙ୍କବାଦୀ ହିଁ ଦଣ୍ଡିତ ହେବା ଉଚିତ। ପୁଲ୍‌ୱାମା ଘଟଣାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯିବା ସହିତ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିବା ବେଳେ ଇସଲାମାବାଦ୍ ସହିତ ଭାରତ ଆଲୋଚନା ଜାରିରଖିବା ଉଚିତ ହେବ ବୋଲି ସିଦ୍ଧୁ ମତ ଦେଇଥିଲେ। ସିଦ୍ଧୁଙ୍କର ଏହି ମନ୍ତବ୍ୟକୁ ପ୍ରବଳ ବିରୋଧ କରାଯିବା ସହିତ '#ବୟକଟ୍ ସିଦ୍ଧୁ', '#ବୟକଟ୍ କପିଲ ଶର୍ମା ଶୋ' ଏବଂ '#ବୟକଟ୍ ସୋନିଟିଭି' ଆଦି ହାଜଟ୍ୟାଗ୍ ଲଗାଇ ସୋସିଆଲ ମିଡିଆରେ ଟୁଇଟ୍ କରାଯାଇଥିଲା।

ଇତିହାସର ଆଇନାରେ

ଫେବୃୟାରୀ ୧୭ର ପ୍ରମୁଖ ଘଟଣା

୨୦୦୬ ଫେବୃୟାରୀ ୧୭ରେ ଫିଲିପାଇନ୍ସର ସଦର୍ନ ଲାଇଟ୍‌ରେ ପ୍ରକାଣ୍ଡ ଅତଡା ଧସିବା ଯୋଗୁ ୧୧୨୬ ଲୋକଙ୍କ ମୃତ୍ୟୁ ଘଟିଥିଲା। ସଦର୍ନ ଲାଇଟ୍ ହେଉଛି ଫିଲିପାଇନ୍ସର ଏକ ପ୍ରଦେଶ। ଏହା ଇଷ୍ଟର୍ନ ଭିସାୟସ୍ ଅଞ୍ଚଳରେ ଅବସ୍ଥିତ। ମାସିନ୍ ନଗରୀ ଏହାର ରାଜଧାନୀ। ସଦର୍ନ ଲାଇଟ୍ ୧୯୫୯ରେ ଏକ ସ୍ୱାଧୀନ ରାଜ୍ୟ ହେବା ପୂର୍ବରୁ ଏହା ସବ୍-ପ୍ରଭିନ୍ସ ଥିଲା। ପ୍ରଥମକରି ରୋମାନ୍ କ୍ୟାଥଲିକ୍ ସମ୍ପ୍ରଦାୟର ଲୋକେ ଏଠାରେ ବସବାସ କରିବାରୁ ଫିଲିପାଇନ୍ସର ଏହି ଅଞ୍ଚଳକୁ ରୋମାନ୍ କ୍ୟାଥଲିସିଜିମ୍‌ର ଜନ୍ମସ୍ଥଳୀ ଭାବେ ବିବେଚନା କରାଯାଏ।

୨୦୦୮ ଫେବୃୟାରୀ ୧୭ରେ ସର୍ବିଆରୁ ସ୍ୱାଧୀନତା ଲାଭ କରିଥିଲା କୋସାଭୋ। କୋସାଭୋକୁ ରିପବ୍ଲିକ ଅଫ୍ କୋସାଭୋ ମଧ୍ୟ କୁହାଯାଏ। ଏହା ଆଂଶିକ-ସ୍ୱୀକୃତିପ୍ରାପ୍ତ ରାଷ୍ଟ୍ର ଏବଂ ଦକ୍ଷିଣ-ପୂର୍ବ ୟୁରୋପର ଏକ ବିବାଦୀୟ ଅଞ୍ଚଳ। ଏହାର କ୍ଷେତ୍ରଫଳ ୧୦,୯୦୮ ବର୍ଗ କିଲୋମିଟର। କୋସାଭୋର ଉତ୍ତର ଓ ପୂର୍ବରେ ସର୍ବିଆର ନିର୍ବିରୋଧ ଅଞ୍ଚଳ, ଦକ୍ଷିଣ-ପୂର୍ବରେ ଉତ୍ତର ମାସିଡୋନିଆ, ଦକ୍ଷିଣ-ପଶ୍ଚିମରେ ଆଲ୍‌ବାନିଆ ଏବଂ ପଶ୍ଚିମରେ ମଣ୍ଟିନେଗ୍ରୋ ରହିଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ସିଗ୍‌ନାଲିଂ ଏବଂ ଟେଲିକମ୍ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ.- ୬୭୫-କେବୁଲଶିଫ୍ଟିଂ-ଜେଡିଆଇ-ସିପିଏଚ୍, ତାରିଖ: ୧୨।୦୨।୨୦୧୯

କାର୍ଯ୍ୟ: ଏସ୍.ଇ.ସି. ରେଳପଥର ବିଳାସପୁର ଡିଭିଜନରେ ବିଏସ୍‌ପି-ଜେଏସ୍‌ବିର ୪ର୍ଥ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଜେଡିଆଇ-ସିପିଏଚ୍ ସେକ୍ସନରେ ସିଗ୍‌ନାଲିଂ ଓ ଟେଲିକମ୍ କେବୁଲ୍, ଲୋକେସନ୍ ବକ୍ସର ସ୍ଥାନାନ୍ତରଣ/ସ୍ଥାନ ପରିବର୍ତ୍ତନ।

ଟେଣ୍ଡର ମୂଲ୍ୟ- ₹୨୫୧୭୪୦୭୧/- (₹ଦୁଇ କୋଟି ଏକାବନ ଲକ୍ଷ ଚଉସ୍ତରି ହଜାର ଏକଶତରି ମାତ୍ର), **ଇଏମ୍‌ଡି-** ₹୨୭୫୯୦୦/- (ଦୁଇଲକ୍ଷ ପଚାସ୍ତରି ହଜାର ନଅଶହ ମାତ୍ର), **ଟେଣ୍ଡର ସମାପ୍ତି:** ତା୦୫।୦୩।୨୦୧୯ରିଖ ଅପରାହ୍ନ ୧୫.୩୦ ଘଟିକାରେ।

ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଏସ୍‌ବିଇ (ନିର୍ମାଣ) ଏସ୍‌ଇସି ରେଳପଥ ବିଳାସପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ ।

ଡେପୁଟି ଚିଫ୍ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ୟୁନିକେଶନ୍ ଇଞ୍ଜିନିୟର/ସିଓଏଚ୍-II

CPR/10/400

ସ୍ୱଚ୍ଛ ଭାରତ ଅଭିଯାନ

ପୂର୍ବ ତଟ ରେଳପଥ

ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-EI-KYOSAN-133, ତା. 13.02.2019 ରିଖ

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଞ୍ଚେଶ୍ୱର ଷ୍ଟେସନ ଠାରେ Kyosan ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ : ₹33,70,000/-, EMD : ₹67,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/- (GST 18% ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.02.2019,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.03.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-480/J/18-19

ପୂର୍ବ ତଟ ରେଳପଥ

ଡାଟା ଏଣ୍ଟ୍ରି ପରିଚାଳନା ସେବା ବ୍ୟବସ୍ଥା

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-318E ତା. 31.01.2019 ରିଖ

କାର୍ଯ୍ୟର ନାମ : "ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ମୁଖ୍ୟାଳୟ/ଭୁବନେଶ୍ୱର, ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ଅନଗୁଳ ଏବଂ କାର୍ଯ୍ୟନିର୍ବାହୀ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ଝରପୁରଙ୍କ କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹34.90 ଲକ୍ଷ, EMD : ₹69,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/-, କାର୍ଯ୍ୟ ଶେଷ ହେବା ଅବଧି: 730 ଦିନ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.03.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-101/CB/18-19

OFFICE OF TAHASILDAR ANGUL

MEGA LOK ADALAT
Dt. 17.02.19
VENUE: BIJU MAIDAN

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୧୭।୦୨।୧୯ (ରବିବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଗୋଳ ଜିଲ୍ଲାର ବିଜୁ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମେଗା ଲୋକ ଅଦାଲତ'ରେ ଅନୁଗୁଳ ତହସିଲଦାରଙ୍କ କାର୍ଯ୍ୟାଳୟ ତରଫରୁ ୫୦ ଗୋଟି ପଟ୍ଟା (RoR) ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ତହସିଲ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଉପସ୍ଥିତ ରହି ପଟ୍ଟା ଗ୍ରହଣ କରିବାକୁ ନିବେଦନ।

ଆପଣଙ୍କର ତହସିଲଦାର
ବିଚିତ୍ରାନନ୍ଦ ନାୟକ
Tahasildar, Angul

DHARITRI Career appointment Every Wednesday and Saturday

ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷାକରେ

JOLLY

ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

ତୁଳସୀ 51 ଡ୍ରପ୍‌ସ

ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର

ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...

କେଶ ହାନି
ଚର୍ମରୋଗ
କାଠବ୍ରଣ, ବ୍ରଣ
ଝିମିଝିମି ଲାଗିବା
ତୁଣ୍ଡ ଘା'
କାଲୁଆ ଲାଗିବା
ଏକାଗ୍ରତା ଅଭାବ
ମୁଣ୍ଡ ବୁଲାଇବା

CLINICALLY PROVEN

 କୋଷ୍ଠକାଠିନ୍ୟ
ପେଟ ଗ୍ୟାସ୍
ଏସିଡିଟି
ବଦହଜମି
ଶ୍ୱାସରୋଗ
କାଶ, କଫ
ଦୁର୍ବଳତା
କ୍ଲାନ୍ତିରେ ପ୍ରଭାବୀ

As per clinical study report

କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ

ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588

BOI ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା, ସହ-ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଶନିବାର ପୂର୍ବାହ୍ଣରେ ବଲାଙ୍ଗୀର ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଛି । ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର ପ୍ରତିବାଦ କରି ପୁଞ୍ଜିଲାଲ ଗତ ୧୦ ଦିନ ହେଲା ଅନଶନ ଜାରି ରଖିଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ପରେ ତାଙ୍କୁ ଜେଲ୍ ହସ୍‌ପିଟାଲରୁ ସରକାରୀ ମେଡିକାଲ କଲେଜ ଭେଷଜ ବିଭାଗ(ଶଯ୍ୟା ନଂ.୩୬)ରେ ଭର୍ତ୍ତି କରାଯାଇଛି । ଗୁରୁବାର ତାଙ୍କୁ ଜେଲ ଭିତରେ ସାଲାଇନ୍ ଦିଆଯାଇଥିଲା । ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି ।

ସଂକ୍ଷେପରେ

ବର୍ଷିଲା, ଖସିଲା ପାରଦ ୧୯ରୁ ବଢ଼ିବ ତାତି

ଭୁବନେଶ୍ୱର,୧୬।୨(ବ୍ୟୁରୋ)-ଶନିବାର ପାହାନ୍ତାରୁ କଳାହାଣ୍ଡିଆ ମେଘ ଘୋଟି ଆସିଲା। ଆକାଶ ମେଘାଚ୍ଛନ୍ନ ହେବା ସାଙ୍ଗକୁ ଘଡଘଡି ସହ ବର୍ଷା ଅଚାନକ ପାଗରେ ପରିବର୍ତ୍ତନ ଆଣିଥିଲା। ବର୍ଷା ଯୋଗୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ସହରାଞ୍ଚଳରେ ପାର୍କ ଜନଶୂନ୍ୟ ରହିଥିଲା। ଲୋକମାନେ ପ୍ରାତଃ ଭ୍ରମଣ କରି ପାରି ନ ଥିଲେ। ପଶ୍ଚିମ, ଦକ୍ଷିଣ ଏବଂ ଉପକୂଳ ଓଡିଶାରେ ବର୍ଷା ଲାଗିରହିଥିଲା । ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୨୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୧୫, ଭବାନୀପାଟଣା ୬, ହୀରାକୁଦ ୧୦.୫, ସମ୍ବଲପୁର ୧୦.୪, ତାଳଚେର ୧୨, ସୁନ୍ଦରଗଡ ୫, ଝାରସୁଗୁଡା ୧୪.୬, କେନ୍ଦୁଝର ୧୬, ବାଲେଶ୍ୱର ୨.୪, କଟକ ୩, ଭୁବନେଶ୍ୱର ୧.୫, ଅନୁଗୋଳ ୧୦ ଏବଂ ବାରିପଦାରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବ। ତେବେ ବର୍ଷା ଯୋଗୁ ରାଜ୍ୟରେ ଆସନ୍ତା ଦୁଇଦିନ ପାରଦ ୨ରୁ ୪ଡିଗ୍ରୀ ସେଲସିୟସ ତଳକୁ ଖସିବ। ତେବେ ପୁଣି ୧୯ ତାରିଖରୁ ପାରଦ ଉପରମୁହାଁ ହେବା ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଉପରକୁ ଚାଲିଯିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୩ ପରେ ପୁଣି ପାଗରେ ପରିବର୍ତ୍ତନ ହେଲେ ପାରଦ ତଳକୁ ଖସିବ ।

୫,୬୮୫ ପଞ୍ଚାୟତକୁ ପାନୀୟ ଜଳ

ଭୁବନେଶ୍ୱର,୧୬।୨(ବ୍ୟୁରୋ)-ରାଜ୍ୟରେ ୬୮୦୧ ଗ୍ରାମପଞ୍ଚାୟତରୁ ୫୬୮୫ ପଞ୍ଚାୟତର ଗ୍ରାମଗୁଡିକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ଗ୍ରାମ ନିମନ୍ତେ ପ୍ରକଳ୍ପ ମଞ୍ଜୁର ହୋଇ ସାରିଛି। ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବା ଶନିବାର ସଚିବାଳୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟର ଗ୍ରାମୀଣ ଜଳଯୋଗାଣ କାର୍ଯ୍ୟକ୍ରମ ଉପରେ ଅନୁଷ୍ଠିତ ସମୀକ୍ଷା ବୈଠକର ଏହି ସୂଚନା ଦିଆଯାଇଛି । ୫,୬୯୦ ପଞ୍ଚାୟତର ଗ୍ରାମଗୁଡିକରେ ଏକ ବା ତଦୂର୍ଦ୍ଧ୍ୱ ପାଇପ ଜଳ ଯୋଗାଣ ହୋଇଛି। ରାଜ୍ୟରେ ୧୦ ହଜାର ୯୧୮ କୋଟି ୬ ଲକ୍ଷ ଅର୍ଥ ବ୍ୟୟରେ ପ୍ରାୟ ୬୧ଟି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରାୟ ୪,୨୦୦ ନୂତନ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ତ୍ୱରିତ ବେଗରେ ଆଗେଇ ଚାଲିଛି। ଚଳିତ ଆର୍ଥିକ ବର୍ଷରେ ୨,୫୧୫ କୋଟି ୭୬ ଲକ୍ଷ ବଜେଟ ମଧ୍ୟରୁ ୧,୫୪୭ କୋଟି ୧ ଲକ୍ଷ ଟଙ୍କାର ଅର୍ଥ ବ୍ୟୟ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୪ ଲକ୍ଷ ୬୦ ହଜାର ନଳକୂପ ବସାଯାଇଛି। ଅତିରିକ୍ତ ୫୬ ହଜାର ଗ୍ରାମକୁ ପାନୀୟ ଜଳ ଯୋଗଇ ଦେବାକୁ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ୬୬ ଲକ୍ଷ ହିତାଧିକାରୀ ଉପକୃତ ହେବେ। ଏହି ବୈଠକରେ ବିଭାଗୀୟ ସଚିବ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶସାନ ସଚିବ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।

ଅନିଲ ଅମ୍ବାନୀଙ୍କ ସ୍ୱାର୍ଥରେ ରାଫାଲ ଚୁକ୍ତି

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ରାଫାଲ ଯୁଦ୍ଧବିମାନ କ୍ରୟ ନେଇ ହୋଇଥିବା ଚୁକ୍ତି ପ୍ରକ୍ରିୟାରେ କୌଣସି ନିୟମ ପାଳନ ହୋଇନାହିଁ। ଦେଶର ସୁରକ୍ଷା ବ୍ୟବସ୍ଥାକୁ ଏଥିରେ ଅଣଦେଖା କରାଯାଇଛି। ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦେବା ପାଇଁ ରାଫାଲ ଚୁକ୍ତି ବଦଳାଯାଇଛି। ଏଥିପାଇଁ ୧୨୬ଟି ଯୁଦ୍ଧ ବିମାନ ପରିବର୍ତ୍ତେ ମାତ୍ର ୩୬ଟି କ୍ରୟ ପାଇଁ ଏନ୍‌ଡିଏ ସ୍ଥିର କରିଥିବା ଆଇନଜୀବୀ ପ୍ରଶାନ୍ତଭୂଷଣ କହିଛନ୍ତି। ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଶାନ୍ତ ଭୂଷଣ ଏହି କଥା କହିଛନ୍ତି।

ପ୍ରଶାନ୍ତ ଆହୁରି କହିଛନ୍ତି ଯେ, କିଛିଦିନ ତଳେ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଯାଇ ଚୁକ୍ତି କରିବାର ୨ ଦିନ ପୂର୍ବରୁ ଅନିଲ ଅମ୍ବାନୀ ଫ୍ରାନ୍ସ ଗସ୍ତ କରିଥିଲେ। ଅନିଲ ସେଠାରେ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ଏବଂ ଅନ୍ୟାନ୍ୟ ଉଚ୍ଚପଦାଧିକାରୀଙ୍କୁ ଭେଟିଥିଲେ। ମୋଦି ପ୍ରତିରକ୍ଷା ସମ୍ପର୍କିତ ସମସ୍ତ ନିୟମ ଉଲ୍ଲଂଘନ କରିବା ସହ ରାଫାଲ ଚୁକ୍ତି କରିଛନ୍ତି। ଏହି ବିଷୟରେ ହାଲ୍, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କୁ ଜଣାଇ ନ ଥିଲେ। ଯଦି ଏନ୍‌ଡିଏ ସରକାର ସ୍ୱଚ୍ଛ ତେବେ ଜେପିସ ତଦନ୍ତକୁ କାହିଁକି ଡରୁଛି। କାହା ସ୍ୱାର୍ଥରେ ପୂର୍ବରୁ କୌଣସି ଯୁଦ୍ଧବିମାନ ତିଆରି ଅଭିଜ୍ଞତା ନ ଥିବା କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରାଗଲା ବୋଲି ପ୍ରଶାନ୍ତ ଭୂଷଣ ପ୍ରଶ୍ନ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ୧୯ଟି ପ୍ରମୁଖ ପ୍ରସଙ୍ଗ ଉପରେ ପ୍ରଶାନ୍ତ ଆଲୋକପାତ କରିଛନ୍ତି। ଏଗୁଡିକ ହେଉଛି– ଆଇନ ଅପବ୍ୟବହାର ଉପରେ ରୋକ, ନିର୍ବାଚନୀ ସଂସ୍କାର ଏବଂ ଅର୍ଥ ବଳର ଅପପ୍ରୟୋଗ ଉପରେ ଅଙ୍କୁଶ, ଗଣମାଧ୍ୟମରେ ସଂସ୍କାର,

ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ ଭୂଷଣଙ୍କ ସହ ଅନ୍ୟମାନେ ।

ପ୍ରଶାନ୍ତ ଭୂଷଣଙ୍କ ଅଭିଯୋଗ

ସାର୍ବଜନୀନ ସାମାଜିକ ସୁରକ୍ଷା ବ୍ୟବସ୍ଥା, କୃଷକମାନଙ୍କ ପାଇଁ ନୂତନ ନୀତି, ଶିକ୍ଷା ଅଧିକାରକୁ ବାସ୍ତବରୂପ ଦେବା, ଉଚ୍ଚଶିକ୍ଷା ଅନୁଷ୍ଠାନର ସ୍ୱାୟତତ୍ତା ରକ୍ଷା ଏବଂ ସର୍ବନିମ୍ନ ସ୍ୱାସ୍ଥ୍ୟ ସୁବିଧା। ଏହା ବ୍ୟତୀତ ଏମ୍‌ଜିଏନ୍‌ଆରଇଜିଏସର ବୃଦ୍ଧି, ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଲୋକସେବା ପ୍ରମୁଖ ବିଭାଗରେ ପଦବୀ ପୂରଣ, ସମ୍ବଳ ବୃଦ୍ଧି ନେଇ ଆର୍ଥିକ ନୀତି, ସ୍ୱୟଂଶାସିତ ଓ ସଶକ୍ତ ପରିବେଶ କମିଶନ ଗଠନ, ବିମିନ୍ନ ନିଷ୍ପତ୍ତି ନେବା ସଂସ୍ଥାରେ ମହିଳାଙ୍କ ସର୍ବନିମ୍ନ ଉପସ୍ଥିତି, ନିଷ୍ପେଷିତଙ୍କ ପାଇଁ ଉପଯୁକ୍ତ ଆଇନ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଅକାମୀ ହୋଇଥିବା ଆଇନର ପୁନର୍ଗଠନ, ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ଭରଦ୍ୱାଜ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ,ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ଏବଂ ଯୁବ ସଙ୍ଗଠନ ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୨୦ ଫୁଟ ତଳକୁ ଖସିଲା ବୋଲେରୋ: ଜଣେ ମୃତ,୨ ଗୁରୁତର

କେନ୍ଦ୍ରାପଡା ଅଫିସ, ପାଟକୁରା, ୧୬।୨ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପହଣାସ୍ଥିତ ଚିତ୍ରୋତ୍ପଳା ନଦୀ ବନ୍ଧ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବୋଲେରୋ ୨୦ ଫୁଟ୍ ତଳକୁ ଖସିପଡିଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ୪ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସଦର ଥାନା ଭରତପୁର ପଞ୍ଚାୟତ ଅନ୍ତର୍ଗତ ମେହେନ୍ଦିପୁର ଗ୍ରାମର ପରୀ ମଲ୍ଲିକଙ୍କ ପୁଅ ଭରତ (୪୯)। ଭରତ ଏହି ପଞ୍ଚାୟତ ଅନ୍ତର୍ଗତ ଏକ ମ୍ୟୁଜିକବ୍ୟାଣ୍ଡ ପାର୍ଟିର ସଦସ୍ୟ। ତାଙ୍କ ସହ ଗାଡ଼ିରେ ଏହି ବ୍ୟାଣ୍ଡ ପାର୍ଟିର ସଦସ୍ୟ ତଥା ଯାଜପୁର ଜିଲା କୃଷ୍ଣଦାସପୁର ଗ୍ରାମର ସନ୍ତୋଷ କୁମାର ମଲ୍ଲିକ ଓ ଗହଗା ନରହରିପାଟଣା ଗ୍ରାମର ବନୋଜ କୁମାର ଜେନା ଆସୁଥିଲେ। ସେମାନେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାତିରେ ଏହି ଗାଡିରେ ଫେରୁଥିଲେ। ସେମାନଙ୍କ ସହ ଗାଡିରେ ଅନ୍ୟ ୨ ଜଣ ମହିଳା ମଧ୍ୟ ଥିଲେ। ଗାଡି ଦୁର୍ଘଟଣାଗସ୍ତ ହେବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମହିଳା ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସାପରେ ଛାଡ଼ି ଦିଆଯାଇଥିବା ବେଳେ ସନ୍ତୋଷ ଓ ବନୋଜଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭରତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ପହଣାବନ୍ଧର ସ୍ୱଳ୍ପ ଚଉଡା ଏହି ସ୍ଥାନରେ ଏକ ଅଟୋ ଠିଆ ହୋଇଥିଲା। ଏହି ସମୟରେ ବୋଲେରୋଟି ସେହି ବାଟ ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା। ଏନେଇ ପାଟକୁରା ଥାନାରେ ମାମଲା (ନଂ ୨୯/୧୯) ରୁଜୁ ହୋଇଛି ।

ବନ୍ଧ ତଳକୁ ଖସିପଡିଥିବା ଗାଡି।

■ଚାଷୀଙ୍କ ଉପରେ ନଜର ଆରମ୍ଭ ହେବ କାଳିଆ ଛାତ୍ରବୃତ୍ତି ଯୋଜନା

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପିଠା, କାଳିଆ ଯୋଜନା ପରେ ରାଜ୍ୟ ସରକାର କାଳିଆ ଛାତ୍ରବୃତ୍ତି ଯୋଜନା (କେସିଏଇ) କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିରେ ଉଚ୍ଚଶିକ୍ଷା ପାଇଁ କାଳିଆ ହିତାଧିକାରୀମାନଙ୍କ ପିଲାଙ୍କୁ ମିଳିବ ଛାତ୍ରବୃତ୍ତି। ଏ ନେଇ ପ୍ରସ୍ତୁତି ମଧ୍ୟ ଜୋରଦାର ଆରମ୍ଭ ହୋଇଛି। ଗରିବ ଚାଷୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଯୁକ୍ତଦୁଇଠାରୁ ଆରମ୍ଭ କରି ପିଜି ପାଠପଢା ପର୍ଯ୍ୟନ୍ତ ଛାତ୍ରବୃତ୍ତି ମିଳିବ। ଖୁବ୍‌ଶୀଘ୍ର ଯୋଜନା ବୃତାନ୍ତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଯୋଜନାକୁ ଚଳିତମାସ ଶେଷସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିବେ ବୋଲି ଜଣାପଡିଛି। ରାଜ୍ୟ ସରକାର ରାଜ୍ୟରେ ଇ-ମେଧାବୃତ୍ତି କାର୍ଯ୍ୟକାରୀ କରିଛନ୍ତି। ଯୁକ୍ତଦୁଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୩ ହଜାର ଟଙ୍କା, ଯୁକ୍ତତିନି ଛାତ୍ରୀଛାତ୍ରଙ୍କୁ ୫ ହଜାର, ପିଜି ଓ ବୈଷୟିକ ଉଚ୍ଚଶିକ୍ଷା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। କାଳିଆ ଛାତ୍ରବୃତ୍ତି ପାଇଁ ଉକ୍ତ ରାଶିର ୨୦ ପ୍ରତିଶତ ପ୍ରଦାନ କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ବୃତାନ୍ତ ହୋଇ ନ ଥିବା ଜଣାପଡିଛି।

ଘରୋଇ କଳିରୁ ମା'ଙ୍କୁ ହତ୍ୟା

ଲଇକେରା/କିର୍ମିରା, ୧୬।୨ (ଡି.ଏନ୍.ଏ.)

ଘରୋଇ କଳିକୁ କେନ୍ଦ୍ର କରି ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ରଜିଆଟିକ୍ରା ଗ୍ରାମ ହରିଜନ ପଡ଼ାର ଲୋକେଶ୍ୱର କୁସୁମ (୩୨) ଇଟା ଏବଂ ବ୍ୟାଟରେ ପିଟି ନିଜ ମା' ଅସ୍ମିତା କୁସୁମ (୬୦)ଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଛି। ଲୋକେଶ୍ୱରଙ୍କୁ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱପତି ପଣ୍ଡା କହିଛନ୍ତି।

ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘଇତାଙ୍କର ବାଆନଗଣ୍ଠା କାହାଣ ରଣ;
ମାଇପ କହୁଛନ୍ତି ଚନ୍ଦ୍ରଉଦିଆ କିଣ ।

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ରଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ମନ ବଳେଇବା ବା ଅତିବସିବା ସ୍ତ୍ରୀପକ୍ଷେ ଅତି ବେକାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଘରେ ବାୟା ଚଢ଼େଇ ବସା,
ମୁଣ୍ଡରେ ରାମ ଟହଲିଆ ଖୋଷା ।

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ବାହାରେ କିନ୍ତୁ ଚାଟୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଇ ନ ଥାଏ। ଦୈନନ୍ଦିନ ଗୁରୁରାଣ ମେଣ୍ଟାଇବାକୁ ଅସମର୍ଥ ମହିଳା ବେଶ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ସୁଡ୍ରା ପଞ୍ଚାୟତରେ ମାଓବାଦୀ ପୋଷ୍ଟର
୨ ଥାନା ଅଧିକାରୀଙ୍କୁ ହତ୍ୟା ଧମକ

ବାଲିଗୁଡା,୧୬।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ଥାନା ସୁଡ୍ରା ପଞ୍ଚାୟତର ଏକ କାନ୍ଥରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଶନିବାର ସକାଳୁ ଦେଖିବାକୁ ମିଳିଛି। ପୋଲିସ ପ୍ରରୋଚନାରେ ପଡି ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଥିବା ନେତାଙ୍କ ଉଦ୍ଦେଶ୍ୟରେ ଉକ୍ତ ପୋଷ୍ଟରରେ ବର୍ତ୍ତା ରହିଥିବାବେଳେ ଫିରିଙ୍ଗିଆ ଓ ଗୋଛାପଡା ଥାନା ଅଧିକାରୀଙ୍କୁ ହତ୍ୟା ଧମକ ଦିଆଯାଇଛି। ଏଥିସହ କୋଟଗଡ ବ୍ଲକ ପକାରୀ ସମିତିସଭ୍ୟଙ୍କୁ ମଧ୍ୟ ତାଗିଦ୍ କରାଯାଇଛି। ସେହିପରି ଆସନ୍ତା ୨୧ ତାରିଖ ଭାଷା ଦିବସ ଓ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ମହିଳା ଓ ଭାଷାର ସୁରକ୍ଷା ନିଶ୍ଚିତ କରିବାକୁ ଆହ୍ୱାନ ଦିଆଯାଇଛି। ସେହିପରି ସରକାରଙ୍କ ବିଭିନ୍ନ ଯୋଜନାକୁ ମଧ୍ୟ ଏଥିରେ ସମାଲୋଚନା କରାଯାଇଛି। ପୋଷ୍ଟର ଶେଷରେ ସିପିଆଇ (ମାଓବାଦୀ) କେକେବିଏନ୍ ଡିଭିଜନ୍ ବୋଲି ଉଲ୍ଲେଖ ରହିଛି। ଏନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଷ୍ଟର ଲାଗିଥିବା ଓ ପୋଲିସ ପହଞ୍ଚି ନ ଥିବା ଦେଖିବାକୁ ମିଳିଥିଲା।

ଭିତରକନିକାରେ ଡଲ୍‌ଫିନ ସଂଖ୍ୟା ୧୨୬କୁ ହ୍ରାସ

କେନ୍ଦ୍ରାପଡା ଅଫିସ, ୧୬।୨

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟଉଦ୍ୟାନରେ ଚଳିତବର୍ଷ ଡଲ୍‌ଫିନ ସଂଖ୍ୟା ହ୍ରାସ ପାଇଛି। ପୂର୍ବବର୍ଷ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ମୋଟ ୩୦୭ଟି ଡଲ୍‌ଫିନ ଚିହ୍ନଟ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୨୬କୁ ଖସିଆସିଛି। ଗତ ଜାନୁୟାରୀ ୧୯ରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଡଲ୍‌ଫିନ ଗଣନା ହୋଇଥିଲା। ଏହି ସମୟରେ ୧୪ଟି ଇରାୱାଡି, ୧୪ଟି ବଟଲନୋଜ ଓ ୯୮ଟି ହମ୍ପବ୍ୟାକ ପ୍ରଜାତିର ଡଲ୍‌ଫିନ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଭିନ୍ନ କାରଣରୁ ଡଲ୍‌ଫିନ ସଂଖ୍ୟା କମିଛି। ଏଥିସହ ଗଣନା ବେଳେ ଘନ କୁହୁଡିଥିବାରୁ ଠିକ୍ ଭାବେ ଆକଳନ ହୋଇପାରି ନାହିଁ। ମାତ୍ର ଚିଲିକାଠାରୁ ଏଠାରେ ୧୩ଟି ଅଧିକ ଡଲ୍‌ଫିନ ରହିଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ନିଯୁକ୍ତି ସୃଜନ କାର୍ଯ୍ୟକ୍ରମରେ

ଉତ୍ତର-ପୂର୍ବ ଦିଲ୍ଲୀର ଜ୍ୟୋତିନଗର ଅଞ୍ଚଳରେ ଏକ ସ୍ୱର୍ଣ୍ଣାଳଙ୍କାର ଦୋକାନ ଆଗରେ ଜଣେ ୧୭ବର୍ଷର ବାଳକ ଅଣ୍ଡା ଖାଇବା ଅଭିଯୋଗରେ ତାଙ୍କୁ ଗୁଳିମାଡ କରାଯାଇଛି । ମନୀଷ ନାମକ ଏହି ବାଳକ ତାଙ୍କ ସାଙ୍ଗମାନଙ୍କ ସହିତ ଅଣ୍ଡା ଖାଇଥିଲେ । ଅଳଙ୍କାର ଦୋକାନୀ ଏଥିରେ ଆପତ୍ତି ଉଠାଇଥିଲେ ଏବଂ କେତେକ ଲୋକଙ୍କୁ ଘଟଣାସ୍ଥଳକୁ ଡାକି ଆଣିବା ପରେ ବାଳକଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ଡିସିପି ଅତୁଲ କୁମାର ଠାକୁର ସୂଚନା ଦେଇଛନ୍ତି ।

ଶହୀଦ ମନୋଜଙ୍କୁ ଅଶ୍ରୁଳ ବିଦାୟ

ନିଆଳି,୧୬।୨(ଡି.ଏନ୍.ଏ.)

ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିଆଳି ବ୍ଲକ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ମନୋଜ ବେହେରା (୩୨) ଶହୀଦ ହୋଇଥିଲେ । ଶନିବାର ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରାଚୀ ନଦୀକୂଳ ଗାଁ ଶ୍ମଶାନରେ ଶହୀଦଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ ସମବେତ ଜନତା । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମି ଦିଆଯାଇ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ଶହୀଦ ମନୋଜଙ୍କ ପାର୍ଥିବ ଶରୀର ଗାଁକୁ ଆସୁଥିବା ଖବର ପାଇ ନିଆଳି ଅଞ୍ଚଳର ହଜାର ହଜାର ଜନସାଧାରଣ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ବିଭିନ୍ନ ଛକରେ ରୁଣ୍ଡ ହୋଇଥିଲେ । ରାତି ପ୍ରାୟ ୮ଟାରେ ସୁସଜ୍ଜିତ ଗାଡ଼ିରେ ମରଶରୀର ନିଆଳିରେ ପହଞ୍ଚିଥିଲା । ସେଠାରୁ ହିନ୍ଦୁସ୍ଥାନ ଜିନ୍ଦାବାଦ୍ ଓ ପାକିସ୍ଥାନ୍ ମୁର୍ଦ୍ଦାବାଦ, ବନ୍ଦେ ମାତରଂ ଧ୍ୱନି ଦେଇ ବିରାଟ ଶୋଭାଯାତ୍ରାରେ ତାଙ୍କ ଗ୍ରାମ ଗଜାବରକୁ ନିଆଯାଇଥିଲା । ଗ୍ରାମ ପରିକ୍ରମା କରିବା ପରେ ତାଙ୍କ ବାସଭବନକୁ ନିଆଯାଇଥିଲା । ସେଠାରେ ତାଙ୍କ ପରିବାର, ବନ୍ଧୁପରିଜନ ରୁଣ୍ଡହୋଇ ଶେଷଦର୍ଶନ କରିଥିଲେ । ରାତି ପ୍ରାୟ ୧୦.୩୦ରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମନୋଜଙ୍କ ଭିଣୋଇ ଦେବାଶିଷ ବେହେରା ମୁଖାଗ୍ନି ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସ୍ଥାନୀୟ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା, ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡା, ଭାଜପା ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ଜଗତ୍‌ସିଂହପୁର ଲୋକ ସଭା ଯୁବ କଂଗ୍ରେସ ସଭାପତି ଶଶିକାନ୍ତ ଲେଙ୍କା, ସ୍ଥାନୀୟ ସରପଞ୍ଚଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଶହୀଦ ମନୋଜ ବେହେରାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି ।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ
- ଗୁଞ୍ଜରିତ ହେଲା ହିନ୍ଦୁସ୍ଥାନ ଜିନ୍ଦାବାଦ୍, ପାକିସ୍ଥାନ ମୁର୍ଦ୍ଦାବାଦ ନାରା

ଶହୀଦଙ୍କୁ ସମ୍ମାନ ଜଣାଇ ନିଆଳି ମହୋସବର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମକୁ ବନ୍ଦ କରିବା ସହ ନିଆଳି ବଜାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଥିଲା ।

ଶହୀଦ ପ୍ରସନ୍ନଙ୍କୁ ଶେଷ ସଲାମ

ଜଗତ୍‌ସିଂହପୁର ଅଫିସ/ନାଉଗାଁ,୧୬।୨(ସ୍ୱ.ପ୍ର.)

ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନ ପ୍ରସନ୍ନ ସାହୁ (୪୬)ଙ୍କ ଶେଷକୃତ୍ୟ ଶନିବାର ଜନ୍ମମାଟି ଜଗତ୍‌ସିଂହପୁର ଜିଲା ନାଉଗାଁର ପାରିଶିଖର ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି । ଗାଁରେ ପ୍ରସନ୍ନଙ୍କ ମରଶରୀର ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ତ୍ରୀ ମୀନା, ଝିଅ ରୁନି ଓ ପୁଅ ଜଗନଙ୍କ ଅବସ୍ଥା ଅସମ୍ଭାଳ ହୋଇପଡିଥିଲା । ସେମାନଙ୍କୁ ନିୟନ୍ତ୍ରଣ କରିବା ଉପସ୍ଥିତ ପରିବାର ସଦସ୍ୟ ଓ ଗାଁ ଲୋକଙ୍କ ପକ୍ଷରେ ସହଜ ନ ଥିଲା । ପରେ ମରଶରୀର ଦେବୀ ନଦୀ ପଠା ଶ୍ମଶାନକୁ ନିଆଯାଇଥିଲା । ସେଠାରେ ଗାର୍ଡ ଅଫ ଅନର୍ ଓ ତୋପ ସଲାମୀ ପରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁଅ ଜଗନ ମୁଖାଗ୍ନି ଦେଇଥିଲେ । ଛଳଛଳ ଆଖିରେ ସମସ୍ତେ ପ୍ରସନ୍ନଙ୍କୁ ଶେଷ ସଲାମ୍ ଜଣାଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ନେତା ଉମେଶ ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଏମ୍‌ପି କୁଳମଣୀ ସାମଲ, ଜିଲାପାଳ ଗୁହା ପୁନମ ତାପସ କୁମାର, ଏସ୍‌ପି ପ୍ରକାଶ ଆର୍, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀ ସେଠାରେ ରହି ଶହୀଦଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ ।

ଶହୀଦ ପ୍ରସନ୍ନ ସାହୁଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି ।

ଯେଉଁଠି ଖେଳୁଥିଲେ, ସେଇଠି ଜଳିଲା ଜୁଇ

ପାରିଶିଖର ଗାଁଟି ଦେବୀ ନଦୀକୂଳରେ ରହିଛି । ଏହି ନଦୀପଠାରେ ପ୍ରସନ୍ନ ପିଲାଟି ଦିନୁ ସାଙ୍ଗସାଥୀଙ୍କ ସହ ଖେଳୁଥିଲେ । ଏପରିକି ଚାକିରିରୁ ଛୁଟିରେ ଆସିଲେ ବନ୍ଧୁମାନଙ୍କ ସହ ନଦୀ କୂଳ ଆଡେ ବୁଲାବୁଲି କରୁଥିଲେ । ନଦୀ ପଠାରେ ସନ୍ଧ୍ୟାରେ ଖଟି ଜମୁଥିଲା । ନଦୀରୁ ମାଛ ଧରିବା, ପହଁରା ଶିଖିବା ଆଦି କଥା ମନେପକାଇ ତାଙ୍କ ବନ୍ଧୁମାନେ ପ୍ରସନ୍ନଙ୍କୁ ଝୁରି ହେଉଛନ୍ତି । ଆଜି ସେହି ନଦୀପଠାରେ ଜଳିଛି ପ୍ରସନ୍ନଙ୍କ ଜୁଇ ।

ବାପାଙ୍କ ପାଇଁ ଆମେ ଗର୍ବିତ

ପ୍ରସନ୍ନଙ୍କ ଶହୀଦ ହେବା ଖବର ପାଇବା ପରଠାରୁ ପରିବାର ଲୋକେ ସ୍ତବ୍ଧ ହୋଇଯାଇଛନ୍ତି । ସ୍ତ୍ରୀ ମୀନା ଓ ୨ ପିଲାଙ୍କ ଆଖିରୁ ଲୁହ ଶୁଖୁନାହିଁ । ପ୍ରସନ୍ନଙ୍କ ଶହୀଦ ହେବା କଥାକୁ ସେମାନେ ଏବେ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି । ତଥାପି କୋହଭରା କଣ୍ଠରେ ତାଙ୍କ ଝିଅ ରୁନି କହିଛନ୍ତି ଯେ, ଦେଶ ପାଇଁ ବାପା ଜୀବନ ଦେଇଥିବାରୁ ଆମେ ସମସ୍ତେ ତାଙ୍କ ପାଇଁ ଗର୍ବିତ ।

ଶୋକ ସନ୍ତପ୍ତ ପ୍ରସନ୍ନଙ୍କ ପରିବାର ।

ଝୁରୁଛନ୍ତି ରାୟଗଡ଼ା ଯବାନ

ରାୟଗଡା ଅଫିସ୍, ୧୬।୨

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ ପ୍ରସନ୍ନ କୁମାର ସାହୁ ୨୦୧୪ରୁ ରାୟଗଡା ସିଆର୍‌ପିଏଫ୍ କ୍ୟାମ୍ପରେ କାର୍ଯ୍ୟରତ ଥିଲେ । ସେ ଏଠାରେ ମାଓବାଦୀ ବିଦ୍ରୋହକୁ ଅତି ସଫଳତାର ସହିତ ଦମନ କରିଥିଲେ । ତାଙ୍କର ସଫଳତା ପାଇଁ ଗତ ଜୁନ ୨୫ ତାରିଖରେ ତାଙ୍କୁ କଶ୍ମୀର ବଦଳି କରାଯାଇଥିଲା । ଗତ ୧୪ ତାରିଖରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରସନ୍ନ ଶହୀଦ ହୋଇଛନ୍ତି । ଶୁକ୍ରବାର ଏନେଇ ରାୟଗଡ଼ା ସିଆର୍‌ପିଏଫ୍ କ୍ୟାମ୍ପରେ ଶୋକର ଛାୟା ଖେଳିଯାଇଥିବାବେଳେ ୧୨ ଶହ ଯବାନ କୌଣସି ଖାଦ୍ୟ ଗ୍ରହଣ କରି ନ ଥିଲେ । ପ୍ରସନ୍ନଙ୍କର କାର୍ଯ୍ୟ ଶୈଳୀକୁ ମନେ ପକାଇ ରାୟଗଡା ଚତୁର୍ଥ ବାଟାଲିୟନ୍‌ର ଯବାନମାନେ ଝୁରୁଛନ୍ତି ।

ଶହୀଦଙ୍କ ପରିବାରକୁ ମାସକର ଦରମା ଦେବେ ଡାକ୍ତର

ସମ୍ବଲପୁର,୧୬।୨(ବ୍ୟୁରୋ)

ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି । ଏହି ଖବର ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ବିସ୍ଫୋରଣରେ ଶହୀଦ ହୋଇଥିବା ସୁରକ୍ଷାକର୍ମୀଙ୍କ ମଧ୍ୟରେ ଦୁଇ ଓଡ଼ିଆ ସିଆରପିଏଫ୍ ଯବାନ ଅଛନ୍ତି । ସେମାନେ ହେଲେ କଟକ ଜିଲା ନିଆଳି ବ୍ଲକ୍ ରତନପୁର ଗାଁର ମନୋଜ ବେହେରା (୩୨) ଓ ଜଗତସିଂହପୁର ଜିଲା ନାଉଁଗାର ପ୍ରସନ୍ନ କୁମାର ସାହୁ (୪୬) । ମନୋଜ ଓ ପ୍ରସନ୍ନଙ୍କ ଦୁଇ ପିଲାଙ୍କ ପଢା ଖର୍ଚ୍ଚ ପାଇଁ ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ସିନିୟର ରେସିଡେନ୍ସ ଡାକ୍ତର ଶଙ୍କର ରାମଚନ୍ଦାନୀ ତାଙ୍କର ଗୋଟିଏ ମାସର ଦରମା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଦୁଇ ଶହୀଦଙ୍କ ପରିବାରକୁ ସିଧାସଳଖ ଆକାଉଣ୍ଟ ମାଧ୍ୟମରେ ନଚେତ୍ ଜିଲା ପ୍ରଶାସନ ମାଧ୍ୟମରେ ସେ ଏହି ଟଙ୍କା ଦାନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

ଶଙ୍କର ରାମଚନ୍ଦାନୀ

ପୁଲୱାମା ଆତଙ୍କବାଦୀ ଆକ୍ରମଣ ଆଳରେ ରାଜ୍ୟବାସୀଙ୍କ କ୍ଷତି କରିବାକୁ ହାନିକାରକ ତତ୍ତ୍ୱଙ୍କୁ ସୁଯୋଗ ଦିଆ ନ ଯାଉ।
-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

ପ୍ରତିଶୋଧ ପାଇଁ ବଢ଼ୁଛି ଚାପ

ଶହୀଦଙ୍କ ଶେଷଯାତ୍ରା ବେଳେ ଲୁହରେ ଭାସିଲା ସାରା ଦେଶ

ନୂଆଦିଲ୍ଲୀ,୧୬।୨

ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନେବା ଲାଗି ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଆକ୍ରମଣକୁ କଦାପି ଭୁଲିବୁ ନାହିଁ କି କ୍ଷମା ଦେବୁନାହିଁ ବୋଲି ସିଆରପିଏଫ କହିବା ସହ ପ୍ରତିଶୋଧ ନେବା ପାଇଁ ଗତକାଲି ପ୍ରତିଜ୍ଞା କରିଥିଲା। ଆଗାମୀ ଲୋକ ସଭା ନିର୍ବାଚନ ବିଳମ୍ବ ହେଲେ ମଧ୍ୟ ପାକିସ୍ତାନ ବିରୋଧରେ ଠିକଣା କାର୍ଯ୍ୟାନୁଷ୍ଠାନ ଲାଗି ଗୁଜରାଟର ଜଣେ ବରିଷ୍ଠ ମନ୍ତ୍ରୀ ମତ ଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ପାକିସ୍ତାନରେ ଶୋକସଭା ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ଗୁଜରାଟ ଆଦିବାସୀ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ଇସ୍‌ଲାମାବାଦ ଶିକ୍ଷା ପାଇବା ଆବଶ୍ୟକ ଏହା ୧୨୫ କୋଟି ଭାରତୀୟ ଚାହାନ୍ତି। ତେଣୁ ନିର୍ବାଚନକୁ ଅଟକାଇ ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଶିବସେନା ମଧ୍ୟ ଆକ୍ରମଣ ପାଇଁ ସରକାରଙ୍କ ଉପରେ ଚାପ ପକାଇଛି। ଏପରିକି ବିଶ୍ୱ ମାନଚିତ୍ରରୁ ପାକିସ୍ତାନକୁ ଲିଭାଇ ଦେବା ଲାଗି ଶହୀଦଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

ପୁଲୱାମାରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଯେଉଁ ଯବାନ ଶହୀଦ ହେଲେ ସେମାନଙ୍କ ପରିବାର ଲାଗି ଅପୂରଣୀୟ କ୍ଷତି। ଏଭଳି ବର୍ବରୋଚିତ କାର୍ଯ୍ୟ ଲାଗି କ୍ରୋଧ ବ୍ୟକ୍ତ କରିବାକୁ ଶବ୍ଦର ଅଭାବ ହେଉଛି ବୋଲି ଅଭିନେତା ମନୋଜ ବାଜପେୟୀ କହିଛନ୍ତି। ଅନ୍ୟ ସିନେ ଓ ଟିଭି କଳାକାରମାନେ ମଧ୍ୟ ପୁଲୱାମା ଆକ୍ରମଣ ପାଇଁ ଶୋକବ୍ୟକ୍ତ କରିଛନ୍ତି।

ଶହୀଦଙ୍କ ସଂଖ୍ୟା ୪୯

ଶହୀଦ ଯବାନମାନଙ୍କ ଲାଗି ସାରା ଦେଶ ଲୁହରେ ଭିଜିଛି। ଦେଶର ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ଶହୀଦଙ୍କ ଶେଷ ଯାତ୍ରାରେ ସାମିଲ ହୋଇଛନ୍ତି। କେଉଁଠି ମହମବତୀ ଶୋଭାଯାତ୍ରା ହୋଇଛି ତ କେଉଁଠି ଜନସାଧାରଣ ସହିଦ ଯବାନ ଶେଷକୃତ୍ୟରେ ସାମିଲ ହୋଇ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି। ଶହୀଦଙ୍କ ଜନ୍ମମାଟିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉତ୍ତରପ୍ରଦେଶର ସିଆରପିଏଫ ଯବାନ ପ୍ରଦୀପ ସିଂ ଯାଦବଙ୍କ ମରଶରୀର ପଞ୍ଚଭୂତରେ ଲୀନ ହେବାବେଳେ ତାଙ୍କ ୧୦ ବର୍ଷର ଝିଅ ସୁପ୍ରିୟା ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତରପ୍ରଦେଶରୁ ୧୨ ଜଣ ଶହୀଦ ହୋଇଛନ୍ତି। ରାଜସ୍ଥାନର ଶହୀଦ ୫ ଯବାନଙ୍କ ଅନ୍ତିମ ଯାତ୍ରାରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ରାସ୍ତାରେ ଲୋକଙ୍କ ସୁଅ ଛୁଟିଥିଲା। ଅନେକ ହାତରେ ତ୍ରିରଙ୍ଗା ଧରିଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଭାରତ ମାତା କୀ ଜୟ, ବନ୍ଦେ ମାତରମ୍ ଏବଂ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ପଞ୍ଜାବରେ ଶହୀଦ କୁଲବିନ୍ଦର ସିଂ ଓ ମନିନ୍ଦର ସିଂଙ୍କ ମରଶରୀର ପହଞ୍ଚିବା ପରେ ହଜାର ହଜାର ଲୋକ ଅଶ୍ରୁଳ ବିଦାୟ ଦେଇଥିଲେ। ସେହିପରି ଉତ୍ତରାଖଣ୍ଡର ଡେରାଡୁନରେ ସିଆରପିଏଫ ଯବାନ ମୋହନ ଲାଲ୍‌ଙ୍କ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଗ୍ରାଠାରେ ଯବାନ କୌଶଲ କୁମାର ରାଓ୍ୱତଙ୍କ ଶେଷଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ରାଓ୍ୱତଙ୍କ ବଳିଦାନ ବ୍ୟର୍ଥ ଯିବନି ବୋଲି ତାଙ୍କ ଝିଅ ଅପୂର୍ବା ଏବଂ ପରିବାର ସଦସ୍ୟମାନେ କହିଛନ୍ତି। ସେହିପରି ମହାରାଷ୍ଟ୍ରର ଦୁଇ ଶହୀଦ ଯବାନ ନୀତିନ ଶିବାଜୀ ରାଠୋର ଏବଂ ସଞ୍ଜୟ ସିଂ ଦୀକ୍ଷିତ ଏବଂ କର୍ନାଟକର ଏଚ୍. ଗୁରୁଙ୍କ ଶେଷକୃତ୍ୟ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ହୋଇଛି।

ଭାରତର ଆତ୍ମରକ୍ଷା ଅଧିକାରକୁ ଆମେରିକାର ସମର୍ଥନ

ଅଜିତ୍ ଡୋଭାଲ | ଜନ୍ ବୋଲ୍ଟନ

ପାକିସ୍ତାନ ଜୈଶ୍-ଇ-ମହମ୍ମଦ ଓ ଅନ୍ୟ ଆତଙ୍କବାଦୀ ସଂଗଠନ ଲାଗି ନିରାପଦ ଭୂସ୍ୱର୍ଗ ପାଲଟିଛି। ଇସ୍‌ଲାମାବାଦ ତୁରନ୍ତ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରିବା ସହିତ ସେମାନଙ୍କ ପାଣ୍ଠି ଜବତ କରିବା ଲାଗି ଆମେରିକା କଡ଼ା ନିର୍ଦ୍ଦେଶ ଦେଇଛି। ଆତଙ୍କବାଦ ନିରୋଧୀ ଲଢ଼େଇରେ ଆମେରିକା ଭାରତ ସହ ରହିଛି। ଭାରତର ଆତ୍ମସୁରକ୍ଷା ଅଧିକାରକୁ ଆମେରିକାର ସମର୍ଥନ ରହିଥିବା ଏହାର ଜାତୀୟ ନିରାପତ୍ତା ଉପଦେଷ୍ଟା ଜନ୍ ବୋଲ୍ଟନ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ କହିଛନ୍ତି।

ସଂକ୍ଷେପରେ

ଜରୁରିକାଳୀନ ପରିସ୍ଥିତି ଘୋଷଣା କଲେ ଟ୍ରମ୍ପ୍

ୱାଶିଂଟନ,୧୬।୨: ଆମେରିକା-ମେକ୍ସିକୋ ସୀମାରେ ଶୁକ୍ରବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ସୀମାରେ ପ୍ରାଚୀର ନିର୍ମାଣ ପ୍ରକଳ୍ପକୁ ବିରୋଧ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ସେ ଏହି କେଠାର ନିଷ୍ପତ୍ତି ନେଇଥିବା କହିଛନ୍ତି। ସୀମାରେ ଡ୍ରଗ୍ସ କାରବାର, ମାଫିଆଙ୍କ ଅନୁପ୍ରବେଶ ଏବଂ ମାନବ ଚାଲାଣ ବନ୍ଦ କରିବା ପାଇଁ ଗତ ନିର୍ବାଚନରେ ଟ୍ରମ୍ପ୍ ଦକ୍ଷିଣପନ୍ଥୀ ସମୂହଙ୍କୁ ପ୍ରାଚୀର ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ। ଡେମ୍ରୋକ୍ରାଟ୍ସ ପକ୍ଷରୁ ଏହାର ବିରୋଧ କରାଯାଇଛି। କାନ୍ଥ ନିର୍ମାଣ ପ୍ରକଳ୍ପ ନାଁରେ ଟ୍ରମ୍ପ୍ ଆଗାମୀ ନିର୍ବାଚନ ପାଇଁ ପାଣ୍ଠି ଯୋଗାଡ଼ ଚଳାଇଥିବା ଡେମୋକ୍ରାଟ୍ସ ପକ୍ଷରୁ ଅଭିଯୋଗ ହୋଇଛି। ଆମେରିକା କଂଗ୍ରେସରେ ମଧ୍ୟ ଏଥିପାଇଁ ଟ୍ରମ୍ପଙ୍କୁ ବିରୋଧର ସାମ୍ନା ହେବାକୁ ପଡ଼ିଛି। ସୁରକ୍ଷା ଦୃଷ୍ଟିରୁ କାନ୍ଥ ନିର୍ମାଣ ଏକ ଜରୁରୀ ପଦକ୍ଷେପ ବୋଲି ଟ୍ରମ୍ପ୍ କହି ଆସୁଥିବାବେଳେ ବିବାଦ ଘନେଇବାରେ ଲାଗିଛି।

୭ ଆତଙ୍କବାଦୀଙ୍କ ସମେତ ୧୫ ନିହତ

କାଏରୋ,୧୬।୨: ଇଜିପ୍ଟର ସିନାଇ ଉପଦ୍ୱୀପରେ ଶନିବାର ସୁରକ୍ଷା ବଳ ଓ ଇସ୍‌ଲାମିକ୍ ଷ୍ଟେଟ୍ ଜିହାଦୀ ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଅଧିକାରୀଙ୍କ ସମେତ ୧୫ ଯବାନ ପ୍ରାଣ ହରାଇଥିବା ବେଳେ ୭ ଜିହାଦୀ (ଆତଙ୍କବାଦୀ) ନିହତ ହୋଇଛନ୍ତି। ଇଜିପ୍ଟ ସେନା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଘଟଣା ପରେ ସେନା ପକ୍ଷରୁ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥନରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ମହମ୍ମଦ ମୋର୍ସିଙ୍କୁ ୨୦୧୩ରେ ସେନା ଗାଦିଚ୍ୟୁତ କରିବା ପରଠାରୁ ସୁରକ୍ଷା ବଳକୁ ଟାର୍ଗେଟ୍ କରାଯାଉଛି ବୋଲି ସେନା ପ୍ରବକ୍ତା ତାମର ଏଲ୍-ରେଫାଇ କହିଛନ୍ତି।

ନୀତୀଶଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ

ପାଟନା,୧୬।୨ : ମୁଜାଫରପୁର ଆଶ୍ରୟ ଗୃହ ଯୌନ ଶୋଷଣ ମାମଲା ବିହାରରୁ ଦିଲ୍ଲୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ସ୍ଥାନାନ୍ତର ହୋଇଥିବା ବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପୂର୍ବତନ ମୁଜାଫରପୁର ଡିଏମ୍ ଧର୍ମେନ୍ଦ୍ର ସିଂ, ଆଇଏଏସ୍ ଅଧିକାରୀ ଅତୁଲ କୁମାର ସିଂଙ୍କ ବିରୋଧରେ ବିଚାରପତି ମନୋଜ କୁମାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ରୟ ଗୃହ ଯୌନ କେଳେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ଶୁକ୍ରବାର ଦାଖଲ କରିଥିବା ପିଟିଶନକୁ ବିଚାରକୁ ନେଇ ବିଚାରପତି କୁମାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବତନ ଡିଏମ୍ ଧର୍ମେନ୍ଦ୍ର ସିଂ, ଅତୁଲ କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଶ୍ୱିନୀ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

ଗୁଜ୍ଜର ଆନ୍ଦୋଳନ ପ୍ରତ୍ୟାହୃତ

ଜୟପୁର,୧୬।୨(ପି.ଟି.): ରାଜସ୍ଥାନ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପରେ ଗୁଜ୍ଜର ସମ୍ପ୍ରଦାୟର ସଦସ୍ୟମାନେ ଶନିବାର ଆନ୍ଦୋଳନରୁ ଓହରିଯାଇଛନ୍ତି। ଉକ୍ତ ସମ୍ପ୍ରଦାୟକୁ ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ବିଲ୍ ଆଣିଛନ୍ତି। ଯଦି ଏହି ବିଲ୍ ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୁଏ ତେବେ ସରକାର ସେମାନଙ୍କ ପାଖରେ ଛିଡାହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

‘ପୁଣି ଥରେ ହେଉ ସର୍ଜିକାଲ ଷ୍ଟ୍ରାଇକ୍’

ନୂଆଦିଲ୍ଲୀ,୧୬।୨: ପୁଲୱାମା ଆକ୍ରମଣ ପରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପାକିସ୍ତାନ ମଧ୍ୟ ନିଜ ସୈନ୍ୟବାହିନୀକୁ ସଜାଗ କରିଛି। ତେବେ ଇସ୍‌ଲାମାବାଦର ବ୍ୟବହାରରେ ପରିବର୍ତ୍ତନ କରାଇବାକୁ ହେଲେ ସୀମିତ ସୀମାପାର ଷ୍ଟ୍ରାଇକ୍ ବିକଳ୍ପକୁ ସରକାର ଗୁରୁତ୍ୱର ସହ ବିଚାର କରିବାକୁ ହେବ ବୋଲି ମତପ୍ରକାଶ ପାଇଛି। ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ ସବୁଠୁ ଭଲ ବିକଳ୍ପ ବୋଲି ଜଣେ ସେନାଧିକାରୀ କହିଛନ୍ତି। ପାକିସ୍ତାନକୁ ଶିକ୍ଷା ଦେବାକୁ ହେଲେ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ସତର୍କତାର ସହ ଆକାଶମାର୍ଗରୁ ଆକ୍ରମଣ କରିବାକୁ ହେବ। ଏଲ୍‌ଓସି ସେପଟେ ଥିବା ଆତଙ୍କବାଦୀ କ୍ୟାମ୍ପ ଏବଂ ଲଞ୍ଚ ପ୍ୟାଡ୍‌କୁ ଟାର୍ଗେଟ ଲାଗି ସ୍ମାର୍ଟ ଗ୍ଲାଇଡ ବୋମା ଏବଂ କ୍ଷେପଣାସ୍ତ୍ରରେ ସଜ୍ଜିତ ସୁଖୋଇ-୩୦ଏମ୍‌କେଆଇ, ମିରେଜ-୨୦୦ ଏବଂ ଜାଗୁଆର ଭଳି ଯୁଦ୍ଧବିମାନକୁ ବ୍ୟବହାର କରାଯାଇପାରିବ। ସେହିପରି ପାକିସ୍ତାନୀ ସେନା ଘାଟି, ଆତଙ୍କବାଦୀ ଶିବିର, ଲଞ୍ଚ ପ୍ୟାଡ ଆଦିକୁ ଟାର୍ଗେଟ କରିବା ଲାଗି ସ୍ମାର୍ଟ ରକେଟ ସିଷ୍ଟମ ଏବଂ ବ୍ରହ୍ମୋସ୍ ସୁପରସୋନିକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରାଯାଇପାରିବ ବୋଲି ଉକ୍ତ ଅଧିକାରୀ କହିଛନ୍ତି।

‘ଲୁହର ପ୍ରତିଶୋଧ ନେବୁ’

ଧୁଲେ(ମହାରାଷ୍ଟ୍ର),୧୬।୨ ଦେଶର ସୈନ୍ୟବାହିନୀ ପ୍ରତି କ୍ଷତି ପହଞ୍ଚାଉଥିବା କାହାରିକୁ ଛଡ଼ାଯିବ ନାହିଁ। ପୁଲୱାମା ଆକ୍ରମଣ ପରବର୍ତ୍ତୀ ପ୍ରତି ବୁଦା ଲୁହ ପାଇଁ ପ୍ରତିଶୋଧ ନିଆଯିବ। ଯବାନଙ୍କ ବିରୋଧରେ ଯେଉଁମାନେ ଆତଙ୍କବାଦୀଙ୍କୁ ଅସ୍ତ୍ର ଓ ବୋମା ଯୋଗାଉଛନ୍ତି ସେମାନଙ୍କୁ ନୂଆ ଭାରତ ବରଦାସ୍ତ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଏକ ସାଧାରଣ ସଭାରେ କହିଛନ୍ତି। ପାକିସ୍ତାନ ଆତଙ୍କବାଦର ଅନ୍ୟ ନାମ। ପୁଲୱାମା ଆକ୍ରମଣକାରୀଙ୍କୁ ଦଣ୍ଡ ଦେବା ଲାଗି ସୈନ୍ୟବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି।

ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣକୁ ୪୮ ରାଷ୍ଟ୍ରର ନିନ୍ଦା

ନୂଆଦିଲ୍ଲୀ,୧୬।୨(ପି.ଟି.)

ଜମ୍ମୁକଶ୍ମୀରର ପୁଲ୍‌ୱାମାରେ ଅର୍ଦ୍ଧସାମରିକ ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରି ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ବିଶ୍ୱର ୪୮ ରାଷ୍ଟ୍ର ନିନ୍ଦା କରିଛନ୍ତି। ଶହୀଦ ୪୯ ସିଆର୍‌ପିଏଫ୍ ଯବାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଆତଙ୍କବାଦୀ ନିରୋଧୀ ଲଢ଼ାଇରେ ଭାରତକୁ ସବୁପ୍ରକାର ସହଯୋଗ ଯୋଗାଇଦେବାକୁ କହିଛନ୍ତି। ଜାତିସଂଘ, ୟୁରୋପିୟନ ୟୁନିୟନ ସମେତ ଆମେରିକା, ଫ୍ରାନ୍ସ, କାନାଡା, ଇସ୍ରାଏଲ୍, ସୌଦୀ ଆରବ, ଜର୍ମାନୀ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଭୁଟାନ, ନେପାଳ,, ମାଳଦ୍ୱୀପ, ମରିସସ୍, ବାଂଲାଦେଶ ଏବଂ ଆଫଗାନିସ୍ତାନ, ଗ୍ରୀସ୍, କ୍ରୋଏସିଆ, ଜାପାନ, ତାଜାକିସ୍ତାନ, ନେଦରଲାଣ୍ଡ, କୋରିଆ, ଚାଇନା, ମେକ୍ସିକୋ ଆଦି ଦେଶ ପୁଲ୍‌ୱାମାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ଅମାନବୀୟ, ବର୍ବରୋଚିତ ଘଟଣା ବୋଲି କହିଛନ୍ତି।

ମେଜର ଶହୀଦ

ଜମ୍ମୁ,୧୬।୨

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବାର ୪୮ ଘଣ୍ଟା ନ ପୂରୁଣୁ ଶନିବାର ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାରେ ଜଣେ ମେଜର ପାହ୍ୟାର ସେନା ଅଧିକାରୀ ଶହୀଦ ହୋଇଛନ୍ତି। ତାଙ୍କ ନାମ ଚିତ୍ରେଶ ସିଂ ବିଷ୍ଟ୍। ନୌସେରା ସେକ୍ଟରରେ ଏକ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)କୁ ଅକାମୀ କରୁଥିବାବେଳେ ଏହା ବିସ୍ଫୋରଣ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ବିସ୍ଫୋରଣରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ପାକିସ୍ତାନୀ ଅନୁପ୍ରବେଶକାରୀ ଏଲ୍‌ଓସି ନିକଟରେ ଏହି ଆଇଇଡି ଖଞ୍ଜିଥିଲେ।

ଆକ୍ରମଣକାରୀଙ୍କୁ ପାକ୍ ଗଣମାଧ୍ୟମର ପ୍ରଶଂସା

ନୂଆଦିଲ୍ଲୀ, ୧୬।୨

ଜମ୍ମୁକଶ୍ମୀରର ପୁଲୱାମାରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୪୯ ଯବାନଙ୍କ ଜୀବନ ନେଇଥିବା ବ୍ୟକ୍ତି ପାକିସ୍ତାନ ପାଇଁ ଆତଙ୍କବାଦୀ ନୁହେଁ, ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା। ଏକ ଗାଡ଼ିରେ ୩୫୦ କିଲୋଗ୍ରାମର ବିସ୍ଫୋରକ ସାମଗ୍ରୀ ନେଇ ସୁରକ୍ଷା ଯବାନଙ୍କ ବସରେ ଧକ୍କା କରାଇବା ପୂର୍ବରୁ ନିଜକୁ ନିଷିଦ୍ଧ ପାକିସ୍ତାନସ୍ଥିତ ଜୈଶ୍-ଇ-ମହମ୍ମଦର ସଦସ୍ୟ ଭାବେ ଦାୟିତ୍ୱର ସହ ଘୋଷଣା କରିଥିବା ବ୍ୟକ୍ତିଙ୍କୁ କେବେ ବି ପାକିସ୍ତାନ ଆତଙ୍କବାଦୀର ମାନ୍ୟତା ଦେବ ନାହିଁ। ପାକିସ୍ତାନ ଗଣମାଧ୍ୟମରେ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି।

ଶହୀଦ ପରିବାରଙ୍କୁ ୫ ଲକ୍ଷ ଦେବେ ଅମିତାଭ୍

ମୁମ୍ବାଇ: ଜମ୍ମୁ-କଶ୍ମୀର୍‌ର ପୁଲ୍‌ୱାମାରେ ଶହୀଦ ହୋଇଥିବା ପ୍ରତି ଯବାନ୍‌ଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖା ଦାନ କରିବାକୁ ମେଗାଷ୍ଟାର ଅମିତାଭ୍ ବଚ୍ଚନ୍ ଇଚ୍ଛା ପ୍ରକାଶ କରିଛନ୍ତି। ସର୍ବଶେଷ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ପ୍ରାଣ ହରାଇଛନ୍ତି। ୧୯୮୯ରେ ଆତଙ୍କବାଦୀ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ପୁଲୱାମା ଆକ୍ରମଣ ଘଟଣା ଖୁବ୍ ଭୟାନକ ଥିଲା। ଜୈଶ୍-ଇ-ମହମ୍ମଦ୍‌ର ଆତ୍ମଘାତୀ ଆକ୍ରମଣକାରୀ ଅଦିଲ ଅହମଦ୍ ଦର୍ ଗୁରୁବାର ପୁଲୱାମା ଜିଲାର ଜମ୍ମୁ-ଶ୍ରୀନଗର ହାଇୱେରେ ଏକ ବିସ୍ଫୋରକ ବୋଝେଇ ଯାନକୁ ସିଆରପିଏଫ୍‌ର ଚଳନ୍ତା ବସ୍‌ରେ ମାଡ କରିବା ଫଳରେ ଘଟଣାସ୍ଥଳରେ ୪୦ ଯବାନ୍‌ଙ୍କ ପ୍ରାଣହାନି ଘଟିଥିଲା। ପରେ କେତେକ ଆହତ ମୃତ୍ୟୁବରଣ କରିଛନ୍ତି । ବର୍ତ୍ତମାନ ଦାନ ରାଶି ତୁରନ୍ତ ଶହୀଦଙ୍କ ପରିବାର ନିକଟରେ ଯେପରି ପହଞ୍ଚେ ସେ ବିଷୟ ସୁନିଶ୍ଚିତ ହେବାକୁ ଅମିତାଭ୍ ବଚ୍ଚନ ବିଭିନ୍ନ ସରକାରୀ ସଂସ୍ଥା ସହ ଯୋଗସୂତ୍ର ରକ୍ଷା କରୁଛନ୍ତି।

ପାକିସ୍ତାନ ହେବ କଳା ତାଲିକାଭୁକ୍ତ

ନୂଆଦିଲ୍ଲୀ,୧୬।୨(ପି.ଟି.)

ଏଫଏଟିଏଫ୍‌କୁ ପ୍ରମାଣ ଦେବ ଭାରତ

ପୁଲୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ଦୋଷୀସାବ୍ୟସ୍ତ କରିବା ନିମନ୍ତେ ଭାରତ ଅନ୍ତର୍ଜାତୀୟ ଆତଙ୍କବାଦ ଫାଇନାନ୍ସିଂ ୱାର୍‌ଡଗ ଏଫଏଟିଏଫକୁ ତଥ୍ୟ ପ୍ରମାଣ ଯୋଗାଇଦେବ। ଆତଙ୍କବାଦ ସହ ସମ୍ପୃକ୍ତ ପଡୋଶୀ ଦେଶକୁ କଳା ତାଲିକାଭୁକ୍ତ କରିବା ଲାଗି ନୂଆଦିଲ୍ଲୀ ଆବେଦନ କରିବ ବୋଲି ଜଣେ ଉଚ୍ଚ ପଦାଧିକାରୀ ସୂଚନା ଦେଇଛନ୍ତି। ଏଥିପାଇଁ ସୁରକ୍ଷା ସଂସ୍ଥା ପକ୍ଷରୁ ତଥ୍ୟ ପ୍ରମାଣ ଯୋଗାଡ଼ କରାଯାଉଛି। ପାକିସ୍ତାନୀ ଆତଙ୍କବାଦୀ ସଂସ୍ଥା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପୁଲୱାମାରେ ଆକ୍ରମଣ କରିଛି ଏବଂ ଉକ୍ତ ସଂଗଠନକୁ ଇସ୍‌ଲାମାବାଦ ସହାୟତା ଯୋଗାଇଥିବା ପ୍ରମାଣ ସଂଗ୍ରହ କରାଗଲାଣି। ଅତୀତରେ ଜେଇଏମ୍ କରିଥିବା ଅନ୍ୟ ଆକ୍ରମଣ ସମ୍ପର୍କରେ ମଧ୍ୟ ପ

୨ ବୀରଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ବିମାନବନ୍ଦର ପରିସରରେ ଶନିବାର ଶହୀଦ ଯବାନଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଆତ୍ମୀୟମାନେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ୨ ଶହୀଦ ଯବାନ ପ୍ରସନ୍ନ କୁମାର ସାହୁ ଓ ମନୋଜ ବେହେରାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି ।

ଭୁବନେଶ୍ୱର ବିମାନବନ୍ଦର ବାହାରେ ୨ ଶହୀଦଙ୍କ ଶେଷଦର୍ଶନ ଓ ଶ୍ରଦ୍ଧାଞ୍ଜଳି ପାଇଁ ଅପେକ୍ଷା କରି ରହିଥିବା ସାଧାରଣ ଲୋକ, ପ୍ରଶାସନିକ ଅଧିକାରୀ, ବିଭିନ୍ନ ଦଳର ନେତା, ବିଧାୟକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ ।

ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କଟକ ସିଡିଏ ସେକ୍ଟର-୯ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

କଟକ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରୁଛନ୍ତି ।

କଟକ ପିଲିଗ୍ରିମ୍ ରୋଡ୍‌ରୁ କିନ୍ନର କମ୍ୟୁନିଟି ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ରୀଛାତ୍ରମାନେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।

କଟକ କଲେଜ ଛକଠାରେ ମାଲଗୋଦାମ ବ୍ୟବସାୟୀ ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା ।

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ରୟାଲ ଷ୍ଟାର ଗ୍ରୁପ୍ ଏବଂ ଓଡ଼ିଶା ମିରର ପକ୍ଷରୁ ଶନିବାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତବୃନ୍ଦ ପକ୍ଷରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ।

କଟକ କଲେଜ ଛକଠାରେ ବଜରଙ୍ଗ ଦଳ ପକ୍ଷରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

ଭୁବନେଶ୍ୱର କଳ୍ପନା ଛକରେ ବୁଦ୍ଧେଶ୍ୱରୀ କଲୋନୀ ମା'ମଙ୍ଗଳା ୟୁଥ୍ କ୍ଲବ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ।

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଶ୍ରୀ ଅନୁକୂଳଚନ୍ଦ୍ର

ଏଇ ସପ୍ତାହର କାର୍ଯ୍ୟକ୍ରମ

୧୭।୨।୨୦୧୯(ରବିବାର)

ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର, ଇନ୍‌ଡୋର ଷ୍ଟାଡିୟମ, ମଞ୍ଚେଶ୍ୱର, ସକାଳ ୫ଟା।
- ଶାକାହାରୀ ରଙ୍ଗଶୀ ସମାଜ ପକ୍ଷରୁ ବନ୍ଧୁମିଳନ ସମାରୋହ, ବଳିଆବାବା ଆଶ୍ରମ, ଖଣ୍ଡଗିରି, ସକାଳ ୯ଟା।
- ପ୍ରାଚୀ ସାଂସ୍କୃତିକ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ରୟାଲ ରିସର୍ଟ, ସାମନ୍ତରାପୁର, ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ଚର୍ଚ୍ଚା ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଏକାମ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ନନ୍ଦନକାନନ ବିଦ୍ୟାଳୟ (ନନ୍ଦନକାନନ), ପୂର୍ବାହ୍ନ ୧୦ଟା।
- ପ୍ରୟାସ ପକ୍ଷରୁ ସାମୂହିକ ବିବାହ ମହୋତ୍ସବ, ଶ୍ରୀ ରାମ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆଞ୍ଚଳିକ ଆଦିବାସୀ କଳା ସମ୍ମିଳନୀ, କନ୍‌ଫରେନ୍ସ ହଲ୍ ନଂ.୨, ପାନ୍ଥନିବାସ, ପୂର୍ବାହ୍ନ ୧୧ଟା ।
- ଓୟୁଏଟି ପକ୍ଷରୁ ବୈଷୟିକ କର୍ମଚାରୀ ଆସୋସିଏଶନ ବିଲ୍ଡିଂର ଉଦ୍‌ଘାଟନ ଉତ୍ସବ ଓ ଅଲ ୟୁନିଭରସିଟି ଏମ୍ପଲୟିସ୍ ଫେଡେରେଶନର ଶପଥ ପାଠ, ଓୟୁଏଟି ବୈଷୟିକ ଅଫିସ ହଲ୍(ଏମ୍‌ସିଏ ବିଭାଗ ପରିସର), ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୩୦।
- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦ରୁ ୭ଟା ୩୦।।
- ଓଜେଏଲ୍ ଗ୍ରୁପ ପକ୍ଷରୁ ୩ୟ ଓଜେଏଲ ଯାତ୍ରା କଳାକାର ସମ୍ମାନ ଉତ୍ସବ, ଜୟଦେବ ଭବନ, ମଧ୍ୟାହ୍ନ ୧୨ଟା।
- ଅସ୍ପଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତିର ସାଧାରଣ ଅଧିବେଶନ, ରେଡକ୍ରସ ଭବନ, ୟୁନିଟ-୪, ମଧ୍ୟାହ୍ନ ୧୨ଟା।
- ଭାରତୀୟ କିଷାନ ସଂଘ ପକ୍ଷରୁ ଶୋଭାଯାତ୍ରା, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାର ଉନ୍ମୋଚନ ସମାରୋହ, ଦୁର୍ଗାପୂଜା ମଣ୍ଡପ, ବୀର ସୁରେନ୍ଦ୍ର ସାଏ ନଗର, ଅପରାହ୍ନ ୪ଟା ୩୦।
- ପତିତପାବନ ସ୍ମୃତି ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ୫ଟା ୩୦।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ଅଲ୍ ଓଡ଼ିଶା ବଡି ବିଲ୍ଡିଂ ଚାମ୍ପିୟନଶିପ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୫ଟା ୩୦।
- ଭାଷା ସଂସ୍କୃତି ସମାଜ ପକ୍ଷରୁ ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ରାଜଧାନୀ କଳା ସଂସଦ, ସନ୍ଧ୍ୟା ୬ଟା।

କଟକ

- ନାରାୟଣ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଅଧିବେଶନ, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୮ଟା।
- କଟକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଆସୋସିଏଶନ ପକ୍ଷରୁ ୪୧ତମ ବାର୍ଷିକ ସମ୍ମିଳନୀ, ଗାନ୍ଧୀ ଭବନ, କେଭିକେ ରୋଡ, ପୂର୍ବାହ୍ନ ୧୧ଟା ୩୦।
- ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ନିମପୁର ପଡ଼ିଆ, ଅପରାହ୍ନ ୩ଟା ୩୦।
- ଉତ୍କଳ ପୂଜନ ପରିଷଦ ଓ ବିବେକାନନ୍ଦ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସମ୍ମାନ ପ୍ରଦାନ ସମାରୋହ, ସାରଳା ଭବନ, ସନ୍ଧ୍ୟା ୬ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯଶସ୍ୱୀକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦।

ଖୋର୍ଦ୍ଧା

- ୨ୟ ସେମିଫାଇନାଲ ମ୍ୟାଚ ମଞ୍ଚେଶ୍ୱର ବନାମ କଲ୍ୟାଣପୁର, କାଇପଦର ହାଇସ୍କୁଲ ଖେଳ ପଡିଆ, ମଧ୍ୟାହ୍ନ ୧୨ଟା ୩୦।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞର ଗୀତା ଓ ନବଗ୍ରହ ଆହୁତି, ମଙ୍ଗଳାପୀଠ, ବାଲିଅନ୍ତା ଡାମେରା, ସକାଳ ୮ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାମଣ୍ଡପ ନିକଟ, ରାତି ୮ଟା।

ସାକ୍ଷୀଗୋପାଳ

- ଶ୍ରୀରାଧା ମାଧବ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଯଜ୍ଞ, ପୋଡଙ୍ଗସାହି, ସକାଳ ୯ଟା।
- ୫ମ ବାର୍ଷିକ ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପନ, ପଞ୍ଚସଖା ମୁକ୍ତାକାଶ, ରାତି ୧୦ଟା।

୧୮।୨।୨୦୧୯(ସୋମବାର)

ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ମାନସିକ ଅବସାଦ ରୋଗ ନିବାରଣ ଶିବିର, ଗ୍ରୀନ ପାର୍କ, ମଞ୍ଚେଶ୍ୱର, ସକାଳ ୫ଟା ୩୦।
- ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆଞ୍ଚଳିକ ଆଦିବାସୀ କଳା ସମ୍ମିଳନୀ, କନ୍‌ଫରେନ୍ସ ହଲ୍ ନଂ.୨, ପାନ୍ଥନିବାସ, ପୂର୍ବାହ୍ନ ୧୧ଟା ।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୩୦।
- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।।
- ଶିଶୁକଲମ ପକ୍ଷରୁ କବିତା ପାଠ ଓ ପୁସ୍ତକ ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୩, ଅପରାହ୍ନ ୫ଟା।

କଟକ

- ୩୮ତମ ସବ୍‌ଜୁନିୟର ବାଳକ ଫ୍ରିଷ୍ଟାଇଲ୍ ଓ ଗ୍ରୀକୋ ରୋମାନ୍ ଷ୍ଟାଇଲ୍ ଏବଂ ୨୨ତମ ସବ୍ ଜୁନିୟର ବାଳିକା ଫ୍ରି ଷ୍ଟାଇଲ ରେସଲିଂ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ, ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସନ୍ଧ୍ୟା ୫ଟା।

ଖୋର୍ଦ୍ଧା

- ୨ୟ ସେମିଫାଇନାଲ ମ୍ୟାଚ ମଞ୍ଚେଶ୍ୱର ବନାମ କଲ୍ୟାଣପୁର, କାଇପଦର ହାଇସ୍କୁଲ ଖେଳ ପଡିଆ, ମଧ୍ୟାହ୍ନ ୧୨ଟା ୩୦।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞର ଗୀତା ଓ ନବଗ୍ରହ ଆହୁତି, ମଙ୍ଗଳାପୀଠ, ବାଲିଅନ୍ତା ଡାମେରା, ସକାଳ ୮ଟା।
- ପଞ୍ଚାୟତ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ, ଭିଙ୍ଗାରପୁର, ପୂର୍ବାହ୍ନ ୧୧ଟା।

୧୯।୨।୨୦୧୯(ମଙ୍ଗଳବାର)

ଭୁବନେଶ୍ୱର

- ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆଞ୍ଚଳିକ ଆଦିବାସୀ କଳା ସମ୍ମିଳନୀ, କନ୍‌ଫରେନ୍ସ ହଲ୍ ନଂ.୨, ପାନ୍ଥନିବାସ, ପୂର୍ବାହ୍ନ ୧୧ଟା ।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ପକ୍ଷରୁ ୩୫ତମ ପ୍ରତିଷ୍ଠା ଦିବସ ପାଳିତ, ବିଜୁ ପଟ୍ଟନାୟକ ଇନର୍ଜି ପାର୍କ, ପୂର୍ବାହ୍ନ ୧୧ଟା ୩୦।
- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦ରୁ ୭ଟା ୩୦।।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଓ ଓଡ଼ିଶା ଟୁରିଜମର ମିଳିତ ଆନୁକୂଲ୍ୟରେ ସମର୍ପଣର ସୁଫିଆନାର ୭ମ ବାର୍ଷିକ ଉତ୍ସବ ଓ ଧାର୍ମିକ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ୩୮ତମ ସବ୍‌ଜୁନିୟର ବାଳକ ଫ୍ରିଷ୍ଟାଇଲ୍ ଓ ଗ୍ରୀକୋ ରୋମାନ୍ ଷ୍ଟାଇଲ୍ ଏବଂ ୨୨ତମ ସବ୍ ଜୁନିୟର ବାଳିକା ଫ୍ରି ଷ୍ଟାଇଲ ରେସଲିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସନ୍ଧ୍ୟା ୫ଟା।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞର ଗୀତା ଓ ନବଗ୍ରହ ଆହୁତି, ମଙ୍ଗଳାପୀଠ, ବାଲିଅନ୍ତା ଡାମେରା, ସକାଳ ୮ଟା।

୨୦।୨।୨୦୧୯(ବୁଧବାର)

ଭୁବନେଶ୍ୱର

- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦ରୁ ୭ଟା ୩୦।।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଓ ଓଡ଼ିଶା ଟୁରିଜମର ମିଳିତ ଆନୁକୂଲ୍ୟରେ ସମର୍ପଣର ସୁଫିଆନାର ୭ମ ବାର୍ଷିକ ଉତ୍ସବ ଓ ଧାର୍ମିକ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ୩୮ତମ ସବ୍‌ଜୁନିୟର ବାଳକ ଫ୍ରିଷ୍ଟାଇଲ୍ ଓ ଗ୍ରୀକୋ ରୋମାନ୍ ଷ୍ଟାଇଲ୍ ଏବଂ ୨୨ତମ ସବ୍ ଜୁନିୟର ବାଳିକା ଫ୍ରି ଷ୍ଟାଇଲ ରେସଲିଂ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବ, ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସନ୍ଧ୍ୟା ୫ଟା।

ଖୋର୍ଦ୍ଧା

- ଫାଇନାଲ ମ୍ୟାଚ, କାଇପଦର ହାଇସ୍କୁଲ ଖେଳ ପଡିଆ, ମଧ୍ୟାହ୍ନ ୧୨ଟା ୩୦।

୨୧।୨।୨୦୧୯(ଗୁରୁବାର)

ଭୁବନେଶ୍ୱର

- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦ରୁ ୭ଟା ୩୦।।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଓ ଓଡ଼ିଶା ଟୁରିଜମର ମିଳିତ ଆନୁକୂଲ୍ୟରେ ସମର୍ପଣର ସୁଫିଆନାର ୭ମ ବାର୍ଷିକ ଉତ୍ସବ ଓ ଧାର୍ମିକ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ଖୋର୍ଦ୍ଧା

- ବିଶ୍ୱ ମାତୃଭାଷା ଦିବସ, ଗୀତା ଭବନ, ପୂର୍ବାହ୍ନ ୧୦ଟା ୩୦।

୨୨।୨।୨୦୧୯(ଶୁକ୍ରବାର)

ଭୁବନେଶ୍ୱର

- ମସରୁମ୍ ଦ ଫଟୋଗ୍ରାଫ ସର୍କଲ ଓ ସୋନି ପକ୍ଷରୁ ବାର୍ଷିକ ବାର୍ଷିକ ଫଟୋଗ୍ରାଫି ଉତ୍ସବ 'ଦ୍ରିଷ୍ଟିରାଗ', ଆଞ୍ଚଳିକ କେନ୍ଦ୍ର, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦ରୁ ୭ଟା ୩୦।।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com

ଶୁଭଦର୍ଶିନୀ

ରାଜେନ୍ଦ୍ର

ସ୍ୱସ୍ତିକ

ସୁଜାତା

ଅନ୍ତର୍ଯ୍ୟାମୀ

ସୌମ୍ୟରଞ୍ଜନ

ଶ୍ରୀତମ

ସୁଧୀର

ଆଶୁତୋଷ

କମିଶନରେଟ ପୋଲିସରେ ବଦଳି ଭେଳିକି

ଭୁବନେଶ୍ୱର,୧୬।୨ (ବ୍ୟୁରୋ)

- ବଦଳିଲେନି ଟ୍ରାଫିକ ଇନ୍ସପେକ୍ଟର, ଏସିପି
- ବଦଳି ପରେ ଚୌକି ଛାଡୁନାହାନ୍ତି ଅଫିସର

କମିଶନରେଟ ପୋଲିସରେ ଗୁରୁବାର ବଡ଼ଧରଣର ବଦଳି ହୋଇଛି। ୭ ଅତିରିକ୍ତ ଡିସିପି, ୯ ଏସିପି, ୪ ଡିଏସ୍‌ପି, ୨୯ ଇନ୍ସପେକ୍ଟର ଓ ୬୬ ଏସ୍‌ଆଇଙ୍କୁ ବଦଳି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ପୂର୍ବରୁ ଏଭଳି ବଡ଼ଧରଣର ବଦଳିକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଏଥିରେ ଅନେକ ଅଫିସରଙ୍କୁ ସୁହାଇବା ଭଳି ବଦଳି ହୋଇଥିବାବେଳେ ଆଉ କେତେଜଣ ଅଫିସରଙ୍କ ଚୌକିରେ ହାତ ମରାଯାଇନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୩ବର୍ଷ ପରେ ଜଣେ ଅଫିସରଙ୍କୁ ଅନ୍ୟ ଜିଲାକୁ ବଦଳି କରାଯିବାର ନିୟମ ରହିଛି। ମାତ୍ର ଏହି ବଦଳିରେ ଅତି ଚତୁରତା ଅବଲମ୍ବନ କରାଯାଇଥିବା ଦେଖିବାକୁ ମିଳିଛି। ଜିଲା ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ଗୋଟିଏ କମିଶନରେଟ ପୋଲିସ ଇଲାକାରେ ହିଁ ରଖାଯାଇଛି। ଦୀର୍ଘବର୍ଷ ହେବ ଗୋଟିଏ ଚୌକି ମାଡ଼ିବସିଥିବା କେତେଜଣ ପୋଲିସ ଅଫିସରଙ୍କୁ ଥାନାରୁ ହଟାଯାଇ କମିଶନରେଟ୍ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି କେତେଜଣ ଏସିପି ଓ ଇନ୍ସପେକ୍ଟରଙ୍କୁ କେବଳ କଟକ ଓ ଭୁବନେଶ୍ୱର ଥାନା ମଧ୍ୟରେ ବଦଳି କରାଯାଇଛି। ଏ କ୍ଷେତ୍ରରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ଉଠୁଛି। ଅନ୍ୟପକ୍ଷରେ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜଧାନୀରେ ରହିଥିବା ଏସିପି ଅସୀମ ପଣ୍ଡାଙ୍କୁ ଜିଲାପାର ବଦଳି କରା ନ ଯାଇ କମିଶନରେଟ ମୁଖ୍ୟାଳୟରେ ରଖାଯାଇଛି। ସେହିପରି ଏସିପି ରବୀନ୍ଦ୍ରନାଥ ଶତପଥୀଙ୍କୁ ଜୋନ୍-୬ରୁ କାଢ଼ି ନିଆଯାଇ କମିଶନରେଟ ପୋଲିସ ମୁଖ୍ୟାଳୟର ଜୁଡିସିଆଲ ଅଫିସରଭାବେ ଅବସ୍ଥାପିତ କରାଯାଇଛି। କମିଶନରେଟ ପୋଲିସରେ ଏସ୍‌ଆଇରୁ କାର୍ଯ୍ୟ ଆରମ୍ଭ କରିଥିବା ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋ ଓ ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀଙ୍କୁ ବଦଳି କରାଯାଇନାହିଁ। ଟ୍ରାଫିକ ଇନ୍ସପେକ୍ଟର ସୁରେନ୍ଦ୍ରନାଥ ଭଳଙ୍କ ଦୁଇଥର ବଦଳି ହୋଇଥିଲେ ମଧ୍ୟ ସେ ଏହାକୁ ବାତିଲ କରି ଗାଦି ମାଡ଼ି ବସିଛନ୍ତି। ବଦଳି ତାଲିକାରେ ତାଙ୍କ ନାମ ମଧ୍ୟ ନାହିଁ। ଏଭଳି ଅନେକ ଅଫିସରଙ୍କ ବଦଳି କ୍ଷେତ୍ରରେ ଅନୁକମ୍ପା ଦିଆଯାଇଥିବା ଜଣାପଡିଛି। ଗାଦିମାଡ଼ି ବସିଥିବା ଏହି ଅଫିସରମାନେ କେଉଁ ଲୋଭରେ କମିଶନରେଟ ପୋଲିସ ଛାଡିବାକୁ ନାରାଜ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏଥିପାଇଁ ଆଗାମୀ ଦିନରେ କମିଶନରେଟ ପୋଲିସ ବଦନାମ ମୁଣ୍ଡାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଏ ନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କୁହନ୍ତି, ପ୍ରାୟ ଅଫିସର ଯେଉଁମାନେ ଦୀର୍ଘଦିନ ହେବ ରାଜଧାନୀରେ ରହିଥିଲେ ସେମାନଙ୍କୁ ଅନ୍ୟ ଜିଲାକୁ ପଠାଇ ଦିଆଯାଇଛି। କିନ୍ତୁ କମିଶନରେଟ ପୋଲିସକୁ ଯେଉଁ ନୂଆ ଅଫିସର ଆସିଛନ୍ତି ସେମାନଙ୍କର ଦକ୍ଷତା ଓ ଅଭିଜ୍ଞତା ବୃଦ୍ଧି ପାଇଁ କେତେଜଣ ହାତଗଣତି ପୁରୁଣା ଅଫିସରଙ୍କୁ ରଖାଯାଇଛି।

କିଟ୍ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଏରିକ୍‌ସନ୍ ଗ୍ଲୋବାଲ ସର୍ଭିସେସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅମିତାଭ ରାୟ ଉଦ୍‌ବୋଧନ ଦେଉଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ

'ବିଗତ ହଜାରେ ବର୍ଷର ପରିବର୍ତ୍ତନ ଆଗାମୀ ୨୦ ବର୍ଷରେ ଘଟିବ'

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

- ଛାତ୍ରୀଛାତ୍ର ସବୁବେଳେ ଜ୍ଞାନ ଆହରଣରେ ଜଡ଼ିତ ରହିବାକୁ ଆହ୍ୱାନ
- ପରିବର୍ତ୍ତନ ସହ ତାଳ ଦେଇ ଚାଲିଲେ ସଫଳତା ଅଧିକ

ମାନବ ସଭ୍ୟତା ଆଜି ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଗତ ୧୦୦୦ ବର୍ଷ ମଧ୍ୟରେ ବିଶ୍ୱର ଯେତିକି ପରିବର୍ତ୍ତନ ହୋଇଥିଲା, ଆସନ୍ତା ୨୦ ବର୍ଷରେ ସେତିକି ପରିବର୍ତ୍ତନ ହେବାକୁ ଯାଉଛି। ଏହା ବିଶେଷକରି ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ଆଗେଇ ନେବ। ଆମେ ଯେଉଁ ବିଶ୍ୱରେ ବାସ କରୁଛୁ ସେଠାରେ ଆମକୁ ପ୍ରଯୁକ୍ତି ବିଦ୍ୟାରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ପାଉଛେ। ଏହି ପରିପ୍ରେକ୍ଷୀରେ ପରିବର୍ତ୍ତନ ସହ ତାଳ ଦେଇ ଚାଲିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ବୋଲି ଏରିକ୍‌ସନ୍ ଗ୍ଲୋବାଲ ସର୍ଭିସେସ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅମିତାଭ ରାୟ କହିଛନ୍ତି।

ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସରେ 'ପ୍ରତିଷ୍ଠା ଦିବସ ବକ୍ତୃତା' ପ୍ରଦାନ କରି ଅମିତାଭ କହିଲେ, ଆମର ଆଶା ବାହାରେ ଦ୍ରୁତ ପରିବର୍ତ୍ତନ ହେଉଛି। ସମ୍ପ୍ରତି କର୍ପୋରେଟ୍ ନିର୍ଣ୍ଣୟ ନେବା ସମୟରେ ଅନେକ ବିରୋଧାଭାସକୁ ଚ୍ୟାଲେଞ୍ଜ କରିବାକୁ ପଡୁଛି। ଯେପରି ସ୍ୱଳ୍ପ ମିଆଦୀ ଲାଭ ଏବଂ ଦୀର୍ଘ ମିଆଦୀ ଲକ୍ଷ୍ୟ, ଅଭିବୃଦ୍ଧି ଓ ପରିବେଶ ମଧ୍ୟରେ ଘଟୁଥିବା ବ୍ୟତିକ୍ରମ ଭଳି ଅନେକ ବିରୋଧାଭାସକୁ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡୁଛି। ଛାତ୍ରୀଛାତ୍ରମାନେ ନିଜକୁ ସବୁବେଳେ ଜ୍ଞାନ ଆହରଣରେ ଜଡ଼ିତ ରଖିବା ଉଚିତ। ଅମିତାଭ ନିଜ କ୍ୟାରିୟର ଉତ୍‌ଥାନର ଉଦାହରଣ ଦେଇ କହିଲେ, ୩୦ ବର୍ଷ ତଳେ ଏରିକ୍‌ସନ୍‌ରେ ଜଣେ ଡେଭ୍‌ଲପର ଭାବେ ଯୋଗଦେଇ ଆଜି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହୋଇ ପାରିଛନ୍ତି। ପରିବର୍ତ୍ତନ ସହ ତାଳଦେଇ ଚାଲିବାର କଳା ହିଁ ତାଙ୍କୁ ଆଜି ଏହି ସଫଳତା ଆଣି ଦେଇଛି ବୋଲି ଅ

ଯାହାର ଆଖି ନଷ୍ଟ ହୋଇଯାଇଛି ସେ ଅନ୍ଧ ନୁହେଁ। ଯିଏ ନିଜର ଦୋଷକୁ ଦେଖି ନ ପାରୁଛି, ସେ ପ୍ରକୃତରେ ଅନ୍ଧ।
ଶ୍ରୀ ଅରବିନ୍ଦ

ସଂକ୍ଷେପରେ

ବିଶ୍ୱ ବଜ୍ରକାପ୍ତା ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା

ବାରଙ୍ଗ,୧୬।୨(ଡି.ଏନ.ଏ.): ନନ୍ଦନକାନନରେ ଶନିବାର ବିଶ୍ୱ ବଜ୍ରକାପ୍ତା ଦିବସ ପାଳନ ଅବସରରେ ଆଖପାଖ ବିଦ୍ୟାଳୟର ପିଲାମାନଙ୍କୁ ନେଇ ନନ୍ଦନକାନ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଯାଇଛି। ନନ୍ଦନକାନନର ସଭାଗୃହରେ ଆୟୋଜିତ ସଭାରେ ନନ୍ଦନକାନନ ନିର୍ଦ୍ଦେଶକ ହରିଶଙ୍କର ଉପାଧ୍ୟାୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଶିବପ୍ରସାଦ ପରିଡା, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଅବସରପ୍ରାପ୍ତ ଡିଏଫଓ କେଏଲ ପୁରୋହିତ ପ୍ରମୁଖ ଅତିଥିଭାବେ ଯୋଗଦେଇ ବଜ୍ରକାପ୍ତାର ସଂରକ୍ଷଣ ଓ ମାନବ ସମାଜ ପାଇଁ ସେମାନଙ୍କର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜନ୍ତୁ ବିଭାଗ ଏସିଏଫ୍ ଅଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ବଜ୍ରକାପ୍ତା କିଟବୁକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନନ୍ଦନକାନନ ପରିସରରେ ବଜ୍ରକାପ୍ତା ସୁରକ୍ଷା ନେଇ ଏକ ଦସ୍ତଖତ ଅଭିଯାନ ହୋଇଥିଲା । ଏଥିରେ ପିଲାଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନେ ଯୋଗଦେଇଥିଲେ। ଶେଷରେ ଅତିଥିମାନେ ଫାଉଣ୍ଟେନ ଛକରେ ଥିବା ବଜ୍ରକାପ୍ତା ପ୍ରତିକୃତି ପାଖରେ ପିଲାଙ୍କୁ ନେଇ ସେଲ୍‌ଫି ଉଠାଇଥିଲେ। କୃତୀ ପିଲାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

କୃଷ୍ଣପ୍ରସାଦ ମିଶ୍ରଙ୍କ ପ୍ରବନ୍ଧ ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୨: କୃଷ୍ଣପ୍ରସାଦ ସ୍ମୃତି ପରିଷଦ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ସମ୍ମିଳନୀ କକ୍ଷରେ ସାହିତ୍ୟିକ କୃଷ୍ଣ ପ୍ରସାଦ ମିଶ୍ରଙ୍କ ପ୍ରବନ୍ଧ ଓ ସମାଲୋଚନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ପ୍ରଫେସର ଗଣେଶ ପ୍ରସାଦ ଦାସ ଯୋଗଦେଇ କୃଷ୍ଣ ପ୍ରସାଦଙ୍କ ପ୍ରବନ୍ଧ ସାହିତ୍ୟ ଉପରେ ଆଲୋଚନା କରି ମଣିଷ, ସମାଜ ଓ ଦେଶକୁ ସଙ୍ଗଠିତ କରେ ଆଦର୍ଶ, ଯାହା ମୁକ୍ତ ଚିନ୍ତନ ଦ୍ୱାରା ସୃଷ୍ଟି ହୁଏ ବୋଲି କହିଥିଲେ । ଏଥିରେ ପ୍ରଫେସର ବାଉରୀବନ୍ଧୁ କର ଅଂଶଗ୍ରହଣ କରିଥିବା ବେଳେ ବିଭାଗ ସଂଯୋଜିକା ଡକ୍ଟର ଅଳକାନନ୍ଦା ପରିଡା ସ୍ମୃତିଚାରଣ କରିଥିଲେ । ଡ. ସୌରୀବନ୍ଧୁ କର ସ୍ୱାଗତ ଭାଷଣ ଓ ଡ. ବିରାଜ ମୋହନ ଦାସ ଧନ୍ୟବାଦ ଦେଇଥିଲେ ।

ଚନ୍ଦ୍ରଶେଖରପୁରରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଟ୍ରାଫିକ ଥାନା

ଭୁବନେଶ୍ୱର,୧୬।୨(ବ୍ୟୁରୋ): ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଅବସରରେ ଟ୍ରାଫିକ ଥାନା ଅଡିଟୋରିୟମ୍‌ରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୋଲିସ କମିଶନର ସତ୍ୟଜିତ ମହାନ୍ତି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କମିଶନର କହିଥିଲେ, ଲୋକେ ରାସ୍ତାରେ ଗାଡ଼ି ଚଳାଇବା ବେଳେ ଟ୍ରାଫିକ ନିୟମ ମାନିବା ନେଇ ଅଧିକରୁ ଅଧିକ ସଚେତନ ହୁଅନ୍ତୁ। ରାଜଧାନୀରେ ଜନସଂଖ୍ୟା ବଢ଼ିଚାଲିଥିବା ବେଳେ ଟ୍ରାଫିକ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆଉ ଏକ ଟ୍ରାଫିକ ଥାନା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବା ପରେ ଟ୍ରାଫିକ ପରିଚାଳନା ଆହୁରି ଭଲ ଭାବେ କରାଯାଇପାରିବ। ରୋଡ୍ ଡିଭାଇଡର୍‌ଗୁଡ଼ିକରେ ଏବଂ ବିଭିନ୍ନ ଛକରେ ଯେଉଁଠି ଗହଳି ବଢୁଛି, ସେହି ସ୍ଥାନଗୁଡ଼ିକ ଚିହ୍ନଟ କରାଯିବା ସହ ସେଠାରେ ନୂତନ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଟ୍ରାଫିକ ବ୍ୟବସ୍ଥା ଭଲ ହୋଇପାରିବ। ଭୁବନେଶ୍ୱର ଡିସିପି ଅନୁପ ସାହୁ ଓ ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ପୋଲିସ ବ୍ୟବସ୍ଥା ଢିଲା, ଲୋକଙ୍କ ଜୀବନ ସହ ଖେଳ

ଖଣ୍ଡଗିରି ମେଳା ସମୟରେ ଦୁର୍ଘଟଣା ଆଶଙ୍କା

ଭୁବନେଶ୍ୱର,୧୬।୨ (ବ୍ୟୁରୋ)

ଲୋକଙ୍କ ଜୀବନ ସହ ଖେଳ ଖେଳୁଛି କମିଶନରେଟ ପୋଲିସ। ଖଣ୍ଡଗିରି ଛକରେ ଦୁର୍ଘଟଣାରେ ଅନେକ ଜୀବନ ଯିବା ପରେ ବି ଚେତା ପଶୁନି। ଏବେ ଖଣ୍ଡଗିରି ମେଳା ସମୟରେ ବିପୋଲିସ ସେତିକିତପ୍ୟର ହେଉ ନ ଥିବାରୁ ଦୁର୍ଘଟଣା ଓ ଅପରାଧକୁ ନେଇ ଲୋକେ ନାନା ଆଶଙ୍କା ପ୍ରକାଶ କରିଛନ୍ତି।

ମେଳା ଚାଲୁଥିବାବେଳେ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ବିଏମ୍‌ସି ପକ୍ଷରୁ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହାକୁ କମିଶନରେଟ ପୋଲିସ ପାଳନ କରୁନି। ପୋଲିସ ସୁରକ୍ଷା ବ୍ୟବସ୍ଥା ପୂରା ଢିଲା ଥିବା ଦେଖିବାକୁ ମିଳିଛି। ଅପରାହ୍ନରୁ ଖଣ୍ଡଗିରି ଛକ ଓ ଅଞ୍ଚଳରେ ଗହଳି ବଢୁଛି। ସନ୍ଧ୍ୟାଠାରୁ ଭିଡ଼ ଅସମ୍ଭାଳ ହୋଇପଡୁଛି। ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଅପେରା ପାର୍ଟି ପଡିଥିବାବେଳେ ବିଭିନ୍ନ ଦୋକାନ ବଜାର ଖୋଲିଛି। ଲୋକମାନେ ରାସ୍ତା ପାରିହୋଇ ମେଳା ବୁଲିବା ସହ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ଏପରିକି ବିଳମ୍ବିତ ରାତି ଓ ସକାଳ ପର୍ଯ୍ୟନ୍ତ

ଖଣ୍ଡଗିରି ଟ୍ରାଫିକ୍ ଛକରେ ଶନିବାର ଭୋର ସମୟର ଦୃଶ୍ୟ।

ଲୋକେ ରାସ୍ତାପାର ହେଉଛନ୍ତି। କିନ୍ତୁ ଦୁଃଖର କଥା, ମୃତ୍ୟୁର ଯନ୍ତା ଜୁହାଯାଉଥିବା ଖଣ୍ଡଗିରି ଛକରେ ବିଳମ୍ବିତ ରାତି ଓ ଭୋର୍ ସମୟରେ କୌଣସି ପୋଲିସ ଫୋର୍ସ କିମ୍ବା ଟ୍ରାଫିକ ପୋଲିସଙ୍କୁ ଦେଖିବାକୁ ମିଳୁନି। ଫଳରେ ଜାତୀୟ ରାଜପଥରେ ଭାରିଯାନଗୁଡିକ ଦ୍ରୁତଗତିରେ ଯାଉଥିଲେ ମଧ୍ୟ ନିୟନ୍ତ୍ରଣ କରିବାକୁ କେହି ନାହିଁ। ଯାତ୍ରା ସରିବା ପରେ ପରିସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇପଡୁଛି। କାରଣ ଭୋର୍ ସମୟରେ ଘନ କୁହୁଡି ହେଉଛି। ରାସ୍ତାର ଏପାଖ ସେପାଖ ଦେଖାଯିବା କଷ୍ଟକର ହୋଇପଡୁଛି। ଏଭଳି କ୍ଷେତ୍ରରେ ସକାଳୁ ଲୋକେ ମେଳାରେ ପଡିଥିବା ଯାତ୍ରା ଦେଖିବା ପରେ ରାସ୍ତା ପାରହୋଇ ଚାଲିଚାଲି ଓ ବାଇକ୍‌ରେ ଘରକୁ ଫେରୁଛନ୍ତି। ତେଣୁ ଲୋକଙ୍କ ପ୍ରତି ଦୁର୍ଘଟଣା ବିପଦ ସବୁବେଳେ ରହି ଆସିଛି। ଗୁରୁବାରଠାରୁ ଉକ୍ତ ଛକରେ କେତେକ ଛୋଟ ଦୁର୍ଘଟଣା ଘଟିଥିବା ଖବର ମିଳିଛି। ଜଣେ ବାଇକ ଚାଳକଙ୍କୁ ଏକ କାର ଧକ୍କା ଦେଇଥିଲେ ମଧ୍ୟ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ଏଭଳି ଆଉ କିଛି ଦୁର୍ଘଟଣା ଘଟିଥିବା ଲୋକେ କହୁଛନ୍ତି। ଉକ୍ତ ଛକରେ ଟ୍ରାଫିକ ପୋଲିସ ଦିନରେ

- ■ ରହୁନାହାନ୍ତି ସୁରକ୍ଷାକର୍ମୀ, ଟ୍ରାଫିକ ପୋଲିସ
- ■ ଭାରିଯାନ ଚଳାଚଳ କଟକଣା ଲାଗୁ କରିବାକୁ ଦାବି

ଫାଇନ କାଟୁଥିବାବେଳେ ରାତିରେ ଦେଖା ନ ଥିବାରୁ ଯଦି କିଛି ବଡ଼ଧରଣର ଦୁର୍ଘଟଣା ଘଟିବ କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପୋଲିସ ହିଁ ଦାୟୀ ରହିବେ। ମେଳା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶେଷକରି ସନ୍ଧ୍ୟା ଓ ଭୋର୍ ସମୟରେ ଭାରିଯାନଗୁଡିକ ଚଳାଚଳ ଉପରେ କଟକଣା ଲାଗୁ କରିବା ଏବଂ ଆବଶ୍ୟକ ଟ୍ରାଫିକ୍ ଓ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ ଲୋକେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ମେଳା ଚାଲିଥିବାରୁ ସେଠାରେ ସବୁବେଳେ ସୁରକ୍ଷା କର୍ମୀ କାର୍ଯ୍ୟ କରିବାକୁ କୁହାଯାଇଥିଲା। ସେମାନେ ସେଠାରେ ରହୁ ନ ଥିବା ମୋ ନଜରକୁ ଆସିନି। ଏଥିପ୍ରତି ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଶିବିର

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ବଡ଼ଗଡ଼ ବ୍ରୀଟ୍ କଲୋନିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଲକ୍ଷ୍ମଣ ପଣ୍ଡା ଯୋଗଦେଇ ଶିବିରାର୍ଥୀଙ୍କ ମାର୍ଗଦର୍ଶନ କରିଥିଲେ। ଯେପରି ଜଣେ ମା'ଙ୍କ ପାଇଁ ଭଲ ପୁଅ ଝିଅର ଆବଶ୍ୟକ ଅଛି ସେହିପରି ଦେଶ ପାଇଁ ସଂସ୍କାରିତ ଦେଶଭକ୍ତ ତଥା ଉତ୍ତମ ନାଗରିକଙ୍କ ଆବଶ୍ୟକତା ରହିଛି ବୋଲି ପଣ୍ଡା କହିଥିଲେ। ବିଦ୍ୟାଳୟର ପୂରାତନ ଛାତ୍ରୀ ଡା.କ୍ରିଷ୍ଣା କୁମାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରାର୍ଥୀ ମାନଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ରଙ୍ଗୋଲି, ସ୍ୱକବିତା ଆବୃତି, ବୋଧକଥା ଲିଖନ, ବର୍ଯ୍ୟବସ୍ତୁରେ ନିର୍ମିତ ହସ୍ତକର୍ମ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୧୮୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ୱଦେଶୀ ଜାଗରଣ ମଞ୍ଚର ନିର୍ମଣ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାହସୀ, ଉଚ୍ଚମନା ଓ ନିସ୍ୱାର୍ଥପର ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପ୍ରଫୁଲ୍ଲ ବିଶୋଇ, ସହ ସମ୍ପାଦକ ପ୍ରଭାସ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଭାତ ସୁବୁଦ୍ଧିରାୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।

ଅସଫଳତାରୁ ସଫଳତାର ରହସ୍ୟ ଖୋଜନ୍ତୁ: ଏ.ବି.ସିଂ

ଭୁବନେଶ୍ୱର,୧୬।୨

ଜେଟ୍ ଏୟାରୱେଜ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏସ୍‌ବିଆଇ ନେତୃତ୍ୱରେ ଗଠିତ ବ୍ୟାଙ୍କ କନସୋର୍ଟିୟମ ନିଜ ଋଣର ଏକ ଅଂଶକୁ ଇକ୍ୟୁଟିରେ ପରିବର୍ତ୍ତିତ କରିବେ। ଏହି ବ୍ୟବସ୍ଥାରେ ଏହା କମ୍ପାନୀର ସବୁଠୁ ବଡ଼ ଶେୟାରଧାରକ ହୋଇଯିବେ। କମ୍ପାନୀର ରିଜଲ୍ୟୁଶନ ପ୍ଲାନରେ ୮୪୦୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ଏହାକୁ ଇକ୍ୟୁଟି ଇନଫ୍ୟୁଜନ, ଡେଟ୍ ରିଷ୍ଟ୍ରକ୍‌ଚରିଂ, ସେଲ୍ ଏବଂ ଲିଜ, ବ୍ୟାଙ୍କ/ରିଫାଇନାନ୍ସିର ଯଥାଯଥ ମିଶ୍ରଣ ଜରିଆରେ କରାଯିବ। ତେବେ ଏହି ଡିଲ୍‌ର ଢାଞ୍ଚା କିଭଳି ଭାବେ ପ୍ରସ୍ତୁତ ହେବ ଏହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହା ସ୍ପଷ୍ଟ ଯେ, ଗୋୟଲଙ୍କ ହାତରୁ କମ୍ପାନୀର ନିୟନ୍ତ୍ରଣ ଚାଲିଯିବ। ରିଜଲ୍ୟୁଶନ ପ୍ଲାନକୁ ଆସନ୍ତା ୨୧ରେ ବସିବାକୁ ଥିବା ଶେୟାରଧାରକଙ୍କ ବୈଠକରେ ଅନୁମୋଦନ କରାଯିବ। ବ୍ୟାଙ୍କ ନିଜର ଡେଟ୍(ଋଣ)କୁ ରିଜର୍ଭ ବ୍ୟାଙ୍କର ସର୍କୁଲାର ଅନୁଯାୟୀ ୧ ଟଙ୍କା ମୂଲ୍ୟରେ ପରିବର୍ତ୍ତିତ କରିବେ। ଶେୟାରଧାରକଙ୍କ ବୈଠକରେ କମ୍ପାନୀର ଅଧିକୃତ ପୁଞ୍ଜି ବଢ଼ାଇବା ଲାଗି ମଞ୍ଜୁରୀ ନିଆଯିବ। ଜେଟ୍ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କଗୁଡ଼ିକୁ ୧୧.୪ କୋଟି ଶେୟାର ପ୍ରଦାନ କରାଯିବ। ତେବେ ସମ୍ପୂର୍ଣ୍ଣ ଋଣ ପରିମାଣର କେତେ ଅଂଶକୁ ଇକ୍ୟୁଟିରେ ବଦଳାଯିବ କମ୍ପାନୀ ତାହା ସ୍ପଷ୍ଟ କରି ନାହିଁ। କମ୍ପାନୀ ଅଧିକୃତ ପୁଞ୍ଜିକୁ ବଢ଼ାଇ ୨୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନେଇଯିବାକୁ ଚାହୁଁଛି। ଏଥିରେ ୬୮୦ କୋଟି ଟଙ୍କାର ଇକ୍ୟୁଟି କ୍ୟାପିଟାଲ ଏବଂ ୧୫୨୦ କୋଟି ଟଙ୍କାର ପ୍ରିଫରେନ୍ସ ଶେୟାର କ୍ୟାପିଟାଲ ରହିବ।

୧୯୯୩ରେ ଆରମ୍ଭ ହୋଇଥିଲା ଯାତ୍ରା

ନରେଶ ଗୋୟଲ ୧୯୯୨ ଏପ୍ରିଲ ପହିଲାରେ ଜେଟ୍ ଏୟାରୱେଜ କମ୍ପାନୀ ପ୍ରତିଷ୍ଠା କରିଥିଲେ ହେଁ ଏହାର ଯାତ୍ରା ୧୯୯୩ ମେ ୫ରୁ ଆରମ୍ଭ ହୋଇଥିଲା। ଏହି ଘରୋଇ ବିମାନ କମ୍ପାନୀକୁ ପ୍ରତିଷ୍ଠା କରିବା ଲାଗି ସେ କଠିନ ପରିଶ୍ରମ କରିଥିଲେ। ମା'ଙ୍କର ଗହଣା ବିକି ମାତ୍ର ୧୦ ହଜାର ଟଙ୍କାରେ ସେ ଆରମ୍ଭ କରିଥିଲେ ଜେଟ୍‌ର ଯାତ୍ରା। ୧୯୬୭ରେ ଦାଦାଙ୍କ ଏଜେନ୍ସିରେ କ୍ୟାଶିୟର ଭାବେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେତେବେଳେ ସେ ମାତ୍ର ୩୦୦ ଟଙ୍କା ଦରମା ପାଉଥିଲେ। ସେଠାରେ କାମ କରିବା ଅବସରରେ ରୟାଲ ଜୋର୍ଡାନ ଏୟାରଲାଇନ୍ସରେ ତାଙ୍କୁ କାମ କରିବାର ସୁଯୋଗ ମିଳିଥିଲା। ମା'ଙ୍କ ଗହଣା ବିକି ଜେଟ୍ ଏୟାରୱେଜ ନାମରେ ସେ ୧୯୭୪ରେ ଏକ ଟ୍ରାଭେଲ୍ ଏଜେନ୍ସି ଖୋଲିଥିଲେ। ୧୯୯୧ରେ ଜେଟ୍ ଏୟାରୱେଜ ଲାଗି ରାସ୍ତା ଖୋଲିବା ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାର ଓପନ ସ୍କାଇ ପଲିସିକୁ ସବୁଜ ସଙ୍କେତ ଦେଇଥିଲେ ଏବଂ ଗୋୟଲ ଏହାର ସୁଯୋଗ ହାତଛଡ଼ା କରି ନଥିଲେ। ସେ ଘରୋଇ ଅପରେଶନ ଲାଗି ଜେଟ୍ ଏୟାରୱେଜକୁ ଏକ ବିମାନ କମ୍ପାନୀ ଭାବେ ୧୯୯୨ ଏପ୍ରିଲ ପହିଲାରେ ପଞ୍ଜୀକୃତ କରିଥିଲେ ଏବଂ ଏହା ୧୯୯୩ ମେ ୫ରୁ ଏହାର କାର୍ଯ୍ୟାରମ୍ଭ କରିଥିଲା। ଏହି ଏୟାରଲାଇନ୍ସ ସେହି ଦିନଠାରୁ ଅଭିବୃଦ୍ଧି ରାସ୍ତାରେ ଯାତ୍ରାରମ୍ଭ କରିଥିଲା। ଏହା ବଳରେ ନରେଶ ଗୋୟଲ ଦିନେ ଭାରତର ଶୀର୍ଷ ୨୦ ଧନିକଙ୍କ ମଧ୍ୟରେ ଅନ୍ୟତମ ଥିଲେ।

- ୨୦% ଶେୟାର ସହ ଗୋୟଲଙ୍କୁ ପ୍ରମୋଟର ମାନ୍ୟତା
- ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ ହାତରେ ରହିବ ୩୨% ଅଂଶଧନ
- ଏନ୍‌ଆଇଆଇଏଫ ହାତରେ ୧୯.୫%, ଏତିହାଦ ନିକଟରେ ୨୪.୯% ଶେୟାର ରହିବ
- ମିଳିତ ଭାବେ ୩୪୦୦ କୋଟି ନିବେଶ କରିବେ

କକ୍ସ ଆଣ୍ଡ କିଙ୍ଗ୍‌ସର 'ଡିଲ୍ ଉତ୍ସବ' ଆଜି

ଭୁବନେଶ୍ୱର,୧୬-୨(ବ୍ୟୁରୋ)

- ଟ୍ରାଭେଲ୍ ବୁକିଂ ଉପରେ ଆକର୍ଷଣୀୟ ଅଫର
- ରାମମନ୍ଦିର ଛକସ୍ଥିତ ଆଉଟଲେଟରେ ଉପଲବ୍ଧ ହେବ

କକ୍ସ ଆଣ୍ଡ କିଙ୍ଗ୍‌ସ ପକ୍ଷରୁ ଏହାର ଡିଲ୍ ଉତ୍ସବ ୨.୦ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରର ରାମମନ୍ଦିର ଛକ ନିକଟରେ ଥିବା କମ୍ପାନୀର ଆଉଟଲେଟରେ ଏହି ଅଫରର ଲାଭ ଗ୍ରାହକ ପାଇ ପାରିବେ। ଏହି ସମୟରେ ହଲିଡେ ବୁକିଂ ଉପରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଥିବା ସୂଚନା ରହିଛି। ଏହା ୧୭ ତାରିଖ(ରବିବାର) ସକାଳ ୧୦ଟାରୁ ୫ଟା ଯାଏ ଚାଲିବ। ରୋଡ ଶୋ' ଲାଗି ପ୍ରିବୁକିଂ ଉପରେ ଗ୍ରାହକମାନେ ଅତିରିକ୍ତ ରିହାତି ପାଇ ପାରିବେ। ଗ୍ରାହକଙ୍କ ଚାହିଦା ଆଧାରରେ ଏହି ଅଫରକୁ ପୁଣି ଥରେ ଲଞ୍ଚ କରାଯାଇଛି।

ଏହା ଦ୍ୱାରା ଗ୍ରାହକ ଆକର୍ଷଣୀୟ ଅଫର ସହ ଜାତୀୟ ତଥା ଅନ୍ତର୍ଜାତୀୟ ହଲିଡେ ପ୍ୟାକେଜର ବୁକିଂ ସୁବିଧା ପାଇ ପାରିବେ। ରବିବାର ବୁକିଂ ଉପରେ ଭାଗ୍ୟଶାଳୀ ବିଜେତାଭାବେ ଦମ୍ପତିଙ୍କ ଲାଗି ମାଗଣା ହଲିଡେ ଟ୍ରିପ ରହିଛି। ୟୁରୋପ, ଆମେରିକା, ଫାର୍ ଇଷ୍ଟ ଏବଂ ଭାରତ ଭଳି ଦେଶ ପାଇଁ ଏହି ଟ୍ରିପ ଉପଲବ୍ଧ ହେବ। ସେହିଭଳି ବୁକ୍ ମାଇଁ ଶୋ'ର ମାଗଣା ଭାଉଚର ଜିତିବାର ସୁଯୋଗ ରହିଛି। ଏହାବାଦ କମ୍ପାନୀ ପକ୍ଷରୁ ଚାଇଲ୍ଡ ଟ୍ରାଭେଲ ଫ୍ରି, ହଲିଡେ ପେ ହଲିଡେ, ବାଏ ମୋର ଗେଟ୍ ମୋର, ଫାବୁଲସ ଡିସ୍‌କାଉଣ୍ଟ, ଟ୍ରାଭେଲ ଗିଫ୍ଟ ଭାଉଚର, ଆକର୍ଷକ ଗିଫ୍ଟ, ଜିଏସ୍‌ଟି ଫ୍ରି ଏବଂ ଇଏମ୍‌ଆଇ ବିକଳ୍ପ ଗ୍ରାହକମାନେ ଲାଭ କରିପାରିବେ। ସେହିଭଳି ଏଠାରେ ଗ୍ରାହକମାନେ ହଲିଡେ ଏକ୍ସପର୍ଟ, ଡେଷ୍ଟିନେଶନ ସ୍ପେଶିଆଲିଷ୍ଟ ଏବଂ ଭିଜା ଏକ୍ସପର୍ଟଙ୍କୁ ଭେଟିବାର ସୁଯୋଗ ପାଇପାରିବେ।

ୟୋନୋ ଏସ୍‌ବିଆଇ ୨୦ ଅଣ୍ଡର ଟ୍ୱେଣ୍ଟିର ବିଜେତା

ଭୁବନେଶ୍ୱର,୧୬-୨

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) 'ୟୁନୋ ୨୦ ଅଣ୍ଡର ଟ୍ୱେଣ୍ଟି' ଦ୍ୱାରା ଯୁବ ପ୍ରତିଭାଙ୍କ ପ୍ରତିଭାକୁ ଚିହ୍ନଟ କରି ପୁରସ୍କୃତ କରିଛି। ୧୭ ବର୍ଷୀୟ ଯୁବ ବୈଜ୍ଞାନିକ ସୋଭେଶ ମହାପାତ୍ର ଏହି ଟାଇଟଲ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସୋଭେଶ ପିଲା ଦିନରୁ ତାଙ୍କର ପ୍ରତିଭା ଦେଖାଇଥିବାବେଳେ ଏକାଧାରାରେ ଜଣେ ଲେଖକ, ଶିଶୁ ବିଜ୍ଞାନୀ, ଫିଲାନଥ୍ରୋପିଷ୍ଟ। ଏସ୍‌ବିଆଇ ତାଙ୍କୁ କଳା ଏବଂ ସାହିତ୍ୟ ବିଭାଗର ପୁରୁଷ ବର୍ଗରେ ପୁରସ୍କୃତ କରିଛି। ଏହି ଯୁବ ପ୍ରତିଭା ଜଣଙ୍କ ସର୍ବଦା ନିଜର ଉକ୍ତି ବି ଦି ୱାନ ହୁ ସେଟସ ଲିମିଟସ ଫର ଅଦର୍ସ ଭିତ୍ତିରେ ଜୀବନ ବଞ୍ଚି ଆସିଛନ୍ତି।

ଡୋସାନ ବବ୍‌କ୍ୟାଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଷ୍ଟମର ଏବଂ ଫାଇନାନ୍ସର ମିଟ୍ ଭୁବନେଶ୍ୱରସ୍ଥିତ ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କମ୍ପାନୀର ସେଲ୍‌ସ ମ୍ୟାନେଜର ସତ୍ୟ ଏସ୍. ସାହୁ , ଅଧିକୃତ ଡିଲର କୋଣାର୍କ ଟେକ୍ ସଲ୍ୟୁଶନ ପକ୍ଷରୁ ସୌମିକ ଦାସ୍ ଏବଂ କୌଶିକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଆର୍‌କମ୍‌ର ଦେବାଳିଆ ପ୍ରକ୍ରିୟା ରିଜଲ୍ୟୁଶନ ପ୍ରଫେଶନାଲ ଚୟନ ଲାଗି ଏସ୍‌ବିଆଇର ଉଦ୍ୟମ

ମୁମ୍ବାଇ,୧୬-୨

ଋଣରେ ବୁଡ଼ି ରହିଥିବା ରିଲାଏନ୍ସ କମ୍ୟୁନିକେଶନ ଋଣ ପରିଶୋଧ କରିପାରୁ ନ ଥିବାରୁ ନିଜକୁ ଦେବାଳିଆ ଘୋଷଣା କରି ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଆବେଦନ କରିଛି। ଅନ୍ୟପକ୍ଷରେ ଏହି କମ୍ପାନୀକୁ ସର୍ବାଧିକ ଋଣ ଦେଇଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ସମାଧାନ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଜଣେ ପ୍ରଫେଶନାଲ ନିଯୁକ୍ତ କରିବାକୁ ଆଗଭର ହୋଇଛି। ଏଥିଲାଗି ଦେଶର ଶୀର୍ଷ ୪ଟି ଅଡିଟ କମ୍ପାନୀ ସହ ଯୋଗାଯୋଗ କରିଛି। ଆର୍‌କମ୍ ପକ୍ଷରୁ ଏନ୍‌ସିଏଲ୍‌ଟିରେ ଆବେଦନ କରାଯାଇଥିବା ବେଳେ ଏସ୍‌ବିଆଇ ଭିନ୍ନ ଏକ ଆବେଦନ ଦେବାକୁ ବିଚାର କରୁଛି। ସୂଚନାଥାଉ କି, ଆର୍‌କମ୍ ଉପରେ ଏବେ ପ୍ରାୟ ୪୨ ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ଅନ୍ୟପକ୍ଷରେ ୫୫୦ କୋଟି ଟଙ୍କା ବକେୟାକୁ ନେଇ ଆର୍‌କମ୍ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆଣି ଆମେରିକାର ଟେଲିକମ ଇକ୍ୟୁପମେଣ୍ଟ କମ୍ପାନୀ ଏରିକସନ ପକ୍ଷରୁ ଆଗତ ମାମଲାର ଶୁଣାଣି ସାରିବା ପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। କହିବାକୁ ଗଲେ, ଆର୍‌କମ୍‌ର ଅଡୁଆ ଧୀରେ ଧୀରେ ବଢ଼ିବାରେ ଲାଗିଛି।

ସୋନି ଆଣିଲା ନୂଆ କ୍ୟାମେରା

ନୂଆଦିଲ୍ଲୀ,୧୬-୨

ସୋନି ଇଣ୍ଡିଆ ପକ୍ଷରୁ ନୂଆ 'ଆଲ୍‌ଫା ୬୪୦୦' କ୍ୟାମେରା ବଜାରକୁ ଆସିଛି। ଡାଇନାମିକ ଫଟୋଗ୍ରାଫି କଲଚରକୁ ବୁଦ୍ଧିମନ୍ତ କରିବା ଦିଗରେ କମ୍ପାନି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହା ଇ-ମାଉଣ୍ଟ ମିରରଲେସ କ୍ୟାମେରା ଲାଇନଅପରେ ଫୁଲ ଫ୍ରେମ୍ କଣ୍ଟାଣ୍ଟ ଲାଇନ୍‌ଅପ, ଲାଇଟୱେଟ ଏପିଏସ୍-ସି ସହ ଆସୁଛି। ଏଥିରେ ବିଶ୍ୱର ଦ୍ରୁତତମ ଅଟୋଫୋକସ ଆକ୍ୟୁଜିସନ ୦.୦୨ ସେକେଣ୍ଡ, ରିୟଲ ଟାଇମ ଆଇ ଏଏଫ୍, ରିୟଲ ଟାଇମ ଟ୍ରାକିଂ ସହ ୨୪.୨ ଏମ୍‌ପି ଏପିଏସ୍-ସି ଏକ୍ସମୋର ସିଏମ୍‌ଓଏସ୍ ଇମେଜ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ମଡେଲଟିର ବଜାର ଦର ୭୫,୯୯୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

ପାକିସ୍ତାନୀ ସାମଗ୍ରୀ ଉପରେ ଲାଗିବ ୨୦୦% ସୀମା ଶୁଳ୍କ

ନୂଆଦିଲ୍ଲୀ,୧୬-୨

ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଉଚିତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଭାରତ ଏହାଠାରୁ ମୋଷ୍ଟ ଫେଭର୍ଡ ନେସନ(ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ, ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ କେନ୍ଦ୍ର

ନୂଆଦିଲ୍ଲୀରେ ମୁଁ ମଣିଷ ହୋଇଛି, ତେଣୁ ଜାତୀୟ ରାଜଧାନୀରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ସହାୟତା ପାଇଁ ସବୁବେଳେ ପ୍ରସ୍ତୁତ ।
–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ

୨୦୧୯ରେ ଫେରାରି ଟିମ୍‌ରୁ ସେବାଷ୍ଟିଆନ ଭେଟେଲ ଓ ଚାର୍ଲସ ଲେକ୍‌ରେକ୍ ପ୍ରତିନିଧିତ୍ୱ କରିବାକୁ ଥିବାରୁ ଫଳାଫଳ ଉତ୍କଣ୍ଠାପୂର୍ଣ୍ଣ ରହିବ ।
–ନିକୋ ରୋଜବର୍ଗ, ପୂର୍ବତନ ଫର୍ମୁଲା ୱାନ ବିଶ୍ୱଚାମ୍ପିୟନ



ସଂକ୍ଷେପରେ

ସାହାଯ୍ୟର ହାତ ବଢ଼ାଇଲେ ସେହ୍ୱାଗ

ନୂଆଦିଲ୍ଲୀ,୧୬।୨(ପିଟି): ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍‌ଙ୍କ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ। ଶହୀଦ ଯବାନଙ୍କ ପିଲାମାନଙ୍କ ଶିକ୍ଷାଦାନ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ଏହି ପୂର୍ବତନ କ୍ରିକେଟର ପ୍ରସ୍ତାବ ଦେଇଛନ୍ତି। ଆମେ ଯବାନଙ୍କ ପରିବାର ଲାଗି କିଛି କରିପାରିବା ନାହିଁ। କିନ୍ତୁ ମୁଁ ଅତିକମ୍‌ରେ ସେମାନଙ୍କ ପିଲାମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ଝାଟ୍‌ରନ୍‌ସ୍ଥିତ ସେହ୍ୱାଗ ଇଣ୍ଟରନ୍ୟାଶନାଲ ସ୍କୁଲରେ କରାଇବା ଲାଗି ପ୍ରସ୍ତାବ ଦେଇପାରିବି। ଏହା ମୋର ସୌଭାଗ୍ୟ ହେବ ବୋଲି ସେହ୍ୱାଗ ଟୁଇଟର ଜରିଆରେ ଶନିବାର କହିଛନ୍ତି। ଉଲ୍ଲେଖଥାଉ କି, ଗତ ଗୁରୁବାର ଜମ୍ମୁ-କଶ୍ମୀରର ପୁଲୱାମା ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି।

ମାସକର ଦରମା ଦେବେ ବିଜେନ୍ଦର

ନୂଆଦିଲ୍ଲୀ,୧୬।୨: ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପରିବାରବର୍ଗଙ୍କ ଲାଗି ହରିୟାଣା ପୋଲିସରେ କାର୍ଯ୍ୟରତ ଚାମ୍ପିୟନ ବକ୍ସର ବିଜେନ୍ଦ୍ରର ସିଂ ଗୋଟେ ମାସର ଦରମା ପ୍ରଦାନ କରିବା ନେଇ କହିଛନ୍ତି। ଅଲିମ୍ପିକ୍ ପଦକଧାରୀ ଏକମାତ୍ର ପୁରୁଷ ବକ୍ସର ଶନିବାର କହିଛନ୍ତି, ଶହୀଦ ଯବାନଙ୍କ ପରିବାର ଲାଗି ମୁଁ ଏକ ମାସର ଦରମା ପ୍ରଦାନ କରୁଛି। ଯବାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ସମସ୍ତେ ଆଗକୁ ଆସିବା ଦରକାର। ତାଙ୍କ ପରିବାର ସହ ଛିଡ଼ା ହେବା ଆମ ଦାୟିତ୍ୱ। ଦେଶ ଲାଗି ସେମାନଙ୍କ ପରିବାରର ଜଣେ ସଦସ୍ୟ ଜୀବନ ତ୍ୟାଗ କରିଥିବାରୁ ଗର୍ବିତ ଅନୁଭବ କରାଇବା ଦରକାର। ଜୟ ହିନ୍ଦ।

ପଟିଆଲାରୁ ମୁମ୍ବାଇ ଇଣ୍ଡିଆନ୍ସ, ଭାରତୀୟ ଦଳ

ଚଣ୍ଡିଗଡ଼,୧୬।୨: କୋଚ୍ ପରାମର୍ଶ ଦେଇ ନ ଥିଲେ ସମ୍ଭବତଃ ମୟଙ୍କ ମାର୍କଣ୍ଡେ ଲେଗ୍ ସ୍ପିନ ଓ ରଙ୍ଗ ୱାନ୍‌ସ ବୋଲିଂ କରି ନ ଥାନ୍ତେ। ୧୪ ବର୍ଷରୁ କମ୍ ପଞ୍ଜାବ ଦଳରେ ଖେଳୁଥିବାବେଳେ ସେ ଫାଷ୍ଟ ବୋଲର ଥିଲେ। ତାଙ୍କ କୋଚ ମୁନୀଶ ବଲିଙ୍କ ପରାମର୍ଶ କ୍ରମେ ସେ ସ୍ପିନର ହେବା ଲାଗି ଆଶା ପୋଷଣ କରିଥିଲେ। ପେସର ହେବାର ସ୍ୱପ୍ନ ଦେଖିବା ଭୁଲି ଯାଅ। କାରଣ ମୋ ନିକଟରେ ସେଭଳି ଶରୀର ନ ଥିଲା। କୋଚ୍‌ଙ୍କ ଏହି ପରାମର୍ଶ ମୋ ପାଇଁ ବର ଦାନ ସାବ୍ୟସ୍ତ ହୋଇଥିଲା ବୋଲି ମାର୍କଣ୍ଡେ କହିଛନ୍ତି। ଶୁକ୍ରବାର ଗୋଟିଏ ଫୋନ କଲ୍ ତାଙ୍କ ଜୀବନ ପରିବର୍ତ୍ତନ କରି ଦେଇଛି। ଭାରତୀୟ ଦଳରୁ ଡାକରାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଟି୨୦ ସିରିଜ ଲାଗି ଜାତୀୟ ଦଳରେ ସ୍ଥାନ ଦିଆଯାଇଛି। ମହାଶୂରଠାରେ ହୋଟେଲରେ ଥିବାବେଳେ ମୋତେ ଫୋନ ଆସିଥିଲା। ଭାରତୀୟ ଦଳରୁ ଡାକରା ମିଳିବ ବୋଲି ଆଶା କରି ନ ଥିଲା। ସୂଚନା ପାଇବା ପରେ ମୁଁ ଚକିତ ହୋଇ ପଡ଼ିଥିଲି। ମୋତେ ବାସ୍ତବତାକୁ ଫେରିବାକୁ କିଛି ସମୟ ଲାଗିଥିଲା। କିନ୍ତୁ ମୁଁ ଏହି ମୁହୂର୍ତ୍ତକୁ ଜୀବନରେ କଦାପି ଭୁଲି ପାରିବି ନାହିଁ ବୋଲି ପଟିଆଲା ଖେଳାଳି କହିଛନ୍ତି। ୨୧ ବର୍ଷୀୟ ସ୍ପିନରଙ୍କ ଜୀବନରେ ଗତ ୧୫ ମାସ ହେଲା ବହୁ ପରିବର୍ତ୍ତନ ଆସିଛି। ସେ ଗୋଟିଏ ବର୍ଷରେ ପ୍ରଥମ ଶ୍ରେଣୀ, ଆଇପିଏଲ ଓ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ଏହାପରେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଦଳ ୨୦ ଲକ୍ଷ ଟଙ୍କାରେ ଖରିଦ କରି ଆଇପିଏଲରେ ସୁଯୋଗ ଦେଇଥିଲା। ଗତ ସଂସ୍କରଣରେ ସେ ୧୪ ମ୍ୟାଚ୍‌ରୁ ୧୫ ଉଇକେଟ ନେଇ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

■ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଟାଇଟଲ ବଜାୟ ରଖିଲେ ସାଇନା

ଗୁଆହାଟୀ,୧୬।୨(ପି.ଟି.)

ରନର୍ସଅପ୍ ପି.ଭି. ସିନ୍ଧୁ ଓ ଚାମ୍ପିୟନ୍ ସାଇନା ନେହ୍ୱାଲ।

ଗତଥରର ଚାମ୍ପିୟନ ସାଇନା ନେହ୍ୱାଲ ସ୍ଥାନୀୟ ଟିଆରପି ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮୩ତମ ଜାତୀୟ ବ୍ୟାଡିଣ୍ଟନ ଚାମ୍ପିୟନଶିପ୍‌ରେ ମହିଳା ବିଭାଗ ଟାଇଟଲ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସାଇନା ୨୧-୧୮, ୨୧-୧୫ରେ ପି.ଭି. ସିନ୍ଧୁଙ୍କୁ ହରାଇ ଚତୁର୍ଥଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛନ୍ତି। ୩୦ ମିନିଟରୁ ସାମନ୍ୟ ଊର୍ଦ୍ଧ୍ୱ ସମୟରେ ସାଇନା ବିଜୟୀ ହୋଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାରେ ଦୁଇଥର ଚାମ୍ପିୟନ ହୋଇଥିବା ସିନ୍ଧୁ ଟାଇଟଲ ମୁକାବିଲାରେ ସାଇନାକୁ ରୋକିବାରେ ସଫଳ ହୋଇ ନ ଥିଲେ। ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ଗତ ବର୍ଷ ମଧ୍ୟ ସିନ୍ଧୁଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଗତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫାଇନାଲରେ ମଧ୍ୟ ସାଇନା ୨୦୧୬ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ସିନ୍ଧୁଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ।

ଏହା ପୂର୍ବରୁ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରେ ସୌରଭ ବର୍ମା ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୬ ବର୍ଷୀୟ ମଧ୍ୟ ପ୍ରଦେଶ

ସୌରଭଙ୍କୁ ତୃତୀୟ ଟାଇଟଲ

ଖେଳାଳି ସୌରଭ ଫାଇନାଲ ମ୍ୟାଚ୍‌ରେ ୧୭ ବର୍ଷୀୟ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ୍‌ଙ୍କୁ ୨୧-୧୮, ୨୧-୧୩ରେ ପରାସ୍ତ କରି ତୃତୀୟ ଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସୌରଭ ୨୦୧୧ ଓ ୨୦୧୭ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ୨୦୧୭ରେ ସୌରଭ ପ୍ରତିପକ୍ଷ ଲକ୍ଷ୍ୟଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ।

ପୁରୁଷ ଡବଲ୍ସରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ପ୍ରଣବ ଜେରୀ ଚୋପ୍ରା ଓ ଚିରାଗ ସେଙ୍ଗୀ ୨୧- ୧୩, ୨୨-୨୦ରେ ମାତ୍ର ୩୩ ମିନିଟ୍‌ରେ ଟପ୍ ସିଡ ଯୋଡି ଏମ.ଆର. ଅର୍ଜୁନ ଓ ଶ୍ଳୋକ ରାମଚନ୍ଦ୍ରନଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଏଥି ସହିତ ପ୍ରଣବ ତାଙ୍କର ତୃତୀୟ ଜାତୀୟ ଟାଇଟଲ ହାସଲ କରିଛନ୍ତି।

ରାହାନେଙ୍କୁ ନେତୃତ୍ୱ: ଶ' ଫେରିଲେ

ମୁମ୍ବାଇ, ୧୬।୨

ଆଗାମୀ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଲାଗି ଶନିବାର ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ମୁମ୍ବାଇ ଦଳ ଘୋଷଣା କରାଯାଇଛି। ଅନ୍ତର୍ଜାତୀୟ ଷ୍ଟାର ଅଜିଙ୍କ୍ୟ ରାହାନେଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଯୁବ ଓପନିଂ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ' ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସହ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିଛନ୍ତି। ଭାରତର ଗତ ଅଷ୍ଟ୍ରେଲିଆ ଟୁର୍ ସମୟରେ ପୃଥ୍ୱୀ ଆହତ ହୋଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଅଭିଜ୍ଞ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଆଦିତ୍ୟ ତାରେଙ୍କ ସମେତ ଶ୍ରେୟାସ ଆୟାର, ସିଦ୍ଦେଶ ଲାଡ୍, ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୧ରୁ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଆରମ୍ଭ ହେବ। ଚଳିତ ସିଜନରେ ରଣଜୀ ଟ୍ରଫି ସମେତ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିରେ ମୁମ୍ବାଇ ଖରାପ ପ୍ରଦର୍ଶନ କରିଥିବାରୁ ଏହି ଟୁର୍ନାମେଣ୍ଟରେ ଦଳ ଉପରେ ସମସ୍ତଙ୍କ ନଜର ରହିଛି।

ମୁମ୍ବାଇ ଟିମ୍: ଅଜିଙ୍କ୍ୟ ରାହାନେ (ଅଧିନାୟକ), ପୃଥ୍ୱୀ ଶ', ଶ୍ରେୟାସ ଆୟାର, ଶାର୍ଦ୍ଦୁଲ ଠାକୁର, ଧାୱନ କୁଲକର୍ଣ୍ଣୀ, ସିଦ୍ଦେଶ ଲାଡ୍, ଆଦିତ୍ୟ ତାରେ, ସୂର୍ଯ୍ୟକୁମାର ଯାଦବ, ଆକାଶ ପାର୍କର, ଏକନାଥ କେର୍କର, ଧୁର୍ମିଲ ମତକର, ଶାମ ମୁଲାନି, ଶୁଭମ ରାଞ୍ଜଣେ, ତୁଷାର ଦେଶପାଣ୍ଡେ ଓ ରୟଷ୍ଟନ ଡିଆସ।

ପୃଥ୍ୱୀ ଶ'

ଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲ

ହ୍ୟାଟ୍ରିକ୍ ଗୋଲ ସ୍କୋରର ଜୟସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

ସୋନପୁର,୧୬।୨(ନି.ପ୍ର.): କଟକର ସ୍ପୋର୍ଟ୍ସ ହଷ୍ଟେଲ ସୋନପୁର ଗାନ୍ଧୀ ପଡିଆଠାରେ ଚାଲିଥିବା ଅଲ ଓଡ଼ିଶା ରବି ଆଣ୍ଡ୍ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ପୁଲ-ବି ସେମିଫାଇନାଲ ମ୍ୟାଚ୍ ସ୍ପୋର୍ଟ୍ସ ହଷ୍ଟେଲ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଖେଳର ୧୦ମ, ୨୦ତମ ଓ ୩୩ ତମ ମିନିଟ୍‌ରେ କଟକ ଦଳର ଜର୍ସି ନଂ ୧୨ ଖେଳାଳି ଜୟସିଂ ଗାଗାରାଇ ହ୍ୟାଟ୍ରିକ୍ ଗୋଲ ଦେଇଥିଲେ। ଖେଳର ୬୧ ମିନିଟ୍‌ରେ ଓଡ଼ିଶା ପୋଲିସର ଜର୍ସି ନଂ ୧୫ ଖେଳାଳି ବିଜୟ ଘାଲାନ ପେନାଲଟି ସଟ୍‌କୁ ଗୋଲରେ ପରିଣତ କରିଥିଲେ। ଜୟସିଂ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ରେଫେରି ସଞ୍ଜୀବ କୁମାର ସାହୁ, ସଲିଲ ବେହେରା, ଦିଲ୍ଲୀପ ରାଉତ ଓ ଦେବାଶିଷ ବାଗ୍ ପ୍ରମୁଖ ପରିଚାଳନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ସୁବାସ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ, ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜନମୁରା ପଞ୍ଚାୟତର ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ ଓ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନର ସମ୍ପାଦକ ସତ୍ୟନାରାୟଣ ଦରୱାନ ଯୋଗ ଦେଇଥିଲେ। ରବିବାର ୟୁନାଇଟେଡ ସ୍ପୋର୍ଟିଂ ବରଗଡ଼ ଓ ସ୍ପୋର୍ଟ୍ସ ହଷ୍ଟେଲ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ରାଜ୍ୟ ସିନିୟର କାୟାକିଂ, କାନୋଇଂ ଦଳ ଘୋଷିତ

କଟକ ଅଫିସ, ୧୬।୨: ଦିଲ୍ଲୀଠାରେ ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ୨୯ତମ ସିନିୟର ପୁରୁଷ ଏବଂ ମହିଳା ଜାତୀୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିନିମନ୍ତେ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ୨୧ ଜଣିଆ ଦଳ ଘୋଷଣା କରାଯାଇଛି। ମହିଳା ଦଳରେ ମୀନା ମାଧୁରୀ ଟପ୍ପୋ, ଓଇନାମ ବିଦ୍ୟାଦେବୀ, ସରୋଜିନୀ ଟପ୍ପୋ, ରୀନା ପୂଜାରୀ, ଏସ୍‌ମା ବର୍ଲା, ଫୁଲମଣି ଏକ୍କା, ଆରସୀ ଦେବୀ, ଏଚ୍. ବିଦ୍ୟାପତି ଚାନୁ, ସଜିମା କେରକେଟା, ନିତୁପ୍ରଭା ଟପ୍ପୋ, ସୁପ୍ରିୟା ଏକ୍କା, ଏଲିନା ରାଉତ ରହିଛନ୍ତି। ସେହିପରି ପୁରୁଷ ବିଭାଗରେ ନାଗାଥୋଇ ସିଂ, ଦେବୀସନ ସିଂ, ରତିକ ସିଂ, ନାନୋ ମିଡେଇ, ହିମାଂଶୁ ଶତପଥୀ, ଗୀତା ଚନ୍ଦ୍ର ସିଂ, ସୌମ୍ୟ ମହାପାତ୍ର ରହିଛନ୍ତି। ଜନସନ ସିଂ ମୁଖ୍ୟ କୋଚ୍ ଓ ପୃଥ୍ୱୀରାଜ ସିନ୍ଧେ ଦଳର ସହକାରୀ କୋଚ୍ ରହିଛନ୍ତି। ରବିବାର ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

ଓଡ଼ିଶାର ବିଜୟଧାରା ଜାରି

କଟକ ଅଫିସ,୧୬।୨: ଗୋଆର ସାନଗୁଏମ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୯୮ ରନରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଲଗାତର ୪ର୍ଥ ବିଜୟ। ବିଜୟ ଧାରା ବଜାୟ ରଖିବା ସହ ଗ୍ରୁପ-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୨୦ରେ ଗୁଜରାଟ ବିପକ୍ଷରେ ଖେଳିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୮୯ ରନ ସଂଗ୍ରହ କରିଥିଲା। ଅଧିନାୟିକା ଇନ୍ଦ୍ରାଣୀ ଛତ୍ରିଆ ସର୍ବାଧିକ ୫୧ ରନ କରିଥିବା ବେଳେ ପୁନମ ନାୟକ ୪୫, ସୁଇଟ ବେଉରା ୪୪ ରନ କରିଥିଲେ। ଓଡ଼ିଶାକୁ ଅତିରିକ୍ତ ୮୩ ରନ ମିଳିଥିବା ବେଳେ ଏହା ମଧ୍ୟରେ ୭୨ଟି ୱାଇଡ ସାମିଲ ଥିଲା। ଜମ୍ମୁ ଓ କଶ୍ମୀର ପକ୍ଷରୁ ରୁନକ ଜାହାନ ଓ ରୁଦ୍ରାକ୍ଷୀ ଚିବ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜମ୍ମୁ ଓ କଶ୍ମୀର ୯୧ ରନରେ ଅଲଆଉଟ ହୋଇଥିଲା। ଅଧିନାୟିକା ସୋନିକା ସର୍ବାଧିକ ୧୮ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଣୀ କୁମାରୀ ପ୍ରସାଦ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଛନ୍ତି ।

ଗୁପ୍ଟିଲଙ୍କ କ୍ରମାଗତ ଦ୍ୱିତୀୟ ଶତକ

ଖ୍ରିଷ୍ଟଚର୍ଚ୍ଚ,୧୬।୨: ବିସ୍ଫୋରକ ଓପନର ମାର୍ଟିନ ଗୁପ୍ଟିଲଙ୍କ କ୍ରମାଗତ ଦ୍ୱିତୀୟ ଶତକ ବଳରେ ବାଂଲାଦେଶ ବିପକ୍ଷରେ ଏଠାରେ ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚରେ ନ୍ୟୁଜିଲାଣ୍ଡ ଦଳ ୮ ଉଇକେଟରେ ବିଜୟ ହାସଲ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ ୨-୦ ବ୍ୟବଧାନରେ ଆଗୁଆ ଜିତି ନେଇଛି। ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳିଥିବା ଗୁପ୍ଟିଲ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଦଳ ପୂର୍ବ ମ୍ୟାଚ୍ ଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୪୯.୪ ଓଭରରେ ୨୨୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମହମ୍ମଦ ମିଥୁନ (୫୭) ଓ ସବିର ରେହମାନ(୪୩)ଙ୍କ ବ୍ୟତୀତ ଅନ୍ୟ କେହି ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଲୋକି ଫର୍ଗୁସନ ୩ ଉଇକେଟ ନେଇଥିଲେ। ଜବାବରେ ଗୁପ୍ଟିଲ ଓ ଅଧିନାୟକ କେନ ୱିଲିୟମସନ ଦ୍ୱିତୀୟ ଉଇକେଟ ପାଇଁ ୧୪୩ ରନ୍‌ର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରି ଦେଇଥିଲେ। ଗୁପ୍ଟିଲ ୮୮ ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୪ ଛକା ସହାୟତାରେ ୧୧୮ ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ୱିଲିୟମସନଙ୍କ ସହ ରସ ଟେଲର ମିଶି ଦଳର ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ। ଫଳରେ ୩୬.୧ ଓଭରରେ ୨ ଉଇକେଟ ହରାଇ ୨୨୯ ରନ୍ କରି ମ୍ୟାଚ୍ ଜିତ ନେଇଛି। ଦଳ ପାଇଁ ୱିଲିୟମସନ ୬୫ ଓ ଟେଲର ୨୧ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ ମୁସ୍ତାଫିଜୁର ରହମାନ ଦୁଇ ଉଇକେଟ ନେଇଥିଲେ।

ମାର୍ଟିନ ଗୁପ୍ଟିଲ

NANDANKANAN
NANDANKANAN ZOOLOGICAL PARK
TENDER NOTICE No.18 of 2018-19
Date: 16.02.2019
Deputy Director, Nandankanan Zoological Park invites sealed tender in prescribed form from interested individuals / firms / entrepreneurs for **supply of Animal Feed** to Nandankanan Zoological Park during the financial year, 2019-20.
The last date of submission of sealed tender: 5.00 P.M of 07.03.2019.
Opening of sealed tender (Technical bid) : 11.30 A.M. of 08.03.2019.
Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from 18.02.2019. The downloaded tender papers must be accompanied with a Bank Draft of Rs.**5900/-** (Rupees Five Thousand Nine Hundred) only (inclusive of 18% GST) in favour of Deputy Director, Nandankanan Zoological Park drawn on only nationalized Bank payable at Bhubaneswar.
Sd./- Deputy Director, Nandankanan Zoological Park

OFFICE OF THE EXECUTIVE ENGINEER
PUBLIC HEALTH DIVISION, BALANGIR
Tel -06652-234647, At: Tulsinagar, Balangir-767001,
Email: eephbgr@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. EEPH-BLGR– 25 / 2018-19
Dt. 13.02.2019
No.489-C:-

01	Name of work	:	02 Nos
02	Estimated cost	:	Rs 16.97 lakhs to Rs. 33.99 lakhs
03	Period of completion	:	90 days
04	Date & Time of availability of bid document in the portal	:	From 11.00 Hrs. of 18.02.2019 to 17.00 Hrs. of 27.02.2019
05	Last date/time of receipt of bids in the portal	:	17.00 Hrs. of 28.02.2019
06	Date & Time of opening

ଅଷ୍ଟ୍ରେଲିଆରେ ମୋ ସଫଳତା ପଛରେ ନ୍ୟାଶନାଲ କ୍ରିକେଟ ଏକାଡେମୀରେ କିରଣ ମୋରେ ମୋତେ ଦେଇଥିବା ଟିପ୍ସର ବିଶେଷ ଭୂମିକା ରହିଛି ।

–ରିଷଭ ପନ୍ତ, ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ



ବିଶ୍ୱକପ୍ ଦଳରେ ରିଷଭ ପନ୍ତଙ୍କୁ ସ୍ଥାନ ଦେବା ସମ୍ପର୍କରେ ନିଷ୍ପତ୍ତି ପୂର୍ବରୁ ଆମେ ତାଙ୍କୁ କୋତୋଟି ଅନ୍ତର୍ଜାତୀୟ ଦିନିକିଆରେ ଖେଳାଇବାକୁ ଚାହୁଁ ।

–ଏମ.ଏସ୍.କେ. ପ୍ରସାଦ, ଖେଳାଳି ଚୟନ କମିଟି ମୁଖ୍ୟ

ସଂକ୍ଷେପରେ

ଶୁଟିଂ ବିଶ୍ୱକପ୍ ୫୦ ଆଫ୍ରିକୀୟ ରାଷ୍ଟ୍ରକୁ ସିଧାପ୍ରସାରଣ

ନୂଆଦିଲ୍ଲୀ, ୧୬।୨ (ପି.ଟି.): ଆସନ୍ତା ସିଜନ ଓପନିଂ ଶୁଟିଂ ବିଶ୍ୱକପ୍ ନୂଆଦିଲ୍ଲୀରେ ହେବା ଏଥିରେ ୧୬ଟି ଅଲିମ୍ପିକ୍ସ କୋଟା ପୂରଣ ହେବାକୁ ଥିବା ବେଳେ ୫୦ଟି ଆଫ୍ରିକୀୟ ରାଷ୍ଟ୍ରକୁ ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଶୁଟିଂ ବିଶ୍ୱକପ୍ ଫେବୃୟାରୀ ୨୧ରୁ ୨୮ ପର୍ଯ୍ୟନ୍ତ ଡକ୍ଟର କାର୍ଣି ସିଂ ଶୁଟିଂ ରେଞ୍ଜ୍ ହେବା ସୋନି ପିକଚର୍ସ ନେଟ୍‌ୱର୍କ ଏହାର ସିଧା ପ୍ରସାରଣ କରିବା ଏନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ ସାରିଛି। ଆଫ୍ରିକା ମହାଦେଶରେ ସୁପରସ୍ପୋର୍ଟ୍ସ ନେଟୱର୍କ ସହାୟତାରେ ଇଭେଣ୍ଟର ସିଧା ପ୍ରସାରଣ ହେବା ଭାରତରେ ସୋନି ବ୍ୟତୀତ ଦୂରଦର୍ଶନ ଏହି ଇଭେଣ୍ଟର ସିଧାପ୍ରସାରଣ କରିବା।

ଶହୀଦ ଯବାନଙ୍କୁ ସମ୍ମାନ ଜଣାଇଲେ କୋହଲି

ନୂଆଦିଲ୍ଲୀ, ୧୬।୨: ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଆରପି-ଏସ୍‌ଜି ଇଣ୍ଡିଆନ ସ୍ପୋର୍ଟ୍ସ ସମ୍ମାନକୁ ବାତିଲ କରିଛନ୍ତି। ଏହାଦ୍ୱାରା ସେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ସମ୍ମାନ ଜଣାଇଛନ୍ତି। ଗୁରୁବାର ଜମ୍ମୁ-କଶ୍ମୀରର ପୁଲୱାମା ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ କେତେ ଜଣ ଯବାନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଇଣ୍ଡିଆନ ସ୍ପୋର୍ଟ୍ସ ସମ୍ମାନ ହେଉଛି ବିରାଟ କୋହଲି ଫାଉଣ୍ଡେଶନ ଓ ଆରପି ସଞ୍ଜୀବ ଗୋଏଙ୍କା ଗ୍ରୁପ ପକ୍ଷରୁ ଦେଶର ଉଦୀୟମାନ କ୍ରୀଡ଼ାବିତଙ୍କୁ ପ୍ରଦାନ କରାଯାଉଥିବା ସମ୍ମାନ। ଆରପି-ଏସ୍‌ଜି ଇଣ୍ଡିଆନ ସ୍ପୋର୍ଟ୍ସ ସମ୍ମାନ ବାତିଲ କରାଯାଉଛି। ଏଭଳି ଦୁଃଖଦ ପରିସ୍ଥିତି ଯୋଗୁ ଆମେ ଇଭେଣ୍ଟ ବାତିଲ କରୁଛୁ ବୋଲି କୋହଲି ଟୁଇଟର ଜରିଆରେ କହିଛନ୍ତି।

୧୮ରୁ ନବ ଦାଶ ମେମୋରିଆଲ ଟି୨୦

ଭୁବନେଶ୍ୱର, ୧୬।୨ (ସ୍ପୋର୍ଟ୍ସ ବ୍ୟୁରୋ): ନବ ଦାଶ ସ୍ମୃତି କମିଟି ଆନୁକୂଲ୍ୟରେ ଆସନ୍ତା ୧୮ରୁ ୨୧ ତାରିଖ ମଧ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଏକ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଫାଇନାଲ ଦିବସ ବ୍ୟତୀତ ପ୍ରତିଦିନ ଦୁଇଟି ଲେଖାଏ ମ୍ୟାଚ୍ ଖେଳାଯିବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବହୁ ଆକର୍ଷଣୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଭୁବନେଶ୍ୱରର ସବୁ ଅଗ୍ରଣୀ କ୍ଲବ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଧଳା ବଲ୍‌ରେ ଖେଳାଳିମାନେ ରଙ୍ଗିନ ପୋଷାକ ପରିଧାନ କରି ମ୍ୟାଚ୍ ଖେଳିବେ। ୧୮ ତାରିଖରେ ସହୀଦ ସ୍ପୋର୍ଟିଂ ଓ ପାରାମାଉଣ୍ଟ ପରସ୍ପରକୁ ପ୍ରଥମ ମ୍ୟାଚ୍‌ରେ ଭେଟିବେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏମ୍‌ସିସି ଓ ବିହାରୀଲାଲା ଫାଇଟର୍ସ ମୁହାଁମୁହିଁ ହେବେ। ୧୯ ତାରିଖରେ ପ୍ରଗତି ଓ ଜ୍ୟୋତି ମୋଟର୍ସ ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ଓ ସ୍କାନ୍ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ୨୦ ତାରିଖରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲରେ ମୁହାଁମୁହିଁ ହେବେ। ୨୧ ତାରିକରେ ଫାଇନାଲ ମ୍ୟାଚ୍ ଖେଳାଯିବ। ନବ ଦାଶ ସ୍ମୃତି କମିଟି ଅଧକ୍ଷ ନରେନ୍ଦ୍ର ଦାଶ ଏହି ଟୁର୍ନାମେଣ୍ଟ ପରିଚାଳନା କରିବେ।

ଇରାନୀ କପ୍ ଜିତିଲା ବିଦର୍ଭ

ନାଗପୁର, ୧୬।୨ (ପି.ଟି.)

ରଣଜୀ ଚାମ୍ପିୟନ ବିଦର୍ଭ ଘରୋଇ କ୍ରିକେଟରେ ତା'ର ଶ୍ରେଷ୍ଠତା ବଜାୟ ରଖିଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ଇରାନୀ କପ୍‌ରେ ତାରକା ଖଚିତ ଅବଶିଷ୍ଟ ଭାରତ ବିପକ୍ଷରେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ବିଦର୍ଭ ଚାମ୍ପିୟନ ହୋଇଛି। ଏଥି ସହିତ ବିଦର୍ଭ କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ମୁମ୍ବାଇ ଓ କର୍ନାଟକ ପରେ ବିଦର୍ଭ ତୃତୀୟ ଦଳ ଭାବେ କ୍ରମାଗତ ଦ୍ୱିତୀୟ ଇରାନୀ କପ୍ ଟାଇଟଲ ହାସଲ କରିଛି। ପ୍ରଥମ ଇନିଂସରେ ୧୦୨ରନର ଶତକୀୟ ପାଳି ଖେଳି ବିଦର୍ଭକୁ ଅଗ୍ରଣୀ କରାଇଥିବା ଟେଲଏଣ୍ଡର ଅକ୍ଷୟ କର୍ଣେୱାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ୯୫ ରନ ପଛରେ ପଡିଥିବା ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସରେ ବିହାରୀଙ୍କ ଅପରାଜିତ ୧୮୦ ରନ(୩୦୦ ବଲ, ୧୯ ଚୌକା, ୪ ଛକା)ର ଶତକୀୟ ପାଳି ବଳରେ ୧୦୭ ଓଭରରେ ୩୭୪/୩ରେ ପାଳି ଘୋଷଣା କରିଥିଲା। ଫଳରେ ବିଦର୍ଭ ସମ୍ମୁଖରେ ୨୮୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବିଦର୍ଭ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ପଞ୍ଚମ ତଥା ଅନ୍ତିମ ଦିବସରେ ୧୦୩.୧ ଓଭରରେ ୫ ଉଇକେଟ ହରାଇ ୨୬୯ ରନ କରି ବିଜୟର ନିକଟବର୍ତ୍ତୀ ହୋଇଥିଲା। ବିଜୟ ପାଇଁ ଆଉ ମାତ୍ର ୧୧ ରନ ଆବଶ୍ୟକ ହେଉଥିବା ବେଳେ ଦୁଇ ଦଳ ମ୍ୟାଚ ଡ' ରଖିବାକୁ ସହମତି ପ୍ରକାଶ କରି ହାତ ମିଳାଇଥିଲେ। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଦର୍ଭ ବିଜୟୀ ଘୋଷିତ ହୋଇଥିଲା। ଟପ୍ ସ୍କୋରର ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱାସିମ ଜାଫର ଓ ତାରକା ଦ୍ରୁତ ବୋଲର ଉମେଶ ଯାଦବଙ୍କ ଅନୁପସ୍ଥିତି ସତ୍ତ୍ୱେ ବିଦର୍ଭ ଉଚ୍ଚକୋଟୀର ପ୍ରଦର୍ଶନ କରି ଶେଷରେ ବାଜି ମାରିଥିଲା।

ଇରାନୀ କପ୍ ଚାମ୍ପିୟନ୍ ବିଦର୍ଭ ଦଳର ଖେଳାଳିମାନେ ଟ୍ରଫି ସହ।

ଶହୀଦଙ୍କ ସନ୍ତାନଙ୍କୁ ଦେଲେ ପୁରସ୍କାର ରାଶି

ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ରଣଜୀ ଚାମ୍ପିୟନ ବିଦର୍ଭ ଖେଳାଳିମାନେ ସେମାନଙ୍କ ପୁରସ୍କାର ରାଶି ଜମ୍ମୁ-କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ସନ୍ତାନଙ୍କୁ ଦାନ କରିଛନ୍ତି। ବିଦର୍ଭ ଅଧିନାୟକ ଫୈଜ ଫଜଲ ଏ ନେଇ ଘୋଷଣା କରିଥିଲେ। ସମ୍ମନ୍ନ ପୁରସ୍କାର ରାଶି ଆମେ ସହୀଦଙ୍କ ସନ୍ତାନଙ୍କୁ ଦାନ କରିବୁ । ଦଳର ସବୁ ଖେଳାଳି ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛୁ । ଆମ ଦଳ ଓ ବିଦର୍ଭ କ୍ରିକେଟ ଆସୋସିଏଶନ ତରଫରୁ ଏହା ଏକ ଛୋଟିଆ ପ୍ରୟାସ ବୋଲି ସେ କହିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୭/୧ ରୁ ବିଦର୍ଭ ଖେଳ ଆରମ୍ଭ କରିଥିଲା। ଓଭର ନାଇଟ ବ୍ୟାଟ୍ସମ୍ୟାନ ସଞ୍ଜୟ ରଘୁନାଥ ୧୭ରୁ ଖେଳ ଆରମ୍ଭ କରି ୪୨ ରନ କରି ରାଜସ୍ଥାନ ଲେଗ୍ ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ଅଥର୍ବ ତାଇଡେ ୧୬ରୁ ଖେଳ ଆରମ୍ଭ କରି ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଏଲ୍‌ବିଡବ୍ଲ୍ୟୁ ହେବା ସହ ଚହରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ମୋହିତ କାଲେ ୩୭ ରନର ପାଳି ଖେଳି ଧର୍ମେନ୍ଦ୍ରସିନ୍ ଜାଡେଜାଙ୍କ ବଲ୍‌ରେ ତନବୀର ଉଲ ହକ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗଣେଶ ସତୀଶ ୮୭ ରନର ଲଢୁଆ ପାଳି ଖେଳି ଅବଶିଷ୍ଟ ଭାରତ ବୋଲରଙ୍କୁ ନିରାଶ କରିଥିଲେ। ଗଣେଶ ହନୁମା ବିହାରୀଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଗଣେଶ ଆଉଟ ହେବା ପରେ ଉଭୟ ଦଳ ହାତ ମିଳାଇଥିଲେ ଓ ମ୍ୟାଚ୍ ଡ୍ର ରଖିବାକୁ ନିଷ୍ପତ୍ତି ନେଇଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଦେକର ୧୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅବଶିଷ୍ଟ ଭାରତ ତରଫରୁ ଚହର ୨, ଅଙ୍କିତ୍ ରାଜପୁତ, ଜାଡେଜା ଓ ବିହାରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

ଅବଶିଷ୍ଟ ଭାରତ ପ୍ରଥମ ଇନିଂସ: ୮୯.୪ ଓଭରରେ ୩୩୦ ଅଲଆଉଟ୍।
ବିଦର୍ଭ ପ୍ରଥମ ଇନିଂସ: ୧୪୨.୧ ଓଭରରେ ୪୨୫ ଅଲଆଉଟ୍।
ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ: ୧୦୭ ଓଭରରେ ୩୭୪/୩ (ଇନିଂସ ଘୋଷଣା)
ବିଦର୍ଭ ଦ୍ୱିତୀୟ ଇନିଂସ: ୧୦୩.୧ ଓଭରରେ ୨୬୯/୫
(ଗଣେଶ ସତୀଶ- ୮୭, ଅଥର୍ବ ତାଇଡେ- ୪୨, ସଞ୍ଜୟ ରଘୁନାଥ- ୪୨, କାଲେ- ୩୭, ରାହୁଲ ଚହର- ୨/୧୧୬, ଅଙ୍କିତ୍ ରାଜପୁତ- ୧/୪୧, ଜାଡେଜା- ୧/୫୯, ବିହାରୀ- ୧/୦)

କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆର ଅଭିନବ ପ୍ରତିବାଦ

ବମ୍ବେ, ୧୬।୨ (ପି.ଟି.): ଜମ୍ମୁ-କଶ୍ମୀରର ପୁଲୱାମାରେ ସିଆର୍‌ପିଏଫ୍ (କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ) ଯବାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାର ନିନ୍ଦା କରିବା ସହ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ(ସିସିଆଇ) ତରଫରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ତୈଳଚିତ୍ରକୁ ଆବୃତ ରଖାଯାଇଛି। ଗୁରୁବାର ଏହି ଆତଙ୍କବାଦୀ ଆକ୍ରମଣ ଘଟଣାରେ ଅତିକମ୍‌ରେ ୪୦ ସିଆର୍‌ପିଏଫ୍ ଯବାନ ଶହିଦ ହେବା ସହ ଅନ୍ୟ ବହୁ ଆହତ ହୋଇଛନ୍ତି। ପାକିସ୍ତାନରେ ଅବସ୍ଥାପିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ଏଥିପାଇଁ ନିଜକୁ ଦାୟୀ କରିଛି। ସିସିଆଇ ହେଉଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସ୍ୱୀକୃତିପ୍ରାପ୍ତ ୟୁନିଟ୍। ଏହା ଅଧୀନରେ ଆଇକନିକ୍ ବ୍ରାବୋର୍ନ ଷ୍ଟାଡିୟମ ରହିଛି, ଯେଉଁଠାରେ କି ଅନେକ ଟେଷ୍ଟ ମ୍ୟାଚ ଆୟୋଜିତ ହୋଇସାରିଛି। ଏହାକୁ ଏକ କ୍ରିକେଟିଂ ହବ୍ ବୋଲି ମଧ୍ୟ ବିଚାର କରାଯାଏ। ସିସିଆଇ ପରିସରରେ ଏହାର ଏକ ରେସ୍ତୋରାଁ ରହିଛି। ଏଥିରେ ସବୁ ଯୁଗର ତଥା ବିଭିନ୍ନ ଦେଶର ମହାନ୍ କ୍ରିକେଟରଙ୍କ ତୈଳଚିତ୍ରମାନ ଶୋଭାପାଉଛି। ତନ୍ମଧ୍ୟରେ ଇମ୍ରାନଙ୍କ ତୈଳଚିତ୍ର ଅନ୍ୟତମ। ଇମ୍ରାନ ହେଉଛନ୍ତି ପାକିସ୍ତାନର ୧୯୯୨ ବିଶ୍ୱକପ୍ ବିଜୟୀ ଅଧିନାୟକ। ଶୁକ୍ରବାର ସିସିଆଇର ଏକ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିବା ଏହାର ସଭାପତି ପ୍ରମିଲ ଇଦାନୀ ପ୍ରକାଶ କରିଛନ୍ତି।

■ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା

ଓଡ଼ିଶାକୁ ୨ ରୌପ୍ୟ

କୋଚ୍‌ଙ୍କ ସହ ଆରିୟନ ଏକ୍କା।

ଭୁବନେଶ୍ୱର, ୧୬।୨ (ସ୍ପୋର୍ଟ୍ସ ବ୍ୟୁରୋ)

ହରିୟାଣାର ରୋହତକ୍‌ଠାରେ ଗତ ୮ରୁ ୧୨ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାକୁ ଦୁଇଟି ରୌପ୍ୟ ପଦକ ମିଳିଛି। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଆରିୟନ ଏକ୍କା ୪୦୦ ମିଟର ଦୌଡ଼ରେ ୫୨.୦୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ପଦକ ଜିତିଛନ୍ତି। ସେମିଫାଇନାଲରେ ସେ ୫୧.୬୨ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କ କୋଚ୍ ଲିପିକା ପାତ୍ର ଆରିୟନଙ୍କ ପ୍ରଦର୍ଶନରେ ବେଶ୍ ସନ୍ତୋଷ ଜାହିର କରିଛନ୍ତି। ମାତ୍ର ୧୪ ବର୍ଷରେ ସେ ଭଲ ଖେଳିଛନ୍ତି ଓ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ଲିପିକା କହିଛନ୍ତି। ସେହିପରି ସୁନ୍ଦରଗଡ଼ା କ୍ରୀଡ଼ା ଛାତ୍ରାବାସର ସବିତା ଟପ୍ପୋ ୮୦ ମିଟର ବାଧାଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ପାଇଁ ଦ୍ୱିତୀୟ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଆଜିଠାରୁ କଟକରେ ଜାତୀୟ ସବ୍‌ଜୁନିୟର କୁସ୍ତି

କଟକ ଅଫିସ, ୧୬।୨: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେଉଛି ୩୮ତମ ବାଳକ ଫ୍ରି ଷ୍ଟାଇଲ, ଗ୍ରୀକୋ ରୋମାନ ଓ ୨୨ତମ ଫ୍ରି ଷ୍ଟାଇଲ ସବ୍‌ଜୁନିୟର ଜାତୀୟ କୁସ୍ତି ଚାମ୍ପିୟନଶିପ। ରବିବାର ଖେଳାଳିମାନଙ୍କ ଓଜନ ମାପ କରାଯିବାବେଳେ ସୋମବାର ଉଦ୍‌ଘାଟନୀ ଉତ୍ସବ ସହ ପ୍ରତିଯୋଗିତା ଆରମ୍ଭ ହେବ। ସୂଚନାଥାଉ କି, ଦୀର୍ଘ ୧୧ବର୍ଷ ପରେ ଓଡ଼ିଶାରେ ପୁଣିଥରେ ଜାତୀୟ କୁସ୍ତି ଚାମ୍ପିୟନଶିପ ହେବାକୁ ଯାଉଛି। ୨୦୦୮ରେ ପୁରୀରେ ଶେଷଥର ପାଇଁ ସିନିୟର କୁସ୍ତି ଚାମ୍ପିୟନଶିପ ହୋଇଥିଲା। ପୂର୍ବରୁ ୨୨ ବର୍ଷ ତଳେ କଟକରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଚାମ୍ପିୟନଶିପ ହୋଇଥିଲା। ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟ ଏବଂ ଜାତୀୟ କୁସ୍ତି ଫେଡେରେଶନ ପକ୍ଷରୁ ୫୦ଜଣ ଟେକ୍ନିକାଲ ଅଫିସିଆଲ ପରିଚାଳନା କରିବେ।

ଜାତୀୟ ହକି କ୍ୟାମ୍ପ୍‌ରେ ୪ ଓଡ଼ିଆ

ନୂଆଦିଲ୍ଲୀ, ୧୬।୨ (ପିଟି)

ମାଲେସିଆଠାରେ ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁ ଯାଉଛି ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ। ଏଥିନେଇ ଆସନ୍ତା ୧୮ ତାରିଖରୁ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ସିନିୟର ନ୍ୟାଶନାଲ କ୍ୟାମ୍ପ ଆରମ୍ଭ ହେବ। ଶିବିରରେ ଯୋଗଦେବା ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶନିବାର ୩୪ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ସୁମନ ବେକ, ବୀରେନ୍ଦ୍ର ଲାକ୍ରା ଓ ଶିଳାନନ୍ଦ ଲାକ୍ରା। ଗତ ବିଶ୍ୱକପ୍‌ରେ ଖେଳିଥିବା ୧୮ ଜଣ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ସୁଲତାନ ଜୋହର କପ୍ ରୌପ୍ୟ ପଦକଧାରୀ ଦଳର ସଦସ୍ୟ ଶିଳାନନ୍ଦ, ସୁମନ, ମନଦୀପ ମୋର, ଯଶଦୀପ ସିଓ୍ୱାଚ, ବିଶାଲ ଆଣ୍ଟିଲ ଓ ଗୁରସାହେବଜିତ୍ ସିଂ ସ୍ଥାନ ପାଇଛନ୍ତି।



ଶିଳାନନ୍ଦ ଲାକ୍ରା

୩୪ ଜଣିଆ କୋର ଗ୍ରୁପ୍ ମଧ୍ୟରୁ ୨୮ତମ ସୁଲତାନ ଆଜଲାନ ଶାହ କପ୍ ପାଇଁ ଚଳିତ ମାସର ଅନ୍ତିମ ସପ୍ତାହରେ ଦଳ ଘୋଷଣା କରାଯିବ। ଯୁବ ଖେଳାଳିମାନେ କ୍ରମାଗତ ଭଲ ପ୍ରଦର୍ଶନ କରି ସିନିୟର ସ୍ତରରେ ପହଞ୍ଚି ପାରିଛନ୍ତି। ଏଥିନେଇ ସେମାନଙ୍କୁ ଶ୍ରେୟ ଦେବା ଉଚିତ ବୋଲି ଏଚ୍‌ଆଇ ହାଇପରଫାର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ କହିଛନ୍ତି।

ଗୋଲକିପର: ପି.ଆର.ଶ୍ରୀଜେଶ, ସୁରଜ କର୍କେରା ଓ କ୍ରିଷ୍ଣା ବାହାଦୁର ପାଠକ।
ଡିଫେଣ୍ଡର: ହରମନପ୍ରିତ ସିଂ, ଗୁରିନ୍ଦର ସିଂ, ବରୁନ କୁମାର, କୋଠାଜିତ୍ ସିଂ ଖଦାଙ୍ଗବାମ, ସୁରେନ୍ଦର କୁମାର, ଅମିତ ରୋହିଦାସ, ହର୍ମନପ୍ରୀତ ସିଂ, ପ୍ରଦୀପ ସିଂ, ସୁମନ ବେକ, ମନଦୀପ ମୋର, ବୀରେନ୍ଦ୍ର ଲାକ୍ରା ଓ ରୁପିନ୍ଦର ପାଲ ସିଂ।
ମିଡ୍‌ଫିଲ୍ଡର: ମନପ୍ରୀତ ସିଂ, ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ସୁମିତ, ସିମରନଜୀତ୍ ସିଂ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ଲଲିତ ଉପାଧ୍ୟାୟ, ବିବେକ ସାଗର ପ୍ରସାଦ, ଯଶଦୀପ ସିଓ୍ୱାଚ ଓ ବିଶାଲ ଆଣ୍ଟିଲ।
ଫରୱାର୍ଡ: ଆକାଶଦୀପ ସିଂ, ରମଣଦୀପ ସିଂ, ଗୁରଜାନ୍ତ ସିଂ, ମନଦୀପ ସିଂ, ଦଲପ୍ରୀତ ସିଂ, ସୁମିତ କୁମାର, ଗୁରସାହେବଜିତ ସିଂ, ଶିଳାନନ୍ଦ ଲାକ୍ରା ଓ ଏସ୍. ଭି. ସୁନୀଲ।

କୁଶଳ ଦେଲେ ରୋମାଞ୍ଚକ ବିଜୟ

ଡର୍ବାନ, ୧୬।୨

ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ରୋମାଞ୍ଚକ ବିଜୟ ହାସଲ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୦୪ ରନର ଟାର୍ଗେଟ୍‌କୁ ପିଛା କରିଥିବା ଶ୍ରୀଲଙ୍କା ୯ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଛି। କୁଶଳ ପେରେରା ଅପରାଜିତ ୧୫୩ ରନର ମାରାଥନ ଇନିଂସ ଖେଳି ବିଜୟରେ ନାୟକ ସାଜିଥିଲେ। ଏହି ବିଜୟ ସହ ଶ୍ରୀଲଙ୍କା ୨ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୭/୨୦୧୯ Bhubaneswar, Monday, February 17/ 2019

ସଂକ୍ଷେପରେ

ଟ୍ରକ୍ ଆଗକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କନଷ୍ଟେବଲ ସମ୍ବର୍ଦ୍ଧିତ

କଟକ ଅଫିସ, ୧୬।୨: ନିଜ ଜୀବନକୁ ବାଜି ଲଗାଇ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କଟକ ସଦର ଥାନାର କନଷ୍ଟେବଲ ଶରତ କୁମାର ବିଶ୍ୱାଳଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର କଟକର କମିଶନରେଟ ପୋଲିସର କ୍ୟାମ୍ପ ଅଫିସ୍‌ରେ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଡିସିପି ଅଖିଳେଶ୍ୱର ସିଂ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ବ୍ରାହ୍ମଣୀଝରିଲୋ କଲେଜର କେତେଜଣ ଛାତ୍ରୀଛାତ୍ର ଅନ୍ୟମନସ୍କ ଭାବେ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଟ୍ରକ୍(ଓଡି୦୫ ୬୩୩୫) ଦ୍ରୁତଗତିରେ ଆସୁଥିଲା। ରାସ୍ତାଟି ଅଣଓସାରିଆ ଥିବାବେଳେ ଟ୍ରକ୍‌ଟି ପାର୍ଶ୍ୱକୁ ଯିବାକୁ ଉପାୟ ନ ଥିଲା। ଏହି ସମୟରେ ସେଠାରେ କାର୍ଯ୍ୟ କରୁଥିବା କନଷ୍ଟେବଲ ଶରତ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରମାନଙ୍କୁ ଠେଲି ନେଇଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚିଯାଇଥିଲା। ସ୍ଥାନୀୟ ଲୋକେ ଶରତଙ୍କ ଏହି ସାହସିକତାକୁ ପ୍ରଶଂସା କରିଥିଲେ।

ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ) - ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗର ପୂର୍ବତନ ଯନ୍ତ୍ରୀ ରାମଚନ୍ଦ୍ର କରଙ୍କ ପରଲୋକ ଘଟିଛି। କେନ୍ଦୁଝର ଜିଲାର ପାଟଣା ବ୍ଲକ୍ ଅନ୍ତର୍ଗତ ସୁଆମଶାସନରେ ୧୯୩୪ରେ ସେ ଜନ୍ମ ଗ୍ରହଣ କରିଥିଲେ। ପାଟଣାରେ ସ୍କୁଲ ଶିକ୍ଷା ସରିବା ପରେ ରେଭେନ୍‌ଶା କଲେଜ ଓ ପରେ ବୁର୍ଲା ଇଞ୍ଜିନିୟରିଂ କଲେଜରୁ ଡିଗ୍ରୀ ହାସଲ କରିଥିଲେ। ୧୯୭୧ ରୁ ୧୯୯୪ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଥିଲେ। କେନ୍ଦୁଝର ଜିଲାରେ ଟାଙ୍ଗୀ-ପାଣି ଜାତୀୟ ରାଜପଥ ନିର୍ମାଣ ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଗର୍ଭଗୃହର ମରାମତି କାର୍ଯ୍ୟକୁ ସେ ସୁଚାରୁରୂପେ ସମ୍ପନ୍ନ କରିଥିଲେ। ତାଙ୍କ ବିୟୋଗରେ ପୂର୍ତ୍ତ ବିଭାଗ ଓ କେନ୍ଦୁଝର ଜିଲାରେ ଶୋକର ଛାୟା ଖେଳିଯାଇଛି ।

ନାବାଳିକାଙ୍କୁ ବୃଦ୍ଧଙ୍କ ବଳାତ୍କାର ଉଦ୍ୟମ

କଟକ ଅଫିସ, ୧୬।୨

- ରାଜି ନ ହେବାରୁ ମରଣାନ୍ତକ ଆକ୍ରମଣ
- ଗୁରୁତର ଅବସ୍ଥାରେ ଉଦ୍ଧାର କଲା ଚାଇଲ୍ଡଲାଇନ

ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ ୬୦ବର୍ଷ ବୟସ୍କ ବୃଦ୍ଧ। ପ୍ରଥମେ ଅର୍ଥ ପ୍ରଲୋଭନ ଦେଖାଇ ବିଫଳ ହେବାରୁ ଟଣାଓଟରା କରିଥିଲେ। ନାବାଳିକା ଜଣକ ନିଜକୁ ବଞ୍ଚାଇବାକୁ ଯାଇ ଏକ ଇଟାରେ ବୃଦ୍ଧଙ୍କ ମୁଣ୍ଡକୁ ଛେଚି ଦୌଡି ପଳାଇ ଯାଇଥିଲେ। ହେଲେ ବୃଦ୍ଧ ଜଣକ ତାଙ୍କୁ ଖୋଜି ବୁଲିଥିଲେ। ଶନିବାର ଭୋର ସମୟରେ ନାବାଳିକା ହାବୁଡ଼ରେ ପଡ଼ିଯିବାରୁ ବୃଦ୍ଧ ଜଣକ ତାଙ୍କୁ ଏକ ବାଡ଼ିରେ ଆକ୍ରମଣ କରିଥିଲେ। ଫଳରେ ନାବାଳିକାଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ଲହୁଲୁହାଣ ଅବସ୍ଥାରେ ସେଠାରୁ ଖସି ଆସି ନିକଟସ୍ଥ କଟକ ଜିଆର୍‌ପି ଥାନାରେ ପହଞ୍ଚି ଯାଇଥିଲେ। ଖବର ପାଇ ଚାଇଲ୍ଡଲାଇନ ସଂଯୋଜକ ନାରାୟଣ ଶୁକ୍ଳ ନାବାଳିକାଙ୍କୁ ସିଟି ହସ୍ପିଟାଲକୁ ନେଇ ତାଙ୍କ ଚିକିତ୍ସା କରାଇବା ସହିତ ଜିଆର୍‌ପି ଥାନାରେ ଏତଲା ଦାୟର କରିଛନ୍ତି। ଏତଲାକୁ ଆଧାର କରି ଥାନାରେ ୧୩/୨୦୧୯ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି।

ଘଟଣାଟି ଘଟିଛି ଶୁକ୍ରବାର ରାତିରେ କଟକ ରେଲୱେ ଷ୍ଟେଶନ ଅଞ୍ଚଳରେ। ଷ୍ଟେଶନ ପରିସରରେ କପଡା ଘେରା ଘର କରି ରହୁଥିବା ଏହି ଅସହାୟ ନାବାଳିକାଙ୍କୁ ବୃଦ୍ଧ ଜଣକ ବଳାତ୍କାର ଉଦ୍ୟମ କରି ବିଫଳ ହେବା ପରେ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ଚାଇଲ୍ଡଲାଇନ ପକ୍ଷରୁ ଜିଆରପି ଥାନାରେ ଏତଲା ଦିଆଯାଇଛି। ବୃଦ୍ଧଙ୍କ ଘର ଢେଙ୍କାନାଳ ଜିଲା ଅନ୍ତର୍ଗତ ଗଁଦିଆ ଅଞ୍ଚଳରେ। ସେ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଘର ଭଡା ନେଇ ରୁହନ୍ତି। କେବଳ ଶୁକ୍ରବାର ରାତି ନୁହେଁ ଅନେକ ସମୟରେ ବୃଦ୍ଧ ଜଣକ ଏହି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଏତଲାରେ ଉଲ୍ଲେଖ ରହିଛି।

ଜିଆରପି ଆଇଆଇସି ଉମାକାନ୍ତ ବିଶ୍ୱାଳଙ୍କ କହିବାନୁଯାୟୀ, ଉଭୟେ ନିଶାସକ୍ତ ଥିଲେ। ବୃଦ୍ଧଙ୍କ ଅଭିଯୋଗ ହେଉଛି ନାବାଳିକା ଜଣକ ତାଙ୍କ ମୋବାଇଲ ଫୋନ ଚୋରି କରିଥିଲେ। ସେ ତାଙ୍କୁ ଏହି କଥା ପଚାରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ହେଲେ ନାବାଳିକାଙ୍କ ଅଭିଯୋଗ ହେଉଛି, ବୃଦ୍ଧ ଜଣକ ତାଙ୍କଠାରୁ ୧୦୦ଟଙ୍କା ନେଇ ଫେରସ୍ତ ଦେଉ ନ ଥିଲେ। ମାଗିବାରୁ ବୃଦ୍ଧ ଜଣକ ତାଙ୍କୁ ଆକ୍ରମଣ କରିଥିବା ଆଇଆଇସି ବିଶ୍ୱାଳ କହିଛନ୍ତି।

ଚାଇଲ୍ଡଲାଇନ ସଂଯୋଜକ ଶୁକ୍ଳ କହିଛନ୍ତି, ପୋଲିସ ଏହି ମାମଲାକୁ ହାଲକା କରିବାକୁ ଆରମ୍ଭରୁ ଉଦ୍ୟମ କରୁଥିଲା। ମାତ୍ର ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ମାମଲା ରୁଜୁ କରିବାକୁ ଥାନାରେ ଜିଦ୍ ଧରି ବସିବାରୁ ପୋଲିସ ତାହା କରିବାକୁ ବାଧ୍ୟ ହୋଇଥିଲା। ଶେଷ ସୂଚନାନୁଯାୟୀ, ନାବାଳିକାଙ୍କୁ ବସୁନ୍ଧରା ମୁକ୍ତାଶ୍ରୟ କେନ୍ଦ୍ରରେ ଥଇଥାନ କରାଯାଇଛି।

ସୂଚନାଥାଉକି, ଏହି ନାବାଳିକାଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ନାବାଳିକା ଷ୍ଟେଶନ ପରିସରରେ ଅସହାୟ ଅବସ୍ଥାରେ ରହୁଛନ୍ତି। ସେମାନଙ୍କୁ ବହୁବାର ଉଦ୍ଧାର କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ସେମାନେ ବିଭିନ୍ନ ଶେଲଟର ହୋମ୍‌ରୁ ଲୁଚି ପୁଣି ଷ୍ଟେଶନକୁ ପଳାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାନ୍ତି କହିଛନ୍ତି।

ଭୁବନେଶ୍ୱର ସୂଚନା ଭବନରେ ଶନିବାର ୱାର ଭେଟେରାନ ଅଫିସର୍ସ ଆସୋସିଏଶନର ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଜୟଦେବଙ୍କ ସାଇକେଲରେ ଯାତ୍ରା

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ଅତିକ୍ରମ କଲେଣି ୭ହଜାର କିଲୋମିଟର

ଜୟଦେବ ରାଉତ

ଜୟଦେବ ରାଉତ। ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଡିଲିଓ୍ୱ କବିରା ସାହିରେ ତାଙ୍କର ଘର। ଏହି ୪୯ ବର୍ଷୀୟ ବ୍ୟକ୍ତି ଜଣକ କଲିକତାରେ ଏକ ଝୋଟ କଳକାରଖାନାରେ କାମ କରନ୍ତି। ଚାକିରି କରିଥିଲେ ମଧ୍ୟ ଦେଶ ସେବା ଓ ଲୋକଙ୍କୁ ସଚେତନ କରିବା ନିଶା ପାଲଟିଛି। 'ରକ୍ତଦାନ, ଜୀବନ ରକ୍ଷା' ସ୍ଲୋଗାନ ନେଇ ସେ ସାଇକେଲରେ ଦେଶ ବୁଲି ସଚେତନତା ସୃଷ୍ଟି କରୁଛନ୍ତି। ୨୦୧୮ ଅକ୍ଟୋବର ୫ରୁ କଲିକତାର ବାରାସାତ୍‌ଠାରୁ ଯାତ୍ରାରମ୍ଭ କରିଥିବା ଜୟଦେବ ଇତିମଧ୍ୟରେ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼ ଅତିକ୍ରମ କରି ଓଡ଼ିଶାରେ ପହଞ୍ଚିଛନ୍ତି। ରବିବାର ସେ କଲିକତା ଅଭିମୁଖେ ବାହାରିବେ। ଯେଉଁଠାରୁ ଯାତ୍ରାରମ୍ଭ କରିଥିଲେ ସେହିଠାରେ ହିଁ ଶେଷ କରିବେ। ବର୍ତ୍ତମାନ ସୁଦ୍ଧା ସେ ୭ହଜାର ୫ଶହ କିଲୋମିଟର ଅତିକ୍ରମ କରିସାରିଲେଣି। ବିଭିନ୍ନ ସ୍କୁଲ ଓ କଲେଜକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ପରାମର୍ଶ ଦେଉଛନ୍ତି। ନିଜେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ୩୬ ଥର ରକ୍ତଦାନ କରିସାରିଲେଣି। ଜୟଦେବ କୁହନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ୨୦୨୦ସୁଦ୍ଧା ୧୦୦ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ କୁହାଯାଇଛି। ମୁଁ ଭାବୁଛି ଯଦି ଜଣେ ବ୍ୟକ୍ତି ବର୍ଷକୁ ୩ କିମ୍ବା ୪ଥର ସ୍ୱେଚ୍ଛାକୃତ ରକ୍ତାଦନ କରିବ ତେବେ ଏହି ଟାର୍ଗେଟ ପୂରଣ ହୋଇପାରିବ। ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ସେମାନଙ୍କୁ ଏହି ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନ କରିବାକୁ ମୁଁ ଏହି ଯାତ୍ରା କରିଛି। ଏହି ଯାତ୍ରାରେ ବିଭିନ୍ନ ସହରର ସ୍କୁଲ, କଲେଜ ଯାଇ ଯୁବପିଢ଼ିଙ୍କ ସହିତ ଆଲୋଚନା କରି ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଅନୁରୋଧ କରୁଛି। ଏହା ପୂର୍ବରୁ ୨୦୧୭ରେ କଲିକତାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ମଧ୍ୟ ସେ ଏହି ବାର୍ତ୍ତା ନେଇ ସାଇକେଲ ଯାତ୍ରା କରିଥିଲେ।

ସିଦ୍ଧେଶ୍ୱର ମୁଣ୍ଡିଆରେ ୧୪ ହାତୀ

ବାରଙ୍ଗ,୧୬।୨(ଡି.ଏନ.ଏ)

ନରାଜ ନିକଟସ୍ଥ ତଳଗଡ ଗ୍ରାମରେ ଥିବା ସିଦ୍ଧେଶ୍ୱର ମୁଣ୍ଡିଆତଳେ ୧୪ଟିକିଆ ହାତୀପଲ୍ଲ ରହିଥିବାର ଶନିବାର ଲୋକେ ଦେଖିବାକୁ ପାଇଛନ୍ତି। ଏହି ହାତୀପଲ୍ଲ ମୁଣ୍ଡିଆରେ ଦିନତମାମ ବୁଲୁଥିବାବେଳେ ରାତିରେ ମୁଣ୍ଡିଆ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ପାଟିତୁଣ୍ଡ ସହ ନିଆଁହୁଳା ଦେଖାଇବା ପରେ ହାତୀପଲ୍ଲ ପୁନର୍ବାର ମୁଣ୍ଡିଆକୁ ଫେରିଥିଲା। ଏହି ଖବର ପ୍ରଚାରିତ ହେବାପରେ ନରାଜ-ମୁଣ୍ଡଳି ରାସ୍ତାରେ ଯାତାୟାତ କରିବାକୁ ଗ୍ରାମବାସୀ ନିରାପଦ ମଣି ନ ଥିଲେ। ସେହିଭଳି ମୁଣ୍ଡଳିବ୍ରିଜ ଦେଇ ଆଠଗଡ, ବଡମ୍ବା ଆଦି ଅଞ୍ଚଳକୁ ଲୋକମାନେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ଅନ୍ୟପକ୍ଷେ ରାତିରେ ବହୁବାର ନରାଜ ଅଞ୍ଚଳରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ସାଧାରଣଲୋକ ଅନ୍ଧାର ରାତି ସହ ହାତୀ ଭୟରେ ଘରୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ହାତୀପଲ୍ଲ ଶୁକ୍ରବାର ବିଳମ୍ବିତ ରାତିରେ ବିଭିନ୍ନ ଲୋକଙ୍କ ବାଡିରେ ପଶି କଦଳୀଗଛ ଓ ପନିପରିବା ଫସଲ ନଷ୍ଟ କରିଥିବାର ଜଣାପଡିଛି। ଏହି ହାତୀପଲ୍ଲ ସିଦ୍ଧେଶ୍ୱର ମୁଣ୍ଡିଆରେ ରହିବା ଯୋଗୁ ମୁଣ୍ଡଳି, ନରାଜ, ତଳଗଡ, ଥୋରିଆପଟଣ, ମାର୍ଥାପୁର, ଗୋଡିସାହି, ରାମଦାସପୁର ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ଦୁଇ ବାଇକ୍ ମୁହାମୁହି: ଜଣେ ମୃତ

ଖୋର୍ଦ୍ଧା ଅଫିସ,୧୬।୨

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ୫୭ ନଂ. ଜାତୀୟ ରାଜପଥ ଜାଗୁଳେଇପାଟଣାଠାରେ ଶନିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଢେଙ୍କାନାଳ ସଦର ଥାନାଞ୍ଚଳର ମନୋଜ ସାମଲ (୨୮)ଙ୍କ ମୃତ୍ୟୁ ଘଟିଥିବାବେଳେ ସନାତନ ବାରିକ (୪୮) ଓ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ମନୋଜ ଓ ସନାତନ ବାଇକ୍ (ଓଡି୦୨ ଏଫ୍୨୩୬୭)ରେ ଖୋର୍ଦ୍ଧାରୁ ବାଘମାରୀ ଆଡକୁ ଯାଉଥିଲେ। ବିପରୀତ ଦିଗରୁ ଅନ୍ୟ ଦୁଇଜଣ ଏକ ବାଇକ୍(ଓଡି୦୬ ଡ଼ି ୧୦୦୨)ରେ ଆସୁଥିବାବେଳେ ଧକ୍କା ହୋଇଥିଲା। ସମସ୍ତଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଛନ୍ତି।



ବସ୍ ଦୁର୍ଘଟଣା: ଶିଶୁ ମୃତ, ୪ ଆହତ

କଟକ ଅଫିସ, ୧୬।୨

୧୬ ନମ୍ବର ଜାତୀୟ ରାଜପଥର ଜଗତ୍‌ପୁର ଥାନା ଅନ୍ତର୍ଗତ ଖଇରା ନାଳପୋଲ ନିକଟରେ ଶନିବାର ଯାଜପୁରରୁ କଟକ ଆସୁଥିବା ବାବାମଣି ନାମକ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଢେ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଥିବାବେଳେ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଆହତମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ଚିକିତ୍ସାଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତଳୁଆ ଅଞ୍ଚଳର ସଂଗ୍ରାମ ସେନାପତିଙ୍କ ପୁଅ ଲୋକନାଥ ସେନାପତି ଓରଫ୍ ସାଇ। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇ ଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାରେ ଏକ ମାମଲା(ନଂ.୬୬/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବସ୍(ଓଡି୦୪ଏ-୭୩୫୮)ଟି ଭାରସାମ୍ୟ ହରାଇ ସମ୍ମୁଖରେ ଯାଉଥିବା ଏକ ଟ୍ରକ୍(ଏମ୍‌ଏଚ୍‌୧୭ଏଜି-୮୪୫୨)କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶିଶୁର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟ ବସ୍ ଓ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଛି। ତେବେ ବସ୍ ଚାଳକଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

ଶ୍ରୀଲିଙ୍ଗରାଜଙ୍କ ଭୈମୀ ଏକାଦଶୀ

ପୁରୁଣା ଭୁବନେଶ୍ୱର, ୧୬।୨(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୈମୀ ଏକାଦଶୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଆଳତି, ଅବକାଶ, ଯଥାରୀତି ଦୈନନ୍ଦିନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସର୍ବସାଧାରଣଙ୍କ ପାଇଁ ସାହାଣମେଲା ଦର୍ଶନ ହୋଇଥିଲା। ଠାକୁର ବେଶ ହେବାପରେ ବୀରକିଶୋରୀ ବଲ୍ଲଭ ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ ହୋଇ ପହୁଡ଼ ପଡିଥିଲା। ପରେ ସୁସଜ୍ଜିତ ବିମାନ ପାଲିଙ୍କିରେ ଶ୍ରୀଜୀଉମାନେ ଭୀମଟାଙ୍ଗୀସ୍ଥିତ ଭିନେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ପରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଭୋଗ ହେବାପରେ ଭିନେଶ୍ୱର ମହାଦେବଙ୍କ ସହ ଭେଟ ଆଳତି ହୋଇଥିଲା। ସେଠାରେ ଭିନେଶ୍ୱର ମନ୍ଦିର କମିଟି ପକ୍ଷରୁ ଠାକୁରଙ୍କର ଏହି ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ସୂର୍ଯ୍ୟନାରାୟଣ ପାତ୍ର, ଶିବନାରାୟଣ ରୟ, ପୁରୁଷୋତ୍ତମ ସାହୁ, ମାନସ କୁମାର ପଟ୍ଟନାୟକ ପ୍ରମୁଖ କହିଥିଲେ। ଦିଅଁ ସେଠାରୁ ବାହାରିବା ପରେ ବଢେଇବାଙ୍କଠାରେ ଭାରତୀ ମଠରେ ଅଟକି ଥିଲେ। ଏଠାରେ ଭୋଗ ଲାଗି ପରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ମନ୍ଦିରରେ ଟେରାପିଟା ଓ ସନ୍ଧ୍ୟାଧୂପ ହୋଇ ଠାକୁରମାନେ ପୁଣି ବାସୁଦେବ ମନ୍ଦିର ଯାତ୍ରା କରିଥିଲେ। ଅନୁରୂପ ଭାବେ ସେଠାରେ ପୂଜାର୍ଚ୍ଚନା ଓ ଭେଟ ଆଳତି ହେବାପରେ ଶ୍ରୀଜୀଉମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ , ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାଆନ୍ତା।
-ସକ୍ରେଟିସ୍

ସଂକ୍ଷେପରେ

ଏସ୍‌ସିଏସ୍ କଲେଜ ଭିଡିଓ ଭାଇରାଲ
କ୍ୟାମ୍ପସରେ ମଦ ପିଇ ଛାତ୍ରୀଛାତ୍ରଙ୍କ ନୃତ୍ୟ

ପୁରୀ ଅଫିସ,୧୬।୨: କିଛି ଦିନର ନୀରବତା ପରେ ପୁଣି ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ ଭିଡିଓ ଭାଇରାଲ ହୋଇଛି। ପୂର୍ବରୁ କ୍ୟାମ୍ପସ ପରିସରରେ କେତେଜଣ ଛାତ୍ର ମଦ୍ୟପାନ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଗତ ୧୦ ତାରିଖ ସରସ୍ୱତୀ ପୂଜା ଦିନ କ୍ୟାମ୍ପସରେ ଛାତ୍ରୀଛାତ୍ରମାନେ ନିଜ ବିଭାଗରେ ପୂଜା ଆୟୋଜନ କରିଥିଲେ। ସେହିଦିନ ଅପରାହ୍ନରେ କ୍ୟାମ୍ପସ ପରିସରରେ ଏକାଠି ହୋଇ ନାଚଗୀତରେ ମସଗୁଲ ଥିଲେ। ସେମାନେ ହାତରେ ବିଦେଶୀ ବ୍ରାଣ୍ଡର ମଦ ବୋତଲ ଧରି ପିଉଥିବା ଭିଡିଓ ଭାଇରାଲ ହେବା ପରେ ଏହି ଘଟଣା ପଦାକୁ ଆସିଛି। କ୍ୟାମ୍ପସ ପରିସରରେ ଏଭଳି ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ୟାମ୍ପସ ପରିସରରେ ଛାତ୍ରୀଛାତ୍ରମାନେ ଦୀର୍ଘ ସମୟ ଧରି ନୃତ୍ୟ କରୁଥିବା ବେଳେ କିଭଳି କଲେଜ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ କରାଯିବ ବୋଲି କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି। ଏନେଇ ଯୁକ୍ତ ଦୁଇ କଲେଜ ଅଧକ୍ଷଙ୍କୁ ନୋଟିସ କରାଯିବ ବୋଲି ସେ କହିଛନ୍ତି। କ୍ୟାମ୍ପସ ପରିସରରେ ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆବଶ୍ୟକ ପଡିଲେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନୋଟିସ ଜାରି କରାଯିବ। କଲେଜ କାଉନ୍‌ସିଲ ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯିବ। ମଦ୍ୟପାନ କରି ନୃତ୍ୟ କରୁଥିବା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧକ୍ଷ ମହାନ୍ତି କହିଛନ୍ତି। ଯୁକ୍ତ ଦୁଇ କଲେଜ ଅଧକ୍ଷ ଶଙ୍କର୍ଷଣ ପ୍ରଧାନଙ୍କ ମତାମତ ମିଳିପାରି ନାହିଁ।

ପାଲା ମାଧମରେ ସଚେତନତା

ରଘୁନାଥପୁର, ୧୬।୨(ଡି.ଏନ.ଏ.): ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତରେ ପାଲା ମାଧମରେ କାଳିଆ ଯୋଜନା ସମ୍ପର୍କରେ ଶନିବାର ସଚେତନ କରାଯାଇଛି। ସରପଞ୍ଚ ଶେଷଦେବ ସେଠାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ବିଡିଓ ପଞ୍ଚାନନ ପଟ୍ଟାୟତ, ଜିଲା ଅବଜରଭର ରୁଦ୍ର ପ୍ରସନ୍ନ ସାହୁ, ପିଏ ଦେବାଶ୍ରୀତା ପରିଡା, ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ ଓ ସରୋଜ ରାୟ ପ୍ରମୁଖ ଯୋଗ ଦେଇଥିଲେ।

ବର୍ଷାରେ ଭିଜିଲା ଚାଷୀଙ୍କ ଧାନ

ନରସିଂହପୁର,୧୬।୨(ସ୍ୱ.ପ୍ର.)

ସମବାୟ ସମିତି ଆଗରେ ଚାଷୀ ଧାନ ଗଦା କରିଛନ୍ତି।

ଜିଲିଣ୍ଡା ମଣ୍ଡିରେ ଅବ୍ୟବସ୍ଥା

- ■ଶୀଘ୍ର ଧାନ କିଣିବାକୁ ଦାବି
- ■ମିଲରଙ୍କ ବେପରୁଆ ମନୋଭାବ
- ■ମଣ୍ଡିରେ ୨ରୁ ୩ ଦିନ ପର୍ଯ୍ୟନ୍ତ ଧାନ ପଡ଼ି ରହିଲେ ବି ବିକ୍ରି ହୋଇ ପାରୁନାହିଁ

ଚାଷୀଙ୍କ ସୁବିଧା ପାଇଁ ତାଙ୍କ ଘର ନିକଟରେ ଧାନ ମଣ୍ଡି ଖୋଲାଯାଇଛି। ହେଲେ ମଣ୍ଡି ପରିଚାଳନାରେ ଅବହେଳା ଓ ମିଲରଙ୍କ ବେପରୁଆ ମନୋଭାବ ଯୋଗୁ ଜିଲିଣ୍ଡା ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ମଣ୍ଡିରେ ଅବ୍ୟବସ୍ଥା ଦେଖାଦେଇଛି। ଠିକ ସମୟରେ ମିଲର ଧାନ କିଣି ନ ପାରିବାରୁ ଶୁକ୍ରବାର ରାତିରେ ଘଡ଼ଘଡ଼ି ସହ ହୋଇଥିବା ଅଚାନକ ବର୍ଷାରେ ସେଠାରେ ଚାଷୀ ବିକ୍ରି ପାଇଁ ରଖିଥିବା ଅନେକ ଧାନ ଭିଜିଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଧାନ ଗଦା କରି ୨ରୁ୩ ଦିନ ପର୍ଯ୍ୟନ୍ତ ଚାଷୀ ଜଗି ରହୁଥିବାବେଳେ ବିକ୍ରି ହୋଇ ପାରୁନାହିଁ। ଅନ୍ୟପଟେ ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସଭାପତି, ସମ୍ପାଦକ ଓ ମଧସ୍ଥିମାନେ ମୂଳଚାଲ କରି ଚାଷୀଙ୍କଠାରୁ ୧୪୦୦ ଟଙ୍କାରେ ଧାନ କିଣୁଛନ୍ତି। ପରେ ତାହାକୁ ମିଲରଙ୍କୁ ବିକ୍ରି କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଅସନ୍ତୁଷ୍ଟ ଚାଷୀ ବସନ୍ତ ବେହେରା, ଜିଲ୍ଲିଣ୍ଡା ଗ୍ରାମର ଚାଷୀ ମୋହନ ପ୍ରଧାନ, ସଞ୍ଜୟ ପ୍ରଧାନ କହିଛନ୍ତି, ମଣ୍ଡି ପରିଚାଳନାରେ ପାତର ଅନ୍ତର କରାଯାଉଛି। ଜମି ନ ଥିବା ଲୋକଙ୍କ ନାମରେ କାର୍ଡ କରାଇ ଅସାଧୁ ଉପାୟରେ ଧାନ ସଂଗ୍ରହ ଓ ବିକ୍ରୟ କରାଯାଉଛି। ସେହିପରି ନିମ୍ନ ମାନର ଧାନ ଦର୍ଶାଯାଇ ଚାଷୀଙ୍କଠାରୁ ମନଇଚ୍ଛା ୨ରୁ ୩ କେଜି କଟାଯାଉଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବା ସହ ଶୀଘ୍ର ଚାଷୀଙ୍କ ଧାନ କିଣିବାକୁ ଦାବି ହୋଇଛି। ଏ ସମ୍ପର୍କରେ ସମିତି ସମ୍ପାଦକ ଆଗାଧୁ ବାରିକ କହିଛନ୍ତି, ଧାନ ମଣ୍ଡିରେ ଅନିୟମିତତା ହେଉନାହିଁ। ମିଲର ଧାନ ନେବାକୁ ବିଳମ୍ବରେ ଆସିବା ଯୋଗୁ ଚାଷୀ ଅସନ୍ତୋଷ ଦେଖାଯାଉଛି। ଯେଉଁ ଚାଷୀଙ୍କ କାର୍ଡ ରହିଛି ସେମାନଙ୍କଠାରୁ ଧାନ କିଣାଯାଉଛି। ଶୁକ୍ରବାର ରାତିରେ ହଠାତ ବର୍ଷା ହେବାରୁ ଅଳ୍ପ ଧାନ ଭିଜିଛି। ଏବେ ଦେଖିବାକୁ ଅପେକ୍ଷା କେବେ ଚାଷୀଙ୍କଠାରୁ ଠିକ୍‌ରେ ଧାନ କିଣାଯାଉଛି।

ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ନରସିଂହପୁର,୧୬।୨(ଡି.ଏନ.ଏ./ସ୍ୱ.ପ୍ର.)

ନରସିଂହପୁର ଥାନା ଅଧୀନ କେନ୍ଦୁପଲ୍ଲୀ ଗ୍ରାମ ଗଡ଼ାଠାରେ ଶନିବାର ରାତି ପ୍ରାୟ ୯ଟାରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନରସିଂହପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟ ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଥାନା ଅନ୍ତର୍ଗତ ସାଗର ଗ୍ରାମର ଗୋଲକ ସାହୁ(୪୫)ବାଇକ ଯୋଗେ ନୂଖାପଡ଼ା ଯାଉଥିଲେ। ତାଙ୍କ ବାଇକ୍ ପଛରେ ସେହି ଗ୍ରାମର ମୁକେଶ ସାହୁ ବସିଥିଲେ। କେନ୍ଦୁପଲ୍ଲୀ ଛକ ଗଡ଼ାଠାରେ କେନ୍ଦୁପଲ୍ଲୀ ଗ୍ରାମର ବେନୁ ପ୍ରଧାନ (୨୫)ରାସ୍ତା ପାରି ହେଉଥିବାବେଳେ ବାଇକ ସହ ଧକ୍କା ହୋଇଥିଲେ। ଫଳରେ ବାଇକ ଚାଳକ ଗୋଲକ ଛିଟିକି ପଡ଼ିଥିଲେ। ଯଦ୍ୱାରା ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ ପଛରେ ବସିଥିବା ମୁକେଶ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ନରସିଂହପୁର ଡାକ୍ତରଖାନାକୁ ଆସିଥିବା ଗୁରୁତରଙ୍କୁ ଚିକିତ୍ସା କରିବା ଲାଗି କୌଣସି ଡାକ୍ତର ଉପସ୍ଥିତ ନ ଥିବାରୁ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ଡାକ୍ତର ଆସିଥିଲେ।

ସବ୍‌ଜେଲ୍‌ରେ ନିଶା ନିବାରଣ ସଚେତନତା

ସାଲେପୁର,୧୬।୨(ଡି.ଏନ.ଏ.)

ଶିଶୁଆ ସବ୍‌ଜେଲ୍ ପରିସରରେ ଶନିବାର ନିଶା ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜେଲର୍ ଦିଲୀପ କେର୍‌କେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସାମାଜିକ କର୍ମୀ ଶିଶିର୍ ପଣ୍ଡା ଓ ବିଭୂତି ଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇ ଜେଲ ଅନ୍ତେବାସୀଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ସାଲେପୁର ମେଡିକାଲ୍ ହଲ୍ ଓ ସିପ୍‌ଲା ହେଲ୍‌ଥକେୟାର୍‌ର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରଶ୍ମିରଞ୍ଜନ ମହାପାତ୍ର, ତ୍ରିନାଥ ମହାପାତ୍ର, ସୁଜିତ୍ ଦାଶ ଯୋଗଦେଇ ନିଶାନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ଚର୍ଚ୍ଚିକା ସେବା ସମବାୟ ସମିତିର ସାଧାରଣ ସଭା

ସଭାରେ ଯୋଗଦେଇଥିବା ଅତିଥି।

ବାଙ୍କୀ,୧୬।୨(ସ୍ୱ.ପ୍ର.)

ବାଙ୍କୀ ଏନଏସି ଅଧୀନ ଚର୍ଚ୍ଚିକା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତି ସଭାପତି ସଞ୍ଜୟ ପୃଷ୍ଟିଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ପ୍ରତିମା ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସମିତି ପୂର୍ବ ସଭାର ବିବରଣୀ ପଠନ କରାଯିବା ପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପରେ ୨୦୧୯-୨୦ବର୍ଷର ଆୟବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଥିଲା। ବୈଠକରେ ଉପସଭାପତି ସୌଦାମିନୀ ସାହୁ, ପରିଚାଳନା କମିଟି ସଭ୍ୟ ପୁରୁଷଉତ୍ତମ ମହାପାତ୍ର, ପ୍ରଭାତ ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ନରେଶ ବେହେରା, ସୋମନାଥ ପୃଷ୍ଟି ଓ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ

ନେମାଳ,୧୬।୨(ଡି.ଏନ.ଏ.)

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞ।

ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ସ୍ୱନକ୍ଷତ୍ର ଦିବସ ପଦ୍ମବନପୀଠ ନେମାଳଠାରେ ଶନିବାର ପାଳିତ ହୋଇଛି। ଏହି ଅବସରରେ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ୬ ଘଟିକାରେ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମହାମନ୍ତ୍ର ନାମ କୀର୍ତ୍ତନ ଶୁଭାରମ୍ଭ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ସଂକୀର୍ତ୍ତନମଣ୍ଡଳୀ ଉପସ୍ଥିତ ହୋଇ ସଙ୍କୀର୍ତ୍ତନ କରିଥିଲେ। ସମଗ୍ର ପୀଠକୁ ରଙ୍ଗୀନ ଆଲୋକମାଳା, ଫୁଲରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମହାସ୍ନାନ, ଚନ୍ଦନ ତୁଳସୀ ଲାଗି, ନୂତନ ବସ୍ତ୍ର ପରିଧାନ, ରୂପା ମୁକୁଟ ପରିଧାନ, ମଙ୍ଗଳଆଳତି, ପହିଲି ଭୋଗ, ରୀତିନୀତି ଓ ନିତ୍ୟାନି ନୈବେଦ୍ୟ ସମ୍ପନ୍ନ ହେବାପରେ ଶ୍ରଦ୍ଧାଳୁଙ୍କ ନିମିତ୍ତ ପହଡ ଖୋଲାଯାଇଥିଲା। ମଧ୍ୟାହ୍ନରେ ନିତ୍ୟଭୋଗ ଓ ମଧ୍ୟାହ୍ନ ଆଳତି ପରେ ଭକ୍ତଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ମହାପୁରୁଷଙ୍କ ଆରାଧ୍ୟ ଦେବତା ଗୋପୀନାଥ ଜୀଉଙ୍କଠାରେ ଅନ୍ନପ୍ରସାଦ ଲାଗି କରାଯାଇ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ଆଳତିରେ ମାନସିକ ଭକ୍ତଧାରୀ ସମୂହ ଆଳତି ଅର୍ପଣ କରି ବେଢା ପରିକ୍ରମା କରିଥିଲେ। ଭକ୍ତଙ୍କ ଲାଗି ଅନ୍ନପ୍ରସାଦ ରୋଷେଇ ପାଇଁ ୪୦ ପୁଟ୍ ଚୁଲ୍ଲୀରେ ୧୦୦ରୁ ଉର୍ଦ୍ଧ୍ୱ ରୋଷେୟା ପ୍ରସାଦ ପ୍ରସ୍ତୁତିରେ ଲାଗିଥିଲେ। ଆନନ୍ଦ ବଜାରରେ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କର ଖେଚୁଡି ଭୋଗ ସର୍ବସାଧାରଣରେ ବଣ୍ଟନ କରାଯାଇଥିଲା। ପୋଲିସ ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, ଅଚ୍ୟୁତାନନ୍ଦ ବିଦ୍ୟାପୀଠ, ଲାଲବାହାଦୂର ବିଦ୍ୟାପୀଠର ଏନ୍‌ଏସ୍‌ଏସ୍, ଜୟନ୍ତ ବିଦ୍ୟାପୀଠ, ପଞ୍ଚାୟତ ହାଇସ୍କୁଲ, ଜୟନ୍ତୀଦେବୀ ବାଳିକା ବିଦ୍ୟାଳୟ, ସ୍କାଉଟ୍ ଓ ଗାଇଡର ଛାତ୍ରୀଛାତ୍ରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ତହସିଲଦାର ତିତେନ୍ଦ୍ର ପାତ୍ର, ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ଅଚ୍ୟୁତାନନ୍ଦ ଦାସ, ଆଇନଜୀବୀ ଶିଶିର ଦାସ, ପ୍ରସନ୍ନ ବେଉରିଆ, ସାମାଜିକ କର୍ମୀ ଅଜୟ ପୃଷ୍ଟି, ହରେକୃଷ୍ଣ ପୂଝାରୀ, ପଣ୍ଡିତ ଶତୃଘ୍ନ ଦାସ,ବରିଷ୍ଠ ସେବକ ଧରଣୀଧର ପୂଝାରୀ ପ୍ରମୁଖ ପରିଚାଳନା କରିଥିଲେ।

ଶୋକ, ଶୋଭାଯାତ୍ରା, ନୀରବ ପ୍ରାର୍ଥନା

ବାଙ୍କୀ,୧୬।୨(ସ୍ୱ.ପ୍ର.)

ଜମ୍ମୁ-କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପାଇଁ ସାରାଦେଶରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅନ୍ୟ ଅନୁଷ୍ଠାନ ପକ୍ଷରୁ ଶୋକ, କ୍ୟାଣ୍ଡେଲ ଶୋଭାଯାତ୍ରା ଓ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି। ରାଜ୍ୟର ବିଭିନ୍ନ ଅନୁଷ୍ଠାନରେ ଶନିବାର ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭଯାତ୍ରା, ଶୋକସଭା ଓ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କଟକ ଜିଲା ବାଙ୍କୀ ବ୍ଲକ ଅଧୀନ ବାଙ୍କୀ କଲେଜ ଛାତ୍ରୀଛାତ୍ର ଶହୀଦ ଯବାନଙ୍କ ସ୍ମୃତ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ଶ୍ରଦ୍ଧାଞ୍ଜଳି ସଭା କରିବା ସହ ନୀରବ ପ୍ରାର୍ଥନା କରିଥିଲେ। ବାଙ୍କୀ ବରିଷ୍ଠ ନାଗରିକ ସଂଘ, ଓକିଲ ସଂଘ ଏବଂ ଭୂତପୂର୍ବ ସୈନିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। **ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗା ବିଜେଡି ପକ୍ଷରୁ ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। କୁଆଁପାଳସ୍ଥିତ ତାରିଣୀ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ପରେ ବ୍ଲକ୍ ଛକ ସମ୍ମୁଖରେ କ୍ୟାଣ୍ଡେଲ ଜାଳି ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। **ସାଲେପୁର,(ଡି.ଏନ୍.ଏ.):** ସାଲେପୁର କଲେଜ ଇଂରାଜୀ ବିଭାଗ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଛି। ବହୁଗ୍ରାମ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଆତଙ୍କବାଦୀ ବିରୋଧରେ ଶୋଭାଯାତ୍ରା କରାଯାଇଥିଲା। ରାମେଶ୍ୱର ପଞ୍ଚାୟତସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା। ସାଲେପୁର ହାଇସ୍କୁଲ୍ ପରିସରରେ ନୀରବ ପ୍ରାଥନା କରାଯାଇଥିଲା। ଗୋପୀନାଥପୁରସ୍ଥିତ ସାଇ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ନୀରବ ପ୍ରାର୍ଥନା କରାଯାଇଥିଲା। **ନରସିଂହପୁର,(ଡି.ଏନ.ଏ.):** ନରସିଂହପୁର କୋର୍ଟ ପରିସରରେ ଆଇନଜୀବୀ ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ନିଜିଗଡ଼ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ ସହ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ନରସିଂହପୁର ଯୁବ ପରିଷଦ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ବାଲିସାହି ପଞ୍ଚାୟତରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ନରିସଂହପୁର ସାମ୍ବାଦିକ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି। ପାଇକଗଡ଼ପାଟଣା

ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଗ୍ରାମର ସମସ୍ତ ପରିବାର ଶହୀଦଙ୍କ ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନରସିଂହପୁର ଭାଜପା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ମୁରାରୀପୁର ବ୍ରିଜଠାରୁ ବାହାରି ଏକତାଳ ପଞ୍ଚାୟତ ପରକ୍ରମା କରିଥିଲା। **ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଅମୀୟ ସାହୁଙ୍କ ଅଧକ୍ଷତାରେ ସମସ୍ତ କର୍ମଚାରୀ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡାଙ୍କ ଅଧକ୍ଷତାରେ ଅଦାଲତ ପରିସରରେ ନୀରବ ପ୍ରାର୍ଥନା କରିବା ସହ ଅଦାଲତ କାର୍ଯ୍ୟ ବନ୍ଦ କରିଥିଲେ। ଆଠଗଡ ଗଣମାଧମ ପ୍ରତିନିଧିଙ୍କ ପକ୍ଷରୁ ବାଉତୀ ମନ୍ଦିରଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତ ଗଣମାଧମ ପ୍ରତିନିଧି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆଠଗଡ ସହର ପରିକ୍ରମା କରିଥିଲେ। ଶୁକ୍ରବାର ବିଜେଡି ଯୁବ ସଂଗଠକ ଅଭୟ ବାରିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରଥଗଡା ଛକରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଭାଜପା ପକ୍ଷରୁ ବ୍ରଜେନ୍ଦ୍ର ରାୟ ଓ ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବହୁ କର୍ମୀ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଶହୀଦଙ୍କ ପ୍ରତିଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। **ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ନିକଟରେ ନିବାସ ଚନ୍ଦ୍ର ଗାୟାଙ୍କ ନେତୃତ୍ୱରେ ଯୁବକମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଆମ ମାହା

ଯାହାର ଆଖି ନଷ୍ଟ ହୋଇଯାଇଛି ସେ ଅନ୍ଧ ନୁହେଁ। ଯିଏ ନିଜର ଦୋଷକୁ ଦେଖି ନ ପାରୁଛି, ସେ ପ୍ରକୃତରେ ଅନ୍ଧ
-ଶ୍ରୀ ଅରବିନ୍ଦ

ସଂକ୍ଷେପରେ

ଗଣ୍ଡଗୋଳ: ୬ ଗିରଫ

କଟକ ଅଫିସ, ୧୬।୨: ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ଭାଗ ବଣ୍ଟାକୁ ନେଇ ଦୁଇ ପରିବାର ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାର ତଦନ୍ତ କରି ମର୍କଟନଗର ପୋଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳର ପ୍ରମୋଦ ମହାନ୍ତି, ସସ୍ମିତା ମହାନ୍ତି, ରୋହିତ ରାଉତ, ସୌମେନ୍ଦ୍ର ବସ୍ତିଆ, ଶୁଭେନ୍ଦୁ ବସ୍ତିଆ, ପିୟୟଦା ବସ୍ତିଆ। ପୋଲିସ ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଟଙ୍କା ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା।

୫୭ ନଂ. ୱାର୍ଡରେ ପିଠା କାର୍ଯ୍ୟକ୍ରମ

କଟକ ଅଫିସ, ୧୬।୨: ସିଏମ୍‌ସିର ର ୫୭ନଂ. ୱାର୍ଡର ଧାକୁଲେଇ ପୀଠରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନନ୍ଦ କିଶୋର ପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ପ୍ରତିନିଧି ପ୍ରଦୀପ କୁମାର ବେହେରା, ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ମାନସ ମହାପାତ୍ର, ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଗଣେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପିଠା କାର୍ଯ୍ୟକ୍ରମ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

କଟକ ସଦର, ୧୬।୨ (ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁରଠାରେ ଶନିବାର ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାଜପା ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ଭାରତ ପେଟ୍ରୋଲିୟମର ଏରିଆ ମ୍ୟାନେଜର ମନିଷ କୁମାର, ହୃଷୀକେଶ ଜେନା, ଗୋକୁଳ ପ୍ରଧାନ ଓ ବିଜୟ ରାଉତରାୟ ଅତିଥିଭାବେ ଯୋଗଦେଇଥିଲେ। ଝାରଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଉପସ୍ଥିତ ମହିଳାଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଣୀ ନିର୍ମାଲ୍ୟ ଦାଶ, ବାବାଜୀଚରଣ ସାହୁ ଓ ପ୍ରଦୀପ୍ତ କୁମାର ଦାସ ପରିଚାଳନା କରିଥିଲେ।

■ ଜଟଣୀରେ ନାବାଳିକା ବଳାତ୍କାର, ହତ୍ୟା ମାମଲା

ସନ୍ଦେହଘେରରେ ପୋଲିସର ତଦନ୍ତ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)/ ଜଟଣୀ (ଡି.ଏନ୍.ଏ.)

■ ହଟିଲା ହତ୍ୟା ଦଫା, ଲାଗିଲା ୩୦୬

■ ଜେଲ୍ ଗଲେ ଅଭିଯୁକ୍ତ

ପୂର୍ବରୁ ଯାହା ସନ୍ଦେହ କରାଯାଉଥିଲା ତାହାହିଁ ହେଲା। ବଳାତ୍କାର ଘଟଣାକୁ ଚାପି ଦିଆଯିବା ପରେ ଏବେ ମାମଲାରୁ ହତ୍ୟା ଦଫାକୁ ମଧ୍ୟ ହଟାଇ ଦିଆଗଲା। ଏହା ପରିବର୍ତ୍ତେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫା ୩୦୬ ସହ ୩୫୪ (ଏ), ୩୫୪(ବି) ଓ ୧୦ ଲଗାଇ ପୋଲିସ ଶନିବାର ଅଭିଯୁକ୍ତ ଖୋର୍ଦ୍ଧା ଶରଧାପୁରର ଗଜାନନ ବେହେରା (୪୫)ଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟରେ ନାବାଳିକା ଆତ୍ମହତ୍ୟା କରିଥିବା ଦର୍ଶାଯାଇଥିବାରୁ ମାମଲାରୁ ୩୦୨ ଦଫାକୁ କାଢ଼ି ଦିଆଯାଇଥିବା ପୋଲିସ ସଫେଇ ଦେଇଛି। ଏହି ଘଟଣା ପୋଲିସର ତଦନ୍ତକୁ ସନ୍ଦେହ ଘେରକୁ ଟାଣି ଆଣିଛି। ପୀଡିତାଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ପୋଲିସର କାର୍ଯ୍ୟଧାରାକୁ ନେଇ ଅଭିଯୋଗ ଉଠାଇବା ସହ ହତବାକ ହୋଇପଡିଛନ୍ତି।

ତଦନ୍ତକୁ ଆଧାର କରି ପୋଲିସ କହିଛି ଯେ, ଉକ୍ତ ନାବାଳିକାଙ୍କ ବାପା ମରିଯିବା ପରେ ଅଭିଯୁକ୍ତ ଗଜାନନ ତାଙ୍କ ଘରକୁ ଯିବା ଆସିବା କରନ୍ତି। ଏପରିକି ନାବାଳିକାଙ୍କ ମା'ଙ୍କ ସହ ତାଙ୍କର ଖରାପ ସମ୍ପର୍କ ରହିଥିଲା। ସେହିଭଳି ବିଭିନ୍ନ ସମୟରେ ଅଭିଯୁକ୍ତ ଗଜାନନ ନାବାଳିକାଙ୍କୁ ଅସଦାଚରଣ କରିବା ସହ ଅନୈତିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ନାବାଳିକା ତାଙ୍କ ମା'ଙ୍କୁ ଏସବୁ କଥା ଜଣାଇବା ସହ ତାଙ୍କୁ ଘରକୁ ଆସିବାକୁ ମନା କରିବା ପାଇଁ କହିଥିଲେ। କିନ୍ତୁ ଅଭିଯୁକ୍ତ ଗଜାନନ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ କରୁଥିବାରୁ ମା' ଏହାକୁ ବିରୋଧ କରି ନ ଥିଲେ। ଫଳରେ ନାବାଳିକା ଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏପରିକି ନାବାଳିକାଙ୍କଠାରୁ ପୋଲିସ ଏକ ଚିଠି ଜବତ କରିଥିଲା। ଏଥିରେ ମଧ୍ୟ ନାବାଳିକା ଆତ୍ମହତ୍ୟା କରିଥିବା ସ୍ପଷ୍ଟ ଲେଖାଥିବା ପୋଲିସ କହିଛି। ତେଣୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ସ୍ପଷ୍ଟ କରିଛି।

ସୂଚନାଯୋଗ୍ୟ, ଗତ ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ନାବାଳିକାଙ୍କ ମା' ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲେ। ପୂର୍ବାହ୍ନ ୧୧ ସମୟରେ ଘରକୁ ଫେରି ଘର ଭିତରେ ଆଜବେଷ୍ଟସ୍ ଛପରର ଲୁହାରେ ନାବାଳିକାର ମୃତଦେହ ଉଲଗ୍ନ ଅବସ୍ଥାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ତାଙ୍କ ଘରୁ ଅଭିଯୁକ୍ତ ଗଜାନନ ଦୌଡ଼ି ପଳାଇଥିବା ସେ ଦେଖିବାରୁ ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗପତ୍ରରେ ନାବାଳିକାଙ୍କ ମା' ଉଲ୍ଲେଖ କରିଥିଲେ।ଘରକୁ ଯିବା ସମୟରେ ଅଭିଯୁକ୍ତ ଗଜାନନ ଦୌଡି ପଳାଇଯାଇଥିବା ନାବାଳିକାର ମା' ଅଭିଯୋଗ କରିଥିଲେ। ହେଲେ ପୋଲିସ କେବଳ ହତ୍ୟା ଦଫା ଲଗାଇବାରୁ ମୃତା ନାବାଳିକାଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ।

କଟକ ନେତାଜୀ ନଗର ବସ୍ତି ଅଞ୍ଚଳର ଯୁବତୀଙ୍କୁ ଶନିବାର ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

ବିଶ୍ୱବିଦ୍ୟାଳୟ ମାନ୍ୟତା ନ ମିଳିଲେ ଆମରଣ ଅନଶନ

କଟକ ଅଫିସ, ୧୬।୨

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆ ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ। ଜାଣିଶୁଣି ରାଜ୍ୟର ଏହି ପୁରାତନ ମହିଳା ଶିକ୍ଷାନୁଷ୍ଠାନକୁ ଉପେକ୍ଷା କରାଯାଉଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ମଙ୍ଗଳବାର ଠାରୁ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଯଦି ଦାବି ପୂରଣ ନ ହୁଏ ତା'ହେଲେ ଆମରଣ ଅନଶନ କରାଯିବ ବୋଲି ମହାବିଦ୍ୟାଳୟର ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଶନିବାର ମହାବିଦ୍ୟାଳୟ ପରିସରରେ ଏ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୧୦୬ ବର୍ଷର ଏହି ଶିକ୍ଷାନୁଷ୍ଠାନ ରାଜ୍ୟରେ ମହିଳା ଶିକ୍ଷାର ବିକାଶ କ୍ଷେତ୍ରରେ ଏକ ମାଇଲଷ୍ଟୋନ। ୧୨ଟି ସ୍ନାତକୋତ୍ତର ବିଭାଗ ଓ ୧୦ଟି ବିଭାଗରେ ଏମଫିଲ ପାଠ୍ୟକ୍ରମ ଥିବା ଏହି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ମଧ୍ୟ ଭଲ ରହିଛି। ୨୦୦୬ ଓ ୨୦୧୭ ମସିହାରେ ନ୍ୟାଶନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେଶନ କାଉନସିଲ(ନାକ୍) ଦ୍ୱାରା ଏହି ମହାବିଦ୍ୟାଳୟ 'ଏ' ଗ୍ରେଡ ମାନ୍ୟତା ପାଇଛି। ଛାତ୍ରୀନେତା ଦୀପିକା ସାହୁ ଓ ସୁପ୍ରତିନାଥ ଶର୍ମା ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ।

ଜିଲା, ମହାନଗର ମହିଳା ଯାଦବ ସମ୍ମିଳନୀ

ସମ୍ମିଳନୀରେ ଯୋଗ ଦେଇଥିବା ମହିଳାମାନେ।

କଟକ ଅଫିସ, ୧୬।୨

କଟକ ଜିଲା ଓ ମହାନଗର ମହିଳା ଯାଦବ ସଂଗଠନର ସମ୍ମିଳନୀ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ଗୀତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଉତ୍କଳ ଯାବଦ ମହାସଭାର ରାଜ୍ୟ ସଭାପତି ଆଶୀର୍ବାଦ ବେହେରା, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଯୁବ ସଭାପତି ପ୍ରଦୀପ ବେହେରା, ମହାନଗର ସଭାପତି କିଶୋର ଚନ୍ଦ୍ର ବେହେରା ଓ ଜିଲା ସଭାପତି ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଯାଦବ ମହିଳାମାନେ ସଶକ୍ତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗୀଦାର ହେବା ପାଇଁ ଅତିଥିମାନେ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ମହିଳାମାନଙ୍କ ନିମନ୍ତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ମିଳନୀରେ ସ୍ୱାଗତ କରାଯାଇଥିଲା। ସେହିପରି ଆଗାମୀ ସାଧାରଣ ନିର୍ବାଚନ ଓ ପୌର ନିର୍ବାଚନରେ ଯାଦବ ସମ୍ପ୍ରଦାୟର ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ଖୁଣ୍ଟୁଣୀ ନୂତନ ଗ୍ରୀଡ ଉଦ୍‌ଘାଟିତ

ଖୁଣ୍ଟୁଣୀ, ୧୬।୨ (ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ମଥୁରାପୁରଠାରେ ନବନିର୍ମିତ ୧୩୨/୩୩ କେଭି ଗ୍ରୀଡର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିନା ଫଳକରେ ସୁଇଚ୍ ଟିପିବା ପରେ ଖଣ୍ଟୁଣୀ ସବ୍ ଷ୍ଟେଶନକୁ ଚାର୍ଜ କରାଯାଇଥିଲା। ଏହି ଉଦ୍‌ଘାଟନ ସ୍ଥଳରେ ଆଠଗଡ ସେସୁ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ନେପାଳ ସେନ ତାର୍ଜନ, ଓପିଟିସିଏଲର ବହୁ ପଦାଧିକାରୀଙ୍କ ସମେତ ଖୁଣ୍ଟୁଣୀ ଗ୍ରାମ୍ୟ କମିଟି ସଭାପତି ମନୋଜ ମିଶ୍ର ଓ ଗ୍ରାମ କମିଟିର ସଦସ୍ୟ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୂଚନାଥାଉକି, ପୂର୍ବରୁ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଦ୍ୱାରା ୩୫କୋଟି ଟଙ୍କା ବ୍ୟୟରେ ୧୦ଏକର ପରିମିତ ସ୍ଥାନରେ ଏହି ଗ୍ରୀଡକୁ ୨୦୧୮ ମେ' ୩୧ରେ ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ପ୍ରଥମେ ଉଦ୍‌ଘାଟନ କରି ଚାଇଁପାଳ ଗ୍ରୀଡ୍ ସହ ସଂଯୋଗ କରିଥିଲେ।

ଦେବେନ୍ଦ୍ର ଦାଶ ପାଇଲେ ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୧୬।୨ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଗବନ୍ଧୁ ସିଂହଙ୍କ ୧୪୩ତମ ଜୟନ୍ତୀ ଉତ୍ସବ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗବେଷକ ଦେବେନ୍ଦ୍ର ଦାଶଙ୍କୁ 'ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା। ଅତିଥିମାନେ ତାଙ୍କୁ ନଗଦ ଦଶହଜାର ଟଙ୍କା, ଉପଢୌକନ, ମାନପତ୍ର, ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଅରବିନ୍ଦ ପଟ୍ଟନାୟକ କହିଲେ, ଜଗବନ୍ଧୁଙ୍କ ସମେତ ହଜିଯାଉଥିବା ଅନ୍ୟ ମହାପୁରୁଷଙ୍କ କୃତିକୁ ସାଇତି ରଖିବା ପାଇଁ ଓଡ଼ିଶାରେ ଲାଇବ୍ରେରୀ ଆନ୍ଦୋଳନର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାଳ୍ପିକ ଦେବପ୍ରସାଦ ଦାଶ କହିଲେ, ସ୍ୱର୍ଗତ ସିଂହ କେବଳ ଯେ ଜଣେ ଆଇନ ବିଶାରଦ, ରାଜନୀତିଜ୍ଞ ବା ପ୍ରାବନ୍ଧିକ ଥିଲେ ତା' ନୁହେଁ, ଓଡ଼ିଶୀ ସଂଗୀତ, ଆୟୁର୍ବେଦ, ନାଟକ ରଚନା ଓ ଜ୍ୟୋତିଷ ଶାସ୍ତ୍ରରେ ତାଙ୍କର ପାରିଦର୍ଶିତା ରହିଥିଲା। ଓଡ଼ିଆଙ୍କ ମଧ୍ୟରେ ଜାତୀୟତାବାଦ ଜାଗ୍ରତ ସୃଷ୍ଟି କରିବା ସହ 'ଗୀତା ରହସ୍ୟ'ର ଓଡ଼ିଆ ଅନୁବାଦ ଜଗବନ୍ଧୁଙ୍କର ଅନନ୍ୟ କୃତି ବୋଲି ସେ କହିଥିଲେ। କବି କେଦାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜଗବନ୍ଧୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।

ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ/ ଫୁଲନଖରା/ କଣ୍ଟାପଡା/ ଚୌଦ୍ୱାର/ ନିଆଳି, ୧୬।୨ (ଡି.ଏନ୍.ଏ.)

ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କଟକ ଆରଏନ୍‌ଟି କଲେଜ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଗୁରୁବାର ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣରେ ଶହୀଦ ହୋଇଛନ୍ତି ୨ ଓଡ଼ିଆ ଯବାନ ଜଗତ୍‌ସିଂହପୁର ଜିଲା ନାଉଗାଁର ପ୍ରସନ୍ନ କୁମାର ସାହୁ ଓ କଟକ ଜିଲା ନିଆଳି ବ୍ଲକ ଅଧୀନ ରତନପୁର ପଞ୍ଚାୟତର ମନୋଜ ବେହେରା। ଶନିବାର ଉଭୟଙ୍କ ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ପରେ ବିମାନ ବନ୍ଦରରୁ ପ୍ରସନ୍ନଙ୍କ ମରଶରୀରକୁ ଶୋଭାଯାତ୍ରାରେ ତାଙ୍କ ଗ୍ରାମକୁ ନିଆଯାଉଥିବାବେଳେ କଟକ ଲିଙ୍କ୍‌ରୋଡ ନିଟକରେ ଆରଏସ୍‌ଏସ୍, ସିଏମ୍‌ସି ଏବଂ ସ୍ଥାନୀୟ ଲୋକେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବହୁସଂଖ୍ୟାରେ ଲୋକ ଏଥିରେ ସାମିଲ ହୋଇଥିବାବେଳେ ସମର୍ଥକମାନେ ପାକିସ୍ତାନ ମୁର୍ଦ୍ଦାବାଦ ନାରା ଦେଉଥିବା ଦେଖିବାକୁ ମିଳିଥିଲା।

ସେହିପରି ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଞ୍ଜଳି ସଭା, ମହମବତି ଶୋଭାଯାତ୍ରା, ପ୍ରାର୍ଥନା ସଭା ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଟକରେ ଶନିବାର ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନଗୁଡ଼ିକ ଦ୍ୱାରା କେତେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିରଠାରେ ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ବଂଶୀମୋହନ ଶତପଥୀ ଉଦ୍‌ଘାଟନ କରିଥିଲେ। ଶହୀଦଙ୍କ ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଦୀପଦାନ କରାଯାଇଥିଲା। ଶ୍ୟାମସୁନ୍ଦର ସାହୁ, ମାଧବ ମିଶ୍ର, ରବୀନ୍ଦ୍ର ସେଠୀ, ବିଦ୍ୟୁତ୍ ଲାଲା, ବନଲତା ସିଂହ, ନାରାୟଣୀ ସିଂ, ଅମିତା ବେହେରା, ଗୋପାଳ ମିଶ୍ର, କାଶୀନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଓଷ୍ଟା ପକ୍ଷରୁ ମହମବତି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ଏହିଭଳି ବର୍ବରୋଚିତ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଓଷ୍ଟା ରାଜ୍ୟ କାର୍ଯ୍ୟାଳୟରୁ ବାହାରିଥିବା ଏହି ଶୋଭାଯାତ୍ରା ଗୋପବନ୍ଧୁ ଭବନ ପର୍ଯ୍ୟନ୍ତ ଯାଇଥିଲା। ପ୍ରକାଶ ଚନ୍ଦ୍ର ମହାନ୍ତି, ଅକ୍ଷୟ ମିଶ୍ର, ପ୍ରେମାନନ୍ଦ ଜେନା, ଭିକାରି ଚରଣ ସାହୁ, ସନ୍ତୋଷ କୁମାର ଭଙ୍ଗ, ଅମରେନ୍ଦ୍ର ସ୍ୱାଇଁ, ଏମ୍.ଏ. କାସିମ୍ ବେଗ୍, ଲକ୍ଷ୍ମୀଧର ସାହୁ, ଅନନ୍ତ ଦାଶ, ରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ବାଦାମବାଡ଼ି ଅଞ୍ଚଳ ଯୁବକଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା ହୋଇଥିଲା। ଶତାଧିକ ଯୁବକ ବାଦାମବାଡ଼ି ସୁମିତ୍ରା ପ୍ଲାଜା ନିକଟରୁ ଶୋଭାଯାତ୍ରାରେ ବାହାରି ମୁଖ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲେ। ଶହୀଦ ଯବାନ ଅମର ରହେ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିକାଶ ସାହୁ, ଶ୍ରୀକାନ୍ତ ମଙ୍ଗୁଆଳ, ଅଭିଜିତ ସାହୁ, ଶ୍ୟାମ ପ୍ରସାଦ ବେହେରା, ଶକ୍ତିପ୍ରସାଦ ପଟ୍ଟନାୟକ, ଗୁରେନ କୁମାର ଦାସ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

ସମିତି ପକ୍ଷରୁ ନୂଆପଡ଼ା ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଠାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି କାଳୀପ୍ରସନ୍ନ ଦାସ, ସମ୍ପାଦକ ସର୍ବେଶ୍ୱର ମହାନ୍ତି, ସହ ସମ୍ପାଦକ ନାରାୟଣ ସାହୁ, ଉପସଭାପତି ସୌଭାଗ୍ୟ ରଞ୍ଜନ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୁଲୱାମାରେ ଶହୀଦ ହୋଇଥିବା ୨ଓଡ଼ିଆ ଯବାନଙ୍କ ମଧ୍ୟରୁ କଟକ ଜିଲା ନିଆଳିର ଶହୀଦ ମନୋଜ ବେହେରାଙ୍କ ମରଶରୀରକୁ ଶନିବାର ଫୁଲନଖରା ଛକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନିଆଳି ରତନପୁର ଗ୍ରାମର ଶହୀଦ ମନୋଜଙ୍କ ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରୁ ତାଙ୍କ ପୈତୃକ ଗ୍ରାମକୁ ନିଆଯିବା ବାଟରେ ଫୁଲନଖରା ଛକରେ ଅପରାହ୍ନ ୪ଟାରେ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଏଥିପାଇଁ ଫୁଲନଖରା ଛକରେ ଫୁଲନଖରା ବ୍ୟବସାୟୀ ସଂଘ, ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ, ନଖରାର ମା'ମଙ୍ଗଳା ବ୍ୟବସାୟୀ ସଂଘ, ସହଯୋଗ ଓଡ଼ିଶା, ବାଣୀବିହାର ଭାଜପା ମଣ୍ଡଳ ସଭାପତି ନିରଞ୍ଜନ

ଯାହାର ଆଖି ନଷ୍ଟ ହୋଇଯାଇଛି ସେ ଅନ୍ଧ ନୁହେଁ। ଯିଏ ନିଜର ଦୋଷକୁ ଦେଖି ନ ପାରୁଛି, ସେ ପ୍ରକୃତରେ ଅନ୍ଧ:
-ଶ୍ରୀ ଅରବିନ୍ଦ।

ସଂକ୍ଷେପରେ

ଏସ୍‌ସିଏସ୍ କଲେଜ ଏମ୍‌ଫିଲ ପାଠ୍ୟକ୍ରମ
ମାର୍ଚ୍ଚ ସୁଦ୍ଧା ପ୍ରଥମ ବ୍ୟାଚ ପରୀକ୍ଷା ଫଳ

ପୁରୀ ଅଫିସ,୧୬।୨-ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)ର ଏମ୍‌ଫିଲ ପାଠ୍ୟକ୍ରମ ଅନୁମୋଦନ ପ୍ରସଙ୍ଗକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନ ହୋଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରଥମ ବ୍ୟାଚ ବିଦ୍ୟାର୍ଥୀଙ୍କ ପରୀକ୍ଷା ଫଳ ବାହାର କରାଯିବା ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପ୍ରଦାନ କରିଛି। ନୂତନ ଶିକ୍ଷାବର୍ଷରୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ଲାଗି ବ୍ୟବସ୍ଥା କରାଯିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି। ଏନେଇ ଖବର ପ୍ରଚାରିତ ହେବା ପରେ ପିଲାଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏନେଇ କଲେଜ ଅଧ୍ୟକ୍ଷ ମହାନ୍ତି କୁହନ୍ତି, ଏମ୍‌ଫିଲ ପାଠ୍ୟକ୍ରମ ଅନୁମୋଦନ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା କରିଥିଲି। ମାର୍ଚ୍ଚ ସୁଦ୍ଧା ପ୍ରଥମ ବ୍ୟାଚ ପିଲାଙ୍କ ପରୀକ୍ଷା ଫଳ ବାହାର କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୨୫ ଓ ୨୬ତାରିଖରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପ୍ରଥମ ବ୍ୟାଚର ପରୀକ୍ଷା ଫଳ, ଅନୁମୋଦନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। କୁଳପତିଙ୍କ ସହ ଆଲୋଚନା ପରେ ଅନୁମୋଦନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ ବୋଲି କଲେଜ ଅଧ୍ୟକ୍ଷ ମହାନ୍ତି କହିଛନ୍ତି।

୧୯୬ ରନରେ ନଁପୁଟ ବିଜୟୀ

ଖୋର୍ଦ୍ଧା ଅଫିସ,୧୬।୨:
ଖୋର୍ଦ୍ଧା ବ୍ଲକ କାଇପଦର ହାଇସ୍କୁଲ ଖେଳ ପଡିଆରେ ୧୫ ତମ କାଇପଦର କପ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ୫ମ ଦିବସ ମ୍ୟାଚରେ ନଁପୁଟ କ୍ରିକେଟ କ୍ଲବ ଭୁବନେଶ୍ୱର ୧୯୬ ରନରେ ପାନବରଜ କ୍ରିକେଟ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ନଁପୁଟ ଦଳ ୨୧ ଓଭରରେ ୪ ଉଇକେଟ ହରାଇ ୩୨୫ ରନ ସଂଗ୍ରହ କରିଥିଲା। ଜବାବରେ ପାନବରଜ ଦଳ ୧୭.୫ ଓଭରରେ ୧୨୯ ରନ କରି ଅଲ ଆଉଟ୍ ହୋଇଥିଲା। ବିଜୟୀ ନଁପୁଟ ଦଳର ଶିଖର ସ୍ୱାଇଁ ୩୪ ବଲରେ ୮୯ରନ କରିଥିବାବେଳେ ବିକାଶ ରାଉତ ୨୭ ବଲରେ ୬୨ ରନ ଓ ୪ ଓଭର ବୋଲିଂ କରି ୧୧ ରନ ଦେଇ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାରକୁ ହାତେଇ ନେଇଥିଲେ। ଧଜ ସାମନ୍ତରାୟ, ପ୍ରକାଶ ସିଂ ଓ ଟିଙ୍କୁଲି ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। କ୍ରୀଡାବିତ୍ ଲିଟିଲ ଚମ୍ପତିରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।

ଠାକୁରଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୬।୨:ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଟୁଣୀ ସତ୍‌ସଙ୍ଗ କେନ୍ଦ୍ର ଆନୁକଲ୍ୟରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ ତମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଦେବ ମାଙ୍ଗଳିକ ଓ ନହବତ୍, ଉଷା କୀର୍ତ୍ତନ, ଉଷା ବିନତି ପ୍ରାର୍ଥନା, ପ୍ରତିକୃତି ସହ ନଗରକୀର୍ତ୍ତନ, ସଙ୍ଗୀତାଞ୍ଜଳି, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତି ପ୍ରାର୍ଥନା ଆଦି ଅନୁଷ୍ଠିତ ହୋଇଯାଇଛି। ସେହିପରି ଦିବସବ୍ୟାପୀ ଦୀକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଋତ୍ୱିକ ଗତିକୃଷ୍ଣ ଉତ୍ତରକବାଟୀ। ଅନ୍ୟମାନଙ୍କ ମଧ୍ୟରେ ଋତିକ ରାଧାଶ୍ୟାମ ମିଶ୍ର, ବସନ୍ତ ମହାରଣା, ବସନ୍ତ ହରିଚନ୍ଦନ, ଉପେନ୍ଦ୍ର ରାଉତ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଗମ୍ଭାରୀମୁଣ୍ଡା, ବାଣପୁର, ଟାଙ୍ଗୀ, ବାଲୁଗାଁ, ଚାନ୍ଦପୁରଠାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

ବୋଲଗଡ଼,୧୬।୨(ଡି.ଏନ.ଏ.)- ବୋଲଗଡ଼ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ଇତ୍ୟାଦି କରାଯାଇଥିଲା। ଏହି ଅବସରରେ ଥାନା ଆଇଆଇସି ସେଖ ଆକବର ଅଲ୍ଲୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୋଲିସ ଓ ଜନସାଧାରଣଙ୍କ ସୁସମ୍ପର୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ଥାନା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ଆଇନଶୃଙ୍ଖଳା ବଜାୟ ରହିବା ପାଇଁ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି । ସେହିପରି ଆଗାମୀ ସାଧାରଣ ନିର୍ବାଚନ ଯେପରି ଶୃଙ୍ଖଳାର ସହ ଶେଷ ହେବ ସେ ଦିଗରେ ସହଯୋଗ କରିବାକୁ ଉପସ୍ଥିତ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

ଦୁର୍ଘଟଣାରେ ପୁଅର ମୃତ୍ୟୁ ପରେ ଏତଲା କପି ପାଇଁ ଏସପି ଅଫିସକୁ ପରିବାର ଲୋକେ ଆସିଛନ୍ତି । ଏସପିଙ୍କୁ ଅଭିଯୋଗ କରିବାକୁ ଆସିଥିବା କଳ୍ପନା ପ୍ରଧାନ ଓ ଅନ୍ୟମାନେ ।

ନ୍ୟାୟ ବଦଳରେ ମିଳୁଛି ଯନ୍ତ୍ରଣା

ଖୋର୍ଦ୍ଧା ଅଫିସ,୧୬।୨

ନ୍ୟାୟ ବଦଳରେ ଲୋକଙ୍କୁ ପୋଲିସ ହଇରାଣ କରୁଛି। ଲୋକଙ୍କ ଆସ୍ଥାଭାଜନ ହେବା ଓ ନ୍ୟାୟ ଦେବାକୁ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ କହୁଛନ୍ତି। ହେଲେ ଥାନା ଓ ଫାଣ୍ଡିରେ ତାହାର ବିପରୀତ ଦେଖିବାକୁ ମିଳୁଛି। ଏଠାରେ ଆଇନକୁ ନିଜ ଇଚ୍ଛା ମୁତାବକ ଅଧିକାରୀମାନେ ବ୍ୟବହାର କରୁଛନ୍ତି। ଫଳରେ ଲୋକେ ନ୍ୟାୟ ପାଉନାହାନ୍ତି। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ ନ୍ୟାୟ ମିଳୁନାହିଁ।

କେସ୍ ପରେ ଏତଲା କପି ଦେଉନି ପୋଲିସ

ଛଣଗିରି ପେଟ୍ରୋଲ ପମ୍ପ ଛକରେ ଫେବୃୟାରୀ ୧୪ରେ ଭାଜପା ଦଳର ଭାରତ୍ କେ ମନ୍ କି ବାତ୍ ରଥ ଧକ୍କାରେ ସିକୋ ଫାଣ୍ଡି ମୁକ୍ତାପୁର ଗାଁର ପ୍ରକାଶ ପାଇକରାୟ(୨୧) ମୃତ୍ୟୁ ଘଟିଥିଲା। ପୋଲିସ ନଂ. ୨୭/୧୯ରେ ମାମଲା ରୁଜୁ କରିଥିଲେ ମଧ୍ୟ ପ୍ରକାଶଙ୍କ ପରିବାରକୁ ଏତଲା କପି ଦେଉନାହିଁ। ଘଟଣାକୁ ୪ ଦିନ ବିତିଯିବାକୁ ବସିଥିବାବେଳେ ପୋଲିସ ସହଯୋଗ କରୁନି। ଏ ନେଇ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପିଙ୍କୁ ଶନିବାର ମୃତକଙ୍କ ମା'ବାପା, ଗାଁ ଲୋକ ଭେଟି ଫେରାଦ ହୋଇଛନ୍ତି। ମୃତକଙ୍କ ବାପା ପ୍ରଦୀପ ଓ ମା' ବବିତା କହିଛନ୍ତି ରୋଜଗାରିଆ ପୁଅ ଥିଲା ପ୍ରକାଶ। ଡ୍ରାଇଭର ମଦ ପିଇ ଭାଜପା ପରି ଏକ ଜାତୀୟ ଦଳର ଗାଡି ଚଳାଉଥିଲେ ମଧ୍ୟ କେହି ବାରଣ କରି ନ ଥିଲେ। ଡ୍ରାଇଭରଙ୍କ ବେପାରୁଆ ଗାଡି ଚାଳନା ତାଙ୍କ ପୁଅକୁ ମାରିଦେଲା। ହେଲେ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିଲା ନାହିଁ। ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା କହିଥିଲେ, ୭ ଦିନ ଅପେକ୍ଷା କରନ୍ତୁ ଥାନା ପକ୍ଷରୁ ଏତଲା କପି ମିଳିଯିବ। ଦୁର୍ଘଟଣା ମାମଲାରେ ପୋଲିସ ନିଶ୍ଚିତ ସହଯୋଗ କରିବ। ଯଦି ଏତଲା କପି ନ ମିଳିବ ତେବେ ଏସ୍‌ପି ଅଫିସରୁ ଆସି ନେଇଯିବେ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ମାମଲା ପରର ଏତଲା କପି ଜଙ୍କିଆ ଥାନା ପୋଲିସ ପଠାଇଛି କି ନାହିଁ ପଚାରି ବୁଝିବାରେ ନାଁ ଉତ୍ତର ମିଳିଥିଲା।

ସିକୋ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଫେରାଦ

ଜଙ୍କିଆ ଥାନା ସିକୋ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ରାଇମୂଳପାଟଣା ଗାଁର କଳ୍ପନା ପ୍ରଧାନ ପ୍ରତିବାଦ କରି ଅତିରିକ୍ତ ଏସ୍‌ପିଙ୍କୁ ଫେରାଦ୍ ହୋଇଛନ୍ତି। କଳ୍ପନାଙ୍କ ଅଭିଯୋଗ ଅନୁସାରେ, ବାରିପଟେ କୂଅ ଖୋଳାଯାଉଥିଲା। ଗାଁର ଦୁଇଜଣ ଆସି ଗତ ୮ ଓ ୯ ତାରିଖରେ ବାରିପଟେ ପହଞ୍ଚି କୂଅ ଖୋଳା ବନ୍ଦ କରାଇବା ସହ ଗଛ କାଟି ନେଇଥିଲେ। ପ୍ରତିବାଦ କରିବାରୁ ମୋତେ, ସ୍ୱାମୀ ଓ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ ସହ ମାରପିଟ କରିଥିଲେ। ଗଣ୍ଡଗୋଳ ପରେ ଫାଣ୍ଡିରେ ଅଭିଯୋଗ କରିଥିଲି। ହେଲେ ଫାଣ୍ଡି ଅଧିକାରୀ ୪ ଦିନ ବସାଇ ରଖି ସମାଧାନ କରିବାକୁ ଚାପ ପ୍ରୟୋଗ କଲେ। ସମାଧାନ କରିବାକୁ ନାଁ କରିବାରୁ ଓଲଟା କେସ୍ କରି ଜେଲ ପଠାଇ ଦେବେ, ପୁଅଙ୍କ ଚାକିରି କରାଇବାକୁ ବନ୍ଦ କରି ଦିଆଯିବା ଭଳି ଧମକ ଦେଲେ। ଜଙ୍କିଆ ଥାନାରେ ଅଭିଯୋଗ ପରେ ପୁଣି ଫାଣ୍ଡି ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଗଲା। ତଦନ୍ତରେ ମୋତେ ନ୍ୟାୟ ନ ଦେଇ ଅଭିଯୁକ୍ତଙ୍କୁ ଛାଡିଦେଲେ। କେସ୍ କରିବାକୁ ହେଲେ ୫ ହଜାର ଟଙ୍କା ଲାଞ୍ଚ ମାଗିଲେ। ନ ଦେବାରୁ ଫାଣ୍ଡିରୁ କାଢ଼ିଦେଲେ। ଫାଣ୍ଡି ସମ୍ମୁଖରେ ନ୍ୟାୟ ପାଇଁ ଧାରଣା ଦେବା ପରେ ମଧ୍ୟ ସୁଫଳ ମିଳିଲାନି। ଶେଷରେ ଏସ୍‌ପିଙ୍କୁ ଶୁକ୍ରବାର ଅଭିଯୋଗ କରିବାକୁ ଆସିଥିଲାବେଳେ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପିଙ୍କୁ ଫେରାଦ ହୋଇଛନ୍ତି। ଫାଣ୍ଡି ଅଧିକାରୀ ମନମୋହନ ଜାଲି କୁହନ୍ତି, ଦୁଇ ପରିବାର ମଧ୍ୟରେ ଘରବାରି ବିବାଦ ଥିଲା। ମୁଁ ବିବାଦରେ ପଶିବାକୁ ମନା କରୁଥିଲି। ଉଭୟପକ୍ଷର ଅନୁରୋଧକ୍ରମେ ସମାଧାନ କରିବାକୁ ଆଗ୍ରହୀ ହୋଇଥିଲି। କାହାରିକୁ ଖରାପ ବ୍ୟବହାର କି ଲାଞ୍ଚ ମାଗି ନାହିଁ। ତେବେ କଳ୍ପନା ସମାଧାନ କରିବାକୁ କହି ମାମଲା ରୁଜୁ କରିବାକୁ କହିଥିଲେ। ପରେ ତାଙ୍କ ନାଁରେ ବିଭିନ୍ନ ପ୍ରକାର ଅଭିଯୋଗ କରିଛନ୍ତି। ଘଟଣାର ସତ୍ୟତା ନ ଥିବାରୁ ସେ ସତ ପଦାକୁ ଆସୁ ବୋଲି କହିଛନ୍ତି।

ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବେଗୁନିଆ,୧୬।୨ (ଡି.ଏନ.ଏ.)

ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୫୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଠାଣି ଆଗ୍ରାସିଂହ, ବକ୍ତା ଭାବେ ଶିକ୍ଷାବିତ୍ ବାହାଦୁର ଖାଁ ଏବଂ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁରେଶ କୁମାର ସାହୁ, ପରିଚାଳନା କମିଟି ସଭାପତି ପ୍ରମୋଦ ମହାପାତ୍ର ଏବଂ ମହମ୍ମଦ ଇଲିହାସ ହୁସେନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଲିଙ୍ଗରାଜ ପରମଗୁରୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୨୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ତୁଳସୀ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ପିଲାମାନେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ।

ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ଗଣ୍ଡଗୋଳ: ୬ ଗିରଫ

କଟକ ଅଫିସ, ୧୬।୨:

ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ଭାଗ ବଣ୍ଟାକୁ ନେଇ ଦୁଇ ପରିବାର ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାର ତଦନ୍ତ କରି ମର୍କତନଗର ପୋଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳର ପ୍ରମୋଦ ମହାନ୍ତି, ସସ୍ମିତା ମହାନ୍ତି, ରୋହିତ ରାଉତ, ସୌମେନ୍ଦ୍ର ବସ୍ତିଆ, ଶୁଭେନ୍ଦୁ ବସ୍ତିଆ, ପିୟମଦା ବସ୍ତିଆ। ପୋଲିସ ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଟଙ୍କା ଭାଗ ବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା।

ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା ଅଫିସ,୧୬।୨:

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ୍ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷକ ପରିବାର ପକ୍ଷରୁ ଖୋର୍ଦ୍ଧାର ଗୀତାଭବନଠାରେ ମହମବତି ଶୋଭାଯାତ୍ରା ବାହାରିଥିଲା। ଶିକ୍ଷକ ନେତା ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ହୃଷୀକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଟାଙ୍ଗୀ ବ୍ଲକ ରତନପୁର ଗାଁରେ କଳିଙ୍ଗ କନ୍ୟା ପାଇକ ଆଖଡା, ବୋଲଗଡ ବ୍ଲକ ଠଣାପଲ୍ଲୀ ଗ୍ରାମରେ ଠଣାପଲ୍ଲୀ ମିଳିତ ଯୁବକ ସଂଘ ଓ ବାଲୁଙ୍କେଶ୍ୱର ଯୁବ କଳା ପରିଷଦ ପକ୍ଷରୁ ଅନୁରୂପ ଭାବେ ନୀରବ ପ୍ରାର୍ଥନା ଓ ଶୋଭାଯାତ୍ରା କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ରତନପୁରରେ ସୁନୀତା ବେହେରା, ଶକ୍ତି ପ୍ରସାଦ ଦାସ ଓ ଠଣାପଲ୍ଲୀରେ ନବ କିଶୋର ମହାରଣା, ଭାଗୀରଥି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଖୋର୍ଦ୍ଧା ସଭାପତି ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, ଶହୀଦ୍ ଲିୟାକତ ଅଲ୍ଲୀ, ଟିପି. ବାଲାଜି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜଟଣୀ,୧୬।୨(ଡି.ଏନ.ଏ.): ଜଟଣୀର ବିଭିନ୍ନ ସ୍ଥାନରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଓ ଶୋଭାଯାତ୍ରାମାନ ଶନିବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୀରବ ପ୍ରାର୍ଥନା କରାଯାଇ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ସିହ୍ନା, ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ପାଇକରାୟ, ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଅଶୋକ ଅଗ୍ରୱାଲ ସମେତ ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସେହିପରି ସ୍ୱସ୍ତିକ୍ କ୍ୟାରିୟର, ସ୍ୱସ୍ତିଜ୍ୟୋତି, କ୍ରିଷ୍ଟାଲ୍‌ଭାଲି, ରେଲୱେ ସ୍କୁଲ ବିଦ୍ୟାର୍ଥୀଙ୍କ ସମେତ ଆଙ୍ଗଲୋଇଣ୍ଡିଆନ୍ ସମାଜ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପାର୍କଠାରୁ ସୀତାରାମଛକ ପର୍ଯ୍ୟନ୍ତ ନୀରବ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଉତ୍ତରାୟଣୀ ମନ୍ଦିର ନିକଟରୁ ଅନ୍ୟ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସୀତାରାମଛକ ପର୍ଯ୍ୟନ୍ତ ବାହାରିଥିଲା। ଉତ୍ତରାୟଣୀ କ୍ଲବର ସଦସ୍ୟା ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚ, ଜଟଣୀ ଯୁଥ୍ ଫେଡେରେଶନ୍, ଜଟଣୀ ପୁସ୍ତକ ମେଳା କମିଟି, ଲାଲବାହାଦୁର ଶାସ୍ତ୍ରୀ ମହାତ୍ମା ଗାନ୍ଧୀ ସ୍ମୃତି କମିଟି ସମେତ ବିଭିନ୍ନ ଦଳର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

ବୋଲଗଡ,୧୬।୨(ଡି.ଏନ.ଏ.)- ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶନିବାର ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଛି । ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା କର୍ମଚାରୀ ନୀରବ ପ୍ରାର୍ଥନା କରିଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇ ସେମାନଙ୍କୁ ଈଶ୍ୱର ଅସୀମ ଧୈର୍ଯ୍ୟ ଓ ସାହସ ଦେବା ପାଇଁ କାମନା କରିଥିଲେ। ଆହତ ଯବାନମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

ବାଲୁଗାଁ,୧୬।୨(ଡ଼ି.ଏନ.ଏ.)-ଜମ୍ମୁ-କଶ୍ମୀରସ୍ଥିତ ପୁଲୱାମା ସହର ଠାରେ ଗୁରୁବାର ପାକିସ୍ତାନ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ଜଣ ଯବାନ ଶହୀଦ ହୋଇଛନ୍ତି। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶନିବାର ବାଲୁଗାଁ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ପୂର୍ବାହ୍

ଯାହାର ଆଖି ନଷ୍ଟ ହୋଇଯାଇଛି ସେ ଅନ୍ଧ ନୁହେଁ। ଯିଏ ନିଜର ଦୋଷକୁ ଦେଖି ନ ପାରୁଛି, ସେ ପ୍ରକୃତରେ ଅନ୍ଧ।
– ଶ୍ରୀଅରବିନ୍ଦ

ସଂକ୍ଷେପରେ

ନିର୍ବାଚନ କମିଶନଙ୍କ ବ୍ରହ୍ମଗିରି ଗସ୍ତ

ବ୍ରହ୍ମଗିରି, ୧୬।୨(ଡି.ଏନ୍.ଏ.): ନିର୍ବାଚନ କମିଶନ ଅଶୋକ ଲାଭାସା ଶନିବାର ବ୍ରହ୍ମଗିରି ଗସ୍ତ କରିଛନ୍ତି। ସେ ସାତପଡା ଗ୍ରାମପଞ୍ଚାୟତର ଦୁଇଟି ବୁଥ ପରିଦର୍ଶନ କରିବା ସହ ଇଭିଏମ ମେସିନରେ କିପରି ଭୋଟ ଦିଆଯିବ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଲାଭାସା କୃଷ୍ଣପ୍ରସାଦ ବ୍ଲକର ୫୮ ଓ ୫୯ ବୁଥ ପରିଦର୍ଶନ କରିବା ସହିତ ସାତପଡା ଯାତ୍ରୀନିବାସରେ ସ୍ଥାନୀୟ ଲୋକଙ୍କୁ ଇଭିୟମ ମେସିନରେ କିପରି ଭୋଟ ଦେବେ ସେଥିପ୍ରତି ସଚେତନତା କରାଇଥିଲେ। ଏହି ଗସ୍ତ ସମୟରେ ତାଙ୍କ ସହିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଉପ ଜିଲାପାଳ ଭବତାରଣ ସାହୁ, କୃଷ୍ଣପ୍ରସାଦ ବିଡିଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମଉଳା ଫୁଲର ବାସ୍ନା ଉନ୍ମୋଚିତ

ପୁରୀ ଅଫିସ,୧୬।୨: ବାୟୁସେନା ଅଧିକାରୀ, ଦେଶଭକ୍ତ, ସୁଲେଖକ ଓ ବନ୍ଧୁ ବତ୍ସଲ ସ୍ୱର୍ଗତ ଭରତ ଓଝାଙ୍କର ଏକାଦଶାହରେ ଶୁକ୍ରବାର ଶୋକସଭା ଶ୍ରୀଗୁଣ୍ଡିଚା ଭକ୍ତ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ ଓଝାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ମଉଳା ଫୁଲର ବାସ୍ନା ଉନ୍ମୋଚିତ ହୋଇଥିଲା। କବି ଶିବସୁନ୍ଦର ମିଶ୍ର ସଭା ସଞ୍ଚାଳନ କରିଥିଲେ। ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଦୟାନିଧି ପଣ୍ଡା ବେଦପାଠ କରିଥିଲେ। ଏହାପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର, ସୁଲେଖା ସମ୍ପାଦକ ସଦାଶିବ ମିଶ୍ର, ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ସମ୍ପାଦକ ଅନାମ ଚନ୍ଦ୍ର ସାହୁ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ବୀରେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମାନସିଂହ ପ୍ରମୁଖ ସ୍ୱର୍ଗତ ଓଝାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଓଝାଙ୍କ ଶେଷ ସଂରଚନା କବିତା ପାଠ କରିଥିଲେ ଅଧିବକ୍ତା ସର୍ବାଣୀ ଦାସ, ଶ୍ରୀପର୍ଣ୍ଣା ଉମାକାନ୍ତ ମହାପାତ୍ର, ଦେବୀପ୍ରସନ୍ନ ନନ୍ଦ ଓ କୃଷ୍ଣଚନ୍ଦ୍ର ରଥ।

ପିଠା କାର୍ଯ୍ୟକ୍ରମରେ ଉତ୍ତେଜନା: ମହିଳା ଆହତ

ବ୍ରହ୍ମଗିରି, ୧୬।୨(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଘଟକୁଡା ଗ୍ରାମରେ ଶନିବାର ପିଠା କାର୍ଯ୍ୟକ୍ରମରେ ଉତ୍ତେଜନା ସୃଷ୍ଟି ହେବାରୁ ଜଣେ ମହିଳା ଆହାତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ପିଠା କାର୍ଯ୍ୟକ୍ରମ ନେଇ ମହିଳାଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଲୋକଙ୍କ ପାଇଁ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଥିଲା। ତେବେ ଉତ୍ତେଜନା ଖାଦ୍ୟକୁ ନେଇ ହୋଇଥିଲା ବୋଲି ଜଣାପଡ଼ିଛି। ଏଥିରେ ଉମା ଭୋଇ(୪୫) ନାମକ ଜଣେ ମହିଳା ଆହାତ ହୋଇ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି।

କଣାସ ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ ଯୋଗଦାନ

କଣାସ, ୧୬।୨(ସ୍ୱ.ପ୍ର.): କଣାସ ଥାନାରେ ଶନିବାର ସୁଶାନ୍ତ କୁମାର ବେହେରା ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ରାମଚଣ୍ଡୀ ଥାନାକୁ ବଦଳି ହୋଇଛନ୍ତି। ନିର୍ବାଚନ ଆସୁଥିବା ବେଳେ କିପରି ସମସ୍ତଙ୍କ ସହଯୋଗ ନେଇ ଶାନ୍ତିଶୃଙ୍ଖଳାର ସହିତ ଏହାକୁ ପରିଚାଳନା କରିବା ପ୍ରାଥମିକତା ହେବ ବୋଲି ବେହେରା ମତପ୍ରକାଶ କରିଥିଲେ। ବେହେରା ଏହାପୂର୍ବରୁ କାକଟପୁର ଥାନାରେ ରହି କାର୍ଯ୍ୟ କରୁଥିଲେ।

ପୁରୀ ଫଟୋଗ୍ରାଫର ଆସୋସିଏଶନର ସଦସ୍ୟମାନେ ଶନିବାର ଶ୍ରୀମନ୍ଦିର ସମ୍ମୁଖରେ ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ପ୍ରାର୍ଥନା କରୁଛନ୍ତି।

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁଲୱାମାଠାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଦିତ୍ୟବାହିନୀ ପକ୍ଷରୁ ସମୂହ ଦୀପଦାନ।

୨୦୧୭ରେ ଚିହ୍ନଟ ହୋଇଥିଲେ ୭ ଡଲ୍‌ଫିନ

ପୁରୀ ଅଫିସ,୧୬।୨

ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଚଳିତବର୍ଷ ଆଦୌ ଡଲ୍‌ଫିନ ଦେଖାଯାଇ ନାହାନ୍ତି। ଗତ ୧୪ ତାରିଖରେ ଜଙ୍ଗଲ ଏବଂ ପରିବେଶ ବିଭାଗ ପକ୍ଷରୁ ଡଲ୍‌ଫିନ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଗତ ୫ ବର୍ଷର ଡଲ୍‌ଫିନ ଗଣନାକୁ ତର୍ଜମା କଲେ ୨୦୧୭ରେ ପୁରୀ ଡିଭିଜନ ଅଧୀନରେ ସର୍ବାଧିକ ୭ ଡଲ୍‌ଫିନ ଚିହ୍ନଟ ହୋଇଥିଲେ। ୨ ବର୍ଷ ଡଲ୍‌ଫିନ ଦେଖାଯାଇଥିବା ବେଳେ ୩ ବର୍ଷ ଏମାନଙ୍କ ସଂଖ୍ୟା ଶୂନ୍ ରହିଛି। ଚଳିତବର୍ଷ ୧୦ଟି ଟିମ୍ ଗଠନ କରାଯାଇ ଗତ ମାସ ୧୯ ତାରିଖରେ ଡଲ୍‌ଫିନ ଗଣନା କରାଯାଇଥିଲା। ଗତ ୫ ବର୍ଷ ମଧ୍ୟରେ

ପୁରୀ ବନ୍ୟପ୍ରାଣୀ ଡିଭିଜନ

- ୨୦୧୮ରେ ଥିଲେ ୫, ୨୦୧୯ରେ ଶୂନ
- ୫ ବର୍ଷରେ ଏଥର ଅଧିକ ଟିମ୍ ଗଠନ ହୋଇଥିଲା

ସବୁଠୁ ଅଧିକ ଟିମ୍ ଗଣନାରେ ସାମିଲ ହୋଇଥିଲେ ବୋଲି ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପିଛି ପୁରୀ ବନ୍ୟପ୍ରାଣୀ ଡିଭିଜନ। ଏହା ଅଧୀନରେ ୫ଟି ରେଞ୍ଜ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ପ୍ରତିବର୍ଷ ୪ଟି ରେଞ୍ଜରେ ଗଣତି କରାଯାଇଥାଏ। ୨୦୧୫ରେ ଡଲ୍‌ଫିନ ଗଣନା ଲାଗି ୩ଟିମ୍ ଟିମ୍ ଗଠନ କରାଯାଇଥିଲା। ହେଲେ ଗୋଟିଏ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା। ୨୦୧୬ରେ ସମାନ ସଂଖ୍ୟକ ଟିମ୍ ଗଠନ ହୋଇଥିଲା। ପ୍ରତିକୂଳ ପାଗ ଯୋଗୁ ଗଣନା କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିବାବେଳେ ଡଲ୍‌ଫିନ ଆଦୌ ଚିହ୍ନଟ ହୋଇପାରି ନ ଥିଲେ। ୨୦୧୭ରେ ୩ଟି ଟିମ୍ ଗଠନ କରାଯାଇ ଗଣନା କରାଯାଇଥିଲା। ପୁରୀ ଉପକୂଳରେ ୭ଟି ବଟଲନୋଜ ଡଲ୍‌ଫିନ ଠାବ କରିଥିଲେ ଗଣନାକାରୀ। ୨୦୧୮ରେ ମଧ୍ୟ ୩ଟି ଟିମ୍ ଗଠନ ହୋଇଥିଲା। କେଲୁଣି ମୁହାଣ ନିକଟରେ ୫ ବଟଲନୋଜ ଡଲ୍‌ଫିନ ଦେଖା ଯାଇଥିଲେ। ହେଲେ ଚଳିତବର୍ଷ ଏହି ସଂଖ୍ୟା ଶୂନ ରହିବା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି।

ଏ ସମ୍ପର୍କରେ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଜାନୁୟାରୀ ୧୯ରେ ହୋଇଥିବା ଗଣନା ସମୟରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା। କିନ୍ତୁ ଗତ ୧୪ ତାରିଖରେ ଦେବୀନଦୀ ମୁହାଣ ନିକଟରେ ବହୁ ସଂଖ୍ୟାରେ ଡଲ୍‌ଫିନ ଦେଖିବାକୁ ମିଳିଛି। ଏହା ବ୍ୟତୀତ ଜାହାନିଆଁ ନିକଟରେ ମଧ୍ୟ ପର୍ଯ୍ୟଟକମାନେ ଡଲ୍‌ଫିନ ଦେଖିଥିବା କହିଛନ୍ତି। ତେଣୁ ଡଲ୍‌ଫିନ କେତେବେଳେ କେଉଁଠି ବାହାରୁଛନ୍ତି ତାହାର କୌଣସି ନିର୍ଦ୍ଦିଷ୍ଟତା ରହୁନାହିଁ।

ରୂପା ଆଣ୍ଡ ଗ୍ରୁପ୍ ପକ୍ଷରୁ ଶନିବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନର କଳାକାରମାନେ 'ଗୀତ ଗୋବିନ୍ଦ' ପରିବେଷଣ କରୁଛନ୍ତି।

ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କଲେ ଦଇତାପତି ନିଯୋଗ ନୂତନ କର୍ମକର୍ତ୍ତା

ପୁରୀ ଅଫିସ,୧୬।୨

ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା ପାଇଁ ନିମନ୍ତ୍ରଣ କଲେ

ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା ଶନିବାର ସନ୍ଧ୍ୟାରେ ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ସମ୍ପର୍କରେ ଶଙ୍କରାଚାର୍ଯ୍ୟ ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଶଙ୍କରାଚାର୍ଯ୍ୟ କେତେକ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ହେଉଛି ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ ଏବଂ ମୋକ୍ଷର କେନ୍ଦ୍ର। ଏହି ମହାନ୍ ଆଧ୍ୟାତ୍ମିକ କେନ୍ଦ୍ର ପ୍ରତି କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ହେଲେ ଦୀର୍ଘ ସମୟ ଧରି ଏଠାରେ ଚାଲିଥିବା ଅବ୍ୟବସ୍ଥା, ବିଶୃଙ୍ଖଳା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଛି। ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ସମସ୍ତଙ୍କୁ ସତର୍କ ହେବାକୁ ପଡିବ। ଠାକୁରଙ୍କ ପ୍ରତି ସମର୍ପଣ ଭାବ ରଖି ସେବା କରିବା ଦରକାର। ଆଗକୁ ରଥଯାତ୍ରା ଆସୁଛି। ଏହାକୁ ବିଶ୍ୱବାସୀ ଦେଖୁଛନ୍ତି। ତେଣୁ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ସମସ୍ତେ ମିଳିମିଶି ଉଦ୍ୟମ କରିବା ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସେହିପରି ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ ଶଙ୍କରାଚାର୍ଯ୍ୟ। ଏହି ଅବସରରେ ଦଇତାପତି ନିଯୋଗ କର୍ମକର୍ତ୍ତାମାନେ ଶଙ୍କରାଚାର୍ଯ୍ୟଙ୍କୁ ଆଗାମୀ ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା ପାଇଁ ନିମନ୍ତ୍ରଣ କରିଥିଲେ।

ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତାମାନେ ଶନିବାର ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ଆଲୋଚନା କରୁଛନ୍ତି।

ମ୍ୟୁଜିକାଲ ୱାଟର ଫାଉଣ୍ଟେନ କାମରେ ବାଟମାରଣା ଅଭିଯୋଗ

ତଦନ୍ତ ପାଇଁ ଭିଜିଲାନ୍ସକୁ ଦାବିପତ୍ର

ପୁରୀ ଅଫିସ,୧୬।୨

ପୁରୀ ସହରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ମ୍ୟୁଜିକାଲ ୱାଟର ଫାଉଣ୍ଟେନର ପରିକଳ୍ପନା କରିଥିଲା ପର୍ଯ୍ୟଟନ ବିଭାଗ। ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଚୟନ କରାଯାଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକ ବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ମଧ୍ୟ କୁହାଯାଏ। ତେଣୁ ଏଠାରେ ଲେଜର ଶୋ' ମାଧ୍ୟମରେ ମହାପ୍ରଭୁଙ୍କ ଆବିର୍ଭାବ କଥାବସ୍ତୁକୁ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଦେଖାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ସାଢେ ୭ କୋଟି ଟଙ୍କାର ଏହି ପ୍ରକଳ୍ପ କିନ୍ତୁ ପୂର୍ଣ୍ଣକାଳୀନ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଲେଜର ଶୋ' ଆରମ୍ଭ ହୋଇପାରି ନାହିଁ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହା ନଷ୍ଟ ହେବାକୁ ବସିଲାଣି। ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ଫ୍ୟାନ୍, ବଲ୍ବ ଚୋରି ହୋଇଯାଇଛି। ସଞ୍ଚ ନଇଁଲେ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ ଭିଜିଲାନ୍ସ ତଦନ୍ତ ଦାବି କରିଛି ସଚେତନ ନାଗରିକ ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ଶନିବାର ପୁରୀ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ।

■ ଏସ୍‌ସିଏସ୍ କଲେଜ ଏମ୍‌ଫିଲ ପାଠ୍ୟକ୍ରମ

ମାର୍ଚ୍ଚ ସୁଦ୍ଧା ବାହାରିବ ପ୍ରଥମ ବ୍ୟାଚ୍ ପରୀକ୍ଷା ଫଳ

ନୂତନ ଶିକ୍ଷାବର୍ଷରୁ ଆରମ୍ଭ ହେବ ୨ୟ ବ୍ୟାଚ ପାଠପଢ଼ା

ପୁରୀ ଅଫିସ,୧୬।୨

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)ର ଏମ୍‌ଫିଲ ପାଠ୍ୟକ୍ରମ ଅନୁମୋଦନ ପ୍ରସଙ୍ଗକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନ ହୋଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରଥମ ବ୍ୟାଚ ବିଦ୍ୟାର୍ଥୀଙ୍କ ପରୀକ୍ଷା ଫଳ ବାହାର କରାଯିବା ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପ୍ରଦାନ କରିଛି। ନୂତନ ଶିକ୍ଷାବର୍ଷରୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ଲାଗି ବ୍ୟବସ୍ଥା କରାଯିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି। ଏନେଇ ଖବର ପ୍ରଚାରିତ ହେବା ପରେ ପିଲାଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏନେଇ କଲେଜ ଅଧ୍ୟକ୍ଷ ମହାନ୍ତି କୁହନ୍ତି, ଏମ୍‌ଫିଲ ପାଠ୍ୟକ୍ରମ ଅନୁମୋଦନ ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା କରିଥିଲି। ମାର୍ଚ୍ଚ ସୁଦ୍ଧା ପ୍ରଥମ ବ୍ୟାଚ ପିଲାଙ୍କ ପରୀକ୍ଷା ଫଳ ବାହାର କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୨୫ ଓ ୨୬ତାରିଖରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପ୍ରଥମ ବ୍ୟାଚର ପରୀକ୍ଷା ଫଳ, ଅନୁମୋଦନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। କୁଳପତିଙ୍କ ସହ ଆଲୋଚନା ପରେ ଅନୁମୋଦନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ ବୋଲି କଲେଜ ଅଧ୍ୟକ୍ଷ ମହାନ୍ତି କହିଛନ୍ତି।

■ ସାହିଭାଇର ସାମାଜିକ ସଚେତନତା କର୍ମଶାଳା

କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ସମାଜର ବିକାଶ ହେବ

ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବିଭିନ୍ନ ବ୍ୟକ୍ତିତ୍ୱମାନେ।

ପୁରୀ ଅଫିସ,୧୬।୨

ସାମାଜିକ ଅନୁଷ୍ଠାନ ସାହିଭାଇର ଟୁଇଟ୍ କ୍ଲବ ଆନୁକୂଲ୍ୟରେ ସାମାଜିକ ସମସ୍ୟା ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ଜିଲା ସଂସ୍କୃତି ଭବନ ସମ୍ମିଳନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ସଂସ୍ଥାର ସଭାପତି ତଥା ଗୁଜରାଟର ପୂର୍ବତନ ଡିଜିପି ଯୋଗେଶ୍ୱର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ପୂର୍ବତନ ପ୍ରଶାସକ ପଦ୍ମନାଭ ପଣ୍ଡା ମୁଖ୍ୟଅତିଥି, ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଶ୍ରୀଜଗନ୍ନାଥ ସେବା ସଂସ୍ଥାନର ଆବାହକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟଅତିଥି ପଣ୍ଡା କହିଲେ, ପ୍ରତ୍ୟେକ ବ୍ୟକ୍ତି ନିଜ କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବା ଆବଶ୍ୟକ। ଏକ ଶୃଙ୍ଖଳିତ ଏବଂ ଉନ୍ନତ ରାଷ୍ଟ୍ରର ପରିକଳ୍ପନା ଲାଗି ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ସମାଜର ବିକାଶ ହେବ। ଦୁର୍ନୀତି କରିବା ବ୍ୟକ୍ତି ଠାରୁ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ସମପରିମାଣରେ ଦାୟୀ। ସାହିଭାଇର ସଭାପତି ମହାପାତ୍ର କହିଲେ, ନିଜ କର୍ମ ନିଜେ କର ଅନ୍ୟ ଉପରେ ନିର୍ଭର କରିବା ଛାଡ। ନିଜ ଅଞ୍ଚଳର ବିକାଶ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦିଅ। ଜଣେ ସଚେତନ ନାଗରିକ ଭାବେ ରାଷ୍ଟ୍ରର କଲ୍ୟାଣ ଦିଗରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମାଜିକ ଅନୁଷ୍ଠାନ ନିଃସ୍ୱାର୍ଥ ପରିବାର, ଜନ ଜାଗରଣ ମଞ୍ଚ, ବିପିନ ମହାନ୍ତି, ଶାଶ୍ୱତ ରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ପରିଡା, ଲିପୁନା ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ରୁଦ୍ର ସିଂ, ବଦ୍ରି ମିଶ୍ର, ଜୟଶ୍ରୀ ମହାପାତ୍ରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଗାନ୍ଧୀଘାଟଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା।

**ପୁରୀ ଅଫିସ,୧



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ , ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାଆନ୍ତା
- ସକ୍ରେଟିସ୍

ସଂକ୍ଷେପରେ

ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପ ଦାନ

ବ୍ରହ୍ମଗିରି, ୧୬।୨(ଡି.ଏନ୍.ଏ.): ଆତଙ୍କବାଦୀଙ୍କ ଆକ୍ରମଣରେ ଜମ୍ମୁ କଶ୍ମୀର ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଶନିବାର ସନ୍ଧ୍ୟାରେ ବ୍ରହ୍ମଗିରି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଲାରନାଥଙ୍କ ମନ୍ଦିର ସମ୍ମୁଖରେ ସମୂହ ଦୀପ ଦାନ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆତଙ୍କବାଦୀଙ୍କ ଏପରି ବର୍ବରୋଚିତ କାଣ୍ଡକୁ ସବୁ ମହଲରେ ନିନ୍ଦା କରାଯାଇଛି। ଓଡ଼ିଆ ଯବାନ ପ୍ରସନ୍ନ କୁମାର ସାହୁ ଏବଂ ମନୋଜ କୁମାର ବେହେରାଙ୍କ ଶହୀଦ ଘଟଣା ଚାରିଆଡେ ଶୋକାକୁଳ ପରିବେଷ ସୃଷ୍ଟି କରିଛି। ଉଭୟଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଏପରି କାଣ୍ଡ ଘଟାଇଥିବା ଆତଙ୍କବାଦୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଆଇନଜୀବୀ ରମାଶଙ୍କର ପାତ୍ର, ବ୍ରହ୍ମଗିରି ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତି, ପ୍ରଭାକର ବାରିକ, ଭୀମସେନ ସ୍ୱାଇଁ ଓ ଯୁଧିଷ୍ଠିର ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବଣ୍ଟନ

କୃଷ୍ଣପ୍ରସାଦ,୧୬।୨(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ ଚନ୍ଦନ ପଡିଆଠାରେ ଶନିବାର ଉଜ୍ଜ୍ୱଳା ଯୋଜନାରେ ୩୫୦ ମହିଳାଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି। ଫ୍ରିଡମ ଏଚ୍‌ପି ଗ୍ୟାସ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ଚୁଲା ସହ ଗ୍ୟାସଭର୍ତ୍ତି ସିଲିଣ୍ଡର ଦିଆଯାଇଥିଲା। କୃଷ୍ଣପ୍ରସାଦ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଫ୍ରିଡମ ଗ୍ୟାସ୍‌ର ମାଲିକ ଦୁଖୁଣ୍ଡ କୁମାର ନାୟକ ଗ୍ୟାସ ବଣ୍ଟନ କରିଥିବାବେଳେ ଫ୍ରିଡମ ଶାଖା ପରିଚାଳକ ପୂର୍ଣ୍ଣଚନ୍ଦ୍ର ଜେନା, କ୍ଷେତ୍ର ପରିଚାଳକ ପ୍ରହଲ୍ଲାଦ ପାହାଣ, ନିରାପତ୍ତା ବିଭାଗର ପ୍ରଭାକର ପଲେଇ, ଯୁବନେତା ପ୍ରିୟବ୍ରତ ସିଂହସାମନ୍ତ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରେ ଭ୍ରାମ୍ୟମାଣ ଶିବର କରାଯାଇ ମହଳାମାନଙ୍କୁ ଗ୍ୟାସ ଯୋଗାଇ ଦିଆଯିବ ବୋଲି ଫ୍ରିଡମର ମାଲିକ ନାୟକ କହିଛନ୍ତି।

ପାକିସ୍ତାନ ପତାକା ପୋଡିଲେ ପ୍ରେସ କ୍ଲବ ସଦସ୍ୟ

ନିମାପଡ଼ା,୧୬।୨(ଡି.ଏନ୍.ଏ.): ଜମ୍ମୁ-କଶ୍ମୀରର ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଶୋଭାଯାତ୍ରା ଓ ପାକିସ୍ତାନର ପତାକା ପୋଡି ଆଦି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗ୍ରୀନ ଲ୍ୟାଣ୍ଡ ମଣ୍ଡପଠାରେ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରେସ କ୍ଲବ ସଭାପତି ବିଚିତ୍ରାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଘଟଣାକୁ ନିନ୍ଦା କରିବା ସହ ଏଭଳି ଘଟଣା ଦେଶ ପାଇଁ ଦୁଃଖଦ ବୋଲି କହିଥିଲେ। ଏହି ଅବସରରେ ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଥାନା ସମ୍ମୁଖରେ ପାକିସ୍ତାନ ପତାକା ପୋଡିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ମହାନ୍ତି, ନିବେଦିତା ମିଶ୍ର, ରଞ୍ଜନ ପଟ୍ଟନାୟକ, ପ୍ରଦ୍ୟୁମ୍ନ ବେହେରା, ରାଜକିଶୋର ଦାଶ, ଶରତ ସେନାପତି, ମାନସ ଦାସ, ବସନ୍ତ ଦାସ, ସତ୍ୟନ୍ଦ୍ରମୋହନ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦେଶରେ ଆତଙ୍କବାଦୀ ଦମନ ପାଇଁ କେନ୍ଦ୍ରସରକାର ଦୃଢ ପଦକ୍ଷେପ ନେବାକୁ ଦାବି ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ଦାବି ହୋଇଛି।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବ୍ରହ୍ମଗିରି,୧୬।୨(ଡି.ଏନ.ଏ.): ବ୍ରହ୍ମଗିରିର ଖବରକାଗଜ ବିକ୍ରେତା କାଶୀନାଥ ବାରିକଙ୍କ ସ୍ତ୍ରୀ ମନୋରମା ବାରିକ(୬୦)ଙ୍କର ଗତ ଗୁରୁବାର ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁ ସେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଧର୍ମପ୍ରାଣା ଏବଂ ପରୋପକାରୀ ମହିଳା ଭାବେ ବ୍ରହ୍ମଗିରି ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ମନୋରମାଙ୍କ ମୃତ୍ୟୁ ସମୟରେ ତାଙ୍କ ପୁଅ ମନୋରଞ୍ଜନ, ବୋହୂ ସଚଳା, ନାତି ନାତୁଣୀ ଏବଂ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ।

■ ଦୀର୍ଘଦିନ ଧରି ମିଳୁନି ସ୍ଥାୟୀ ପଟ୍ଟା

ସରକାରୀ ସୁବିଧାରୁ ବଞ୍ଚିତ ଗ୍ରାମବାସୀ

ଗୋପ, ୧୬।୨(ଡି.ଏନ୍.ଏ.)

ଦୀର୍ଘବର୍ଷ ଧରି ଗୋପ ତହସିଲ ଅଧୀନ ବେଦପୁର ମୌଜାରେ ଥିବା ଜନସାଧାରଣଙ୍କୁ ସ୍ଥାୟୀ ପଟ୍ଟା ନ ମିଳିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବାବେଳେ ବିଭିନ୍ନ ପ୍ରମାଣପତ୍ର ପାଇଁ ହଇରାଣ ହରକତ ହେଉଛନ୍ତି। ବେଦପୁର ରାଜସ୍ୱ ମୌଜାରେ ଶହ ଶହ ଏକର ଜମି ବେବନ୍ଦୋବସ୍ତ ହୋଇ ପଡ଼ିରହିଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

୧୯୫୨ ମସିହା ଜମିଦାରି ପ୍ରଥା ଉଚ୍ଛେଦ ପରେ ଜମିଦାରଙ୍କ ହାତ ପଟ୍ଟା ମାଧ୍ୟମରେ ପ୍ରଜାମାନଙ୍କୁ ଜମି ହସ୍ତାନ୍ତର କରାଇଥିବାବେଳେ ଭାଗଚାଷୀ ଆଇନ ପ୍ରଚଳନ କରି ବହୁବିଧ ଧାରାରେ ଜମିକୁ ପ୍ରଜାମାନେ ଉପଭୋଗ କରୁଛନ୍ତି। ଏ ନେଇ ଦୀର୍ଘ ବର୍ଷ ଧରି ଗ୍ରାମବାସୀ ବାରମ୍ବାର ସ୍ଥାୟୀ ପଟ୍ଟା ପାଇଁ ଦାବି କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ପଟ୍ଟା ମିଳିପାରିନାହିଁ। ଏହି ସମସ୍ୟାକୁ ନେଇ ଅଭିଯୋଗ ହେବା ପରେ ବୋର୍ଡ଼ ଓ ରେଭିନ୍ୟୁ ପତ୍ର ସଂଖ୍ୟା ନଂ ୩୮୦୪୦ ତା।୦୫।୧୨।୨୦୧୬ ରିଖରେ ବେଦପୁର ମୌଜାର ମିଉଟେଶନ ଧାରାରେ କାର୍ଯ୍ୟ କରି ଭୂମି ମାଲିକମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ କେତେଜଣ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ନୂତନ ପଟ୍ଟା ମିଳିପାରିନାହିଁ। ସ୍ଥାୟୀ ପଟ୍ଟା ନ ମିଳିବା ଫଳରେ ଏହି ମୌଜାରେ ବସବାସ କରୁଥିବା ୩ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସରକାରୀ ଯୋଜନାରେ ବିଜୁ ପକ୍କା ଘର ଆବାସ ଯୋଜନା, ମୋ କୁଡ଼ିଆ, ଜମି ବିକ୍ରି ଖର୍ଦ୍ଦି, ଭାଇ ଭାଗ ବଣ୍ଟନ ପତ୍ର ଓ ଛାତ୍ରୀଛାତ୍ର ପଢ଼ା ନିମନ୍ତେ ଆବଶ୍ୟକ ହେଉଥିବା ଜାତିଗତ ପ୍ରମାଣ ପତ୍ର, ବାସସ୍ଥାନ ସମେତ ବିଭିନ୍ନ ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟରୁ ମିଳିପାରିନାହିଁ। ପ୍ରମାଣ ପତ୍ର ନ ପାଇ ଦଳିତ ବର୍ଗ ଓ ପଛୁଆ ବର୍ଗ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ସମେତ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଜମି ବିକ୍ରି ହୋଇପାରୁ ନ ଥିବାବେଳେ ଦାଖଲ ହସ୍ତାନ୍ତର କରି ଭୂମି ମାଲିକମାନେ ସ୍ୱଳ୍ପ ମୂଲ୍ୟରେ ଜମି ହସ୍ତାନ୍ତର କରିବାକୁ ବାଧ୍ୟ ହେଉଛନ୍ତି। ଏହାର ସମାଧାନ ନିମନ୍ତେ ମୁଖମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଭୂ-ଲେଖ କମିଶନର, ରାଜସ୍ୱ ପରିଷଦ ସଚିବ, ଜିଲାପାଳ, ଉପଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

ଶହୀଦ ମନୋଜଙ୍କୁ ଝୁରୁଛନ୍ତି ଅମରେଶ୍ୱର ହାଇସ୍କୁଲ ଛାତ୍ରୀଛାତ୍ର

ଅମରେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଶହୀଦ ମନୋଜ କୁମାର ବେହେରାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରୁଛନ୍ତି।

କାକଟପୁର, ୧୬।୨(ଡି.ଏନ୍.ଏ.)

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଗତ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୦ ଯବାନଙ୍କ ମଧ୍ୟରୁ କଟକ ନିଆଳି ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତ ଗଜାବର ଗ୍ରାମର ମନୋଜ ବେହେରା(୩୨)ଅନ୍ୟତମ। ଶନିବାର ତାଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ନେତା ଓ ଜନତା ସମସ୍ତେ ଶହୀଦଙ୍କୁ ଲୋତକପୂର୍ଣ୍ଣ ଆଖିରେ ବିଦାୟ ଦେଇଛନ୍ତି। ମନୋଜ ଶହୀଦ ହେବା ଖବର ପାଇ ସେ ପଢୁଥିବା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ଅମରେଶ୍ୱର ଉଚ୍ଚବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏହି ପୁରାତନ ଛାତ୍ରଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି।

୨୦୦୧ରେ ମନୋଜ ମାଟ୍ରିକ ପରୀକ୍ଷା ଦେଇ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ବୋଲି ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି କହିଛନ୍ତି। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମସ୍ତ କର୍ମଚାରୀ ଏକତ୍ରିତ ହୋଇଥିଲେ। ଶହୀଦ ମନୋଜଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଧୂପ, ଦୀପ ଓ ଚନ୍ଦନ ଲଗାଯାଇଥିଲା। ପରେ ସମସ୍ତେ ୧ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଶହୀଦ ମନୋଜ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ ସ୍ଲୋଗାନରେ କମ୍ପିଉଠିଥିଲା ଅମରେଶ୍ୱର ବିଦ୍ୟାଳୟ ପରିସର। ମନୋଜ ଜଣେ କୃତୀ ଛାତ୍ର ହୋଇଥିବାବେଳେ ଖେଳକୁଦରେ ତାଙ୍କର ବିଶେଷ ଆଗ୍ରହ ଥିଲା ବୋଲି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜକିଶୋର ସାହୁ କହିଥିଲେ। ତାଙ୍କ ମୃତ୍ୟୁରେ ସମସ୍ତେ ମର୍ମାହତ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ସାହୁ କହିଥିଲେ। ଶହୀଦ ମନୋଜଙ୍କ ସମ୍ମାନାର୍ଥେ ନିକଟସ୍ଥ ତୁଳସୀପୁର ଗଣେଶ ବଜାରକୁ ଦିନକ ପାଇଁ ବନ୍ଦ ରଖାଯାଇଥିଲା।

ଶହୀଦ ଯବାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଶୋକସଭା

ଗୋପ, ୧୬।୨(ଡି.ଏନ୍.ଏ.)

ଜମ୍ମୁ କଶ୍ମୀରର ପୁଲୱାମାଠାରେ ଗୁରୁବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଯବାନ ପ୍ରାଣ ହରାଇଥିଲେ। ଯବାନମାନଙ୍କ ମୃତ୍ୟୁରେ ସାରା ଦେଶରେ ଶୋକରଛାୟା ଖେଳିଯାଇଛି। ଏହି ଶହୀଦ ଯବାନଙ୍କ ସମ୍ମାନାର୍ଥେ ଓ ଅମର ଆତ୍ମାର ସଦ୍‌ଗତି କାମନା କରି ଗୋପ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ ଶୋକ ସଭା କରାଯାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କେତେକ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। କେତେକ ସଂଗଠନ ପକ୍ଷରୁ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିବା ବେଳେ ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି। ଶନିବାର ଗୋପ ବ୍ଲକ ପରିସରରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଶୋକସଭା କରାଯାଇଥିଲା। ସେହିପରି ଗୋପ ମହାବିଦ୍ୟାଳୟ, ଭଇରିପୁର ୟୁଜିଏମ୍‌ଇ ସ୍କୁଲ, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ, ଗୋପ ସ୍ଥିତ ଜାମିଆ ଫୌଜୁଲ କୁରଆନ ମଦ୍ରାସା ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେହିପରି ନିଃସ୍ୱାର୍ଥ ପରିବାର, ଉତ୍ସର୍ଗ ଆଦି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶହୀଦ ଯବାନଙ୍କ ସମ୍ମାନାର୍ଥେ ଶୋକସଭା କରାଯାଇଥିବା ଜଣାପଡ଼ିଛି।

■ ସତ୍ୟବାଦୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ନୃତ୍ୟ ସଙ୍ଗୀତରେ ଝୁମିଲେ ଦର୍ଶକ

ସତ୍ୟବାଦୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ବିଶିଷ୍ଟ ଅତିଥିମାନେ ।

ସାକ୍ଷୀଗୋପାଳ, ୧୬।୨(ଡି.ଏନ୍.ଏ./ସ୍ୱ.ପ୍ର.)

ଐତିହାସିକ ବକୁଳବନ ସ୍ଥିତ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ୩ଦିନିଆ ୫ମ ବାର୍ଷିକ ସତ୍ୟବାଦୀ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବିଦ୍ୟାଳୟର ପିଲମାନଙ୍କୁ ନେଇ ଅନୁଷ୍ଠିତ ବ୍ଲକସ୍ତରୀୟ ନୃତ୍ୟ ସଙ୍ଗୀତ, ଆଧ୍ୟାତ୍ମିକ ନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଭାମାନଙ୍କୁ ଏହି ଅବସରରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟବାଦୀର ଐତିହ୍ୟ, ସଂସ୍କୃତିକୁ ନେଇ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅରୂପ ପଟ୍ଟନାୟକ ଯୋଗଦେଇ ଉତ୍କଳର କଳା ଦେଶ ବିଦେଶରେ ବେଶ୍ ଆଦୃତ ବୋଲି କହିଥିଲେ। ଉତ୍କଳୀୟ କଳା ସଂସ୍କୃତି ଓ ଲୋକକଳାକୁ ଉଜ୍ଜୀବିତ ରଖିବା ନିମନ୍ତେ ମେଳା ମହୋତ୍ସବ ଆୟୋଜନ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟାଲିନ ପରିଜା, ଜୟନ୍ତ କୁମାର ଷଡଙ୍ଗୀ, ବିଶ୍ୱନାଥ ରଥ, ବିଶ୍ୱଜିତ ଶତପଥୀ, ବିମଳେନ୍ଦୁ ଦାଶ, ରତିକାନ୍ତ ମିଶ୍ର, ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ, ଗୋଟିପୁଅ, ନୃତ୍ୟ ନାଟିକା, ସମ୍ବଲପୁରୀ ନୃତ୍ୟ ସହିତ ତାନସେନ୍ ସିଂ ଓ ସାଥୀଙ୍କ ଓଲିଉଡ ନାଇଟରେ ଲୋକପ୍ରିୟ ଆଧୁନିକ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହୋତ୍ସବ କମିଟି ସଭାପତି ସଭାରେ ଅଧ୍ୟକ୍ଷତା କରିଥିଲେ।

ସାକ୍ଷୀଗୋପାଳ ଠାକୁରଙ୍କ ଗଜଉଦ୍ଧାରଣ ବେଶ

ସାକ୍ଷୀଗୋପାଳ, ୧୬।୨(ଡି.ଏନ୍.ଏ.)

ପବିତ୍ର ମାଘମାସ ବଡ ଏକାଦଶୀ ଅବସରରେ ପାରମ୍ପରିକ ରୀତିରେ ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଭକ୍ତମାନଙ୍କର ଭିଡ ଲାଗିଥିଲା। ରତ୍ନସିଂହାସନ ଉପରେ ଠାକୁର ଗରୁଡ ପୃଷ୍ଠରେ ବିରାଜମାନ କରି ହସ୍ତୀକୁ କୁମ୍ଭୀର ଆକ୍ରମଣରୁ ରକ୍ଷା କରିବାର ଦୃଶ୍ୟ ଭକ୍ତମାନଙ୍କୁ ବେଶ ଆମୋଦିତ କରିଥିଲା। ଠାକୁରଙ୍କ ଛନ୍ଦାଚରଣ ଓ ଶ୍ରୀଭୁଜକୁ ଲୁଚାଯାଇ ୨ଟି ଖଞ୍ଜା ଗୋଡ ଓ ଚାରୋଟି ଖଞ୍ଜାହସ୍ତ ଲଗାଯାଇ ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ରାଧାରାଣୀଙ୍କ ଶ୍ରୀପୟରକୁ ଢାଙ୍କି ଦିଆଯାଇ ଅନ୍ୟ ଦୁଇଟି ପୟର ଖଞ୍ଜା ଯାଇଥିଲା। ଏଥିଲାଗି ମନ୍ଦିରରେ ମଧ୍ୟାହ୍ନରୁ ଦୈନନ୍ଦିନ ଦେବନୀତି ଆରମ୍ଭ କରାଯାଇ ସନ୍ଧ୍ୟାଧୂପ ଅପରାହ୍ନରେ ଶେଷ ହୋଇଥିଲା। ପରେପରେ ବଡସିଂହାର ବେଶରେ ଠାକୁରଙ୍କୁ ଗଜଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଥିଲା। ଏହିବେଶ କରିବା ପାଇଁ ସିଂହାରୀ ସେବାୟତ ବିରଜା ପ୍ରସାଦ ଜଳନ୍ଧର ମହାପାତ୍ର, ବିଜୟ କୁମାର ମହାପାତ୍ରଙ୍କୁ ଭଣ୍ଡାର ମେକାପ ରାଧଶ୍ୟାମ ମେକାପ ସହଯୋଗ କରିଥିଲେ। ଦର୍ଶନ ପରେ ଭକ୍ତମାନେ ବେଶ ଖିରି ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଥିଲା। ସତ୍ୟବାଦୀ ଥାନା ଅନ୍ତର୍ଗତ ପାଣିଓରା ଗ୍ରାମର ଆନନ୍ଦ ସାହୁ ୧୫୦ ବର୍ଷ ତଳେ ଏହିବେଶ ଆରମ୍ଭ କରାଇଥିଲେ। ତାଙ୍କ ପରିବାର ପକ୍ଷରୁ ଦୀନବନ୍ଧୁ ସାହୁ ଏବେ ବେଶ ଚଳାଇଆସୁଛନ୍ତି। ବେଶ ସରିବା ପରେ ପ୍ରଥମେ ଦୀନବନ୍ଧୁଙ୍କ ପରିବାର ବର୍ଗ ଠାକୁରଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ।

ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ପିପିଲି,୧୬।୨(ଡି.ଏନ.ଏ)

ଜମ୍ମୁ-କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଶୋକସଭା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଏ ଉଦ୍ଦେଶ୍ୟରେ ଶନିବାର ପିପିଲିର ନହଳାପଡା ହାଇସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସେଣ୍ଟ ଜାଭିୟର ହାଇସ୍କୁଲ ଭଳି ଅନେକ ଶିକ୍ଷାନୁଷ୍ଠାନ ସମେତ ବେସରକାରୀ ଅନୁଷ୍ଠାନଗୁଡିକରେ ଶୋକସଭା ଅନୁ